ତୃତୀୟ ବର୍ଷ ● ତୃତୀୟ ସଂଖ୍ୟା
ମାର୍ଚ୍ଚ-ଅପ୍ରେଲ, ୨୦୧୮



ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)









ଭୁବନେଶ୍ୱରର ଜୁପିଟର ବିଜ୍ଞାନ ମହାବିଦ୍ୟାଳୟରେ
'ବେଦରେ ବିଦ୍ୟାର୍ଥୀ ଜୀବନ' ଶୀର୍ଷକ ଆଲୋଚନାଚକ୍ର





ବୈଦିକ ସତ୍‌ସଙ୍ଗ ଆଶ୍ରମ, ବାଲିମେଲା ପକ୍ଷରୁ ଭାରତୀୟ ନବବର୍ଷ (ଚୈତ୍ର ଶୁକ୍ଳ ପ୍ରତିପଦା) ପାଳିତ



ଶ୍ରୁତିନ୍ୟାସ ପକ୍ଷରୁ ରାମନବମୀରେ ନିମାଇଁ ଚରଣ ସ୍ୱାଇଁଙ୍କ ବ୍ୟାଖ୍ୟାନ



ବେଦ ପ୍ରଚାର ସମିତି, ସୁବର୍ଣ୍ଣପୁର ପକ୍ଷରୁ ଗଡ଼ିଆ ଗ୍ରାମରେ ରାମନବମୀ



ଆର୍ଯ୍ୟସମାଜ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ବେଦ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଘାଟନ



କାର୍ଯ୍ୟକ୍ରମ ସଂଯୋଜନା କରୁଛନ୍ତି ରାଜକିଶୋର ସାହୁ



ଉପସ୍ଥିତ ଶ୍ରୋତୃମଣ୍ଡଳୀ



ଶ୍ରଦ୍ଧାଳୁ ଯଜମାନଙ୍କ ଦ୍ୱାରା ଯଜ୍ଞାନୁଷ୍ଠାନ





ରାୟଗଡ଼ା ଆର୍ଯ୍ୟସମାଜ ପକ୍ଷରୁ ଇନ୍ଦିରା ନଗରଠାରେ ବେଦ ପ୍ରବଚନ ଓ ବିଶ୍ୱଶାନ୍ତି ଯଜ୍ଞ

ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି । (ଅଥର୍ବ.୧:୧:୪)
**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)



ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ପରିଚାଳନା ସମ୍ପାଦକ
**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ସାହୁ**

କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଫେଜ୍-୭**
**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
ଦୂ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org


**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-


**Shruti Sourabha**
Spiritual Social Vedic Magazine
Bimonthly
Vol-3, Issue-3, Mar-April 2018


## ସୂଚୀପତ୍ର


| | | |
|---|---|---|
| ୦୧. | ଅଧ୍ୟାତ୍ମରେ ଗୁରୁ | ୦୨ |
| ୦୨. | ସ୍ୱସ୍ତିବାଚନ | ୧୪ |
| ୦୩. | ବେଦରେ ଈଶ୍ୱରଙ୍କ ସ୍ୱରୂପ | ୨୦ |
| ୦୪. | ସତ୍ୟାର୍ଥ ପ୍ରକାଶ | ୨୮ |


## ଏକାତ୍ମତା ସୂତ୍ର

| | |
|---|---|
| ଆମର ଏକ ଧର୍ମ | - ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - ବେଦ |
| ଆମର ଏକ ଉପାସ୍ୟ ଦେବ | - ଓ୩ମ୍ |
| ଆମର ଏକ ଅଭିବାଦନ | - ନମସ୍ତେ |
| ଆମର ଏକ ଜାତି | - ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

# ଅଧ୍ୟାତ୍ମରେ ଗୁରୁ

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ପ୍ର.କ. —** ଜଣେ ଦର୍ଶକବନ୍ଧୁ ପତ୍ର ଲେଖିଛନ୍ତି। ସେ ପ୍ରଶ୍ନ କରିଛନ୍ତି — 'ଆଧ୍ୟାତ୍ମିକ ଉନ୍ନତି ସାଧନ ପାଇଁ ଗୁରୁ ଗ୍ରହଣ ଜରୁରୀ କି ?'

**ସ୍ୱାମୀଜୀ —** ସଂସାରରେ ଆମେ ଯେତେ ପ୍ରାଣୀ ଦେଖୁଛେ ସବୁ ପ୍ରାଣୀଙ୍କ ଭିତରେ ଜ୍ଞାନ ଅଛି। ସେ ଜ୍ଞାନ ଦୁଇ ଭାଗରେ ବିଭକ୍ତ। ଗୋଟିଏ ହେଲା ସ୍ୱାଭାବିକ ଜ୍ଞାନ। ଅନ୍ୟଟି ହେଲା ନୈମିତ୍ତିକ ଜ୍ଞାନ। ସ୍ୱାଭାବିକ ଜ୍ଞାନ କ'ଣ ? ଜନ୍ମ ସହ, ନିର୍ଦ୍ଦିଷ୍ଟ ଜାତିର ପ୍ରାଣୀର ଶରୀର ସହ ତାକୁ ଯେଉଁ ଜ୍ଞାନ ମିଳିଥାଏ ତାହାକୁ କୁହାଯାଏ ସ୍ୱାଭାବିକ ଜ୍ଞାନ। ପରବର୍ତ୍ତୀ କାଳରେ କୌଣସି ନିମିତ୍ତ କାରଣରୁ ଅର୍ଥାତ୍ ମାତା, ପିତା, ଗୁରୁ, ପରିବାର, ଗୋଷ୍ଠୀ, ସମାଜ, ପୁସ୍ତକ, ବିଦ୍ୟାଳୟ ଆଦି ଠାରୁ ଯେଉଁ ଜ୍ଞାନ ଲାଭ ହୁଏ ତାକୁ କୁହାଯାଏ ନୈମିତ୍ତିକ ଜ୍ଞାନ। ମଣିଷକୁ ଛାଡ଼ି ଅନ୍ୟ ସମସ୍ତ ପଶୁ-ପକ୍ଷୀ-କୀଟ-ପତଙ୍ଗଙ୍କ ପାଖରେ ସ୍ୱାଭାବିକ ଜ୍ଞାନ ଯଥେଷ୍ଟ ପରିମାଣରେ ଅଛି, ଯେଉଁଥିରେ କି ସେମାନଙ୍କର ଜୀବନର ଆବଶ୍ୟକତା ପୂରଣ ସେମାନେ କରିପାରିଥାନ୍ତି। ଅର୍ଥାତ୍ ଖାଇବା-ପିଇବା, ସନ୍ତାନ ଜନ୍ମ କରିବା, ସେମାନଙ୍କ ଲାଳନ-ପାଳନ କରିବା ଆଦି ଜୀବନଯାପନ କରିବା ପାଇଁ ଯାହା-ଯାହା କାମ ସେମାନଙ୍କ ନିମନ୍ତେ ଆବଶ୍ୟକ, ସେ ସବୁ କରିବାର ଜ୍ଞାନ ପରମାତ୍ମା ସେମାନଙ୍କୁ ସେମାନଙ୍କ ଜନ୍ମ ସହ ଦେଇଦେଇଥାନ୍ତି। ବୟସ, ଆବଶ୍ୟକତା ଅନୁସାରେ ସେ ସବୁ ଆପେ ପରିସ୍ଫୁଟ, ବିକସିତ ହୋଇଚାଲେ। ସେମାନଙ୍କ ଜୀବନ ଧାରଣ ପାଇଁ ସେମାନଙ୍କୁ ମାତା-ପିତା, ଗୋଷ୍ଠୀ, ପରିବାର ଠାରୁ ଅଳ୍ପ କିଛି-କିଛି ଶିଖିବାକୁ ହୁଏତ ପଡ଼ିଥାଏ। ବିଶେଷ ଶିଖିବାର ଆବଶ୍ୟକତା ପଡ଼ିନଥାଏ। କିନ୍ତୁ ମଣିଷ ଶିଶୁ ପାଖରେ ସ୍ୱାଭାବିକ ଜ୍ଞାନ ବହୁତ କମ୍। ଅନ୍ୟ ପଶୁ-ପକ୍ଷୀଙ୍କ ଛୁଆ ଅପେକ୍ଷା ମଣିଷ ଶିଶୁ ଅଧିକ ଅସହାୟ। ନିଜ କାମ ନିଜେ କରିବା, ଭଲ-ମନ୍ଦ ବୁଝିବା, ନିଜ ଆବଶ୍ୟକତା ନିଜେ ପୂରଣ କରିବାକୁ ତାକୁ ବହୁ ଦିନ ଲାଗିଯାଏ। ମଣିଷକୁ ପ୍ରାୟତଃ ସବୁ କିଛି ଅନ୍ୟଠାରୁ ଶିଖିବାକୁ ପଡ଼ିଥାଏ। ତେଣୁ ମଣିଷର ସ୍ୱାଭାବିକ ଜ୍ଞାନ କମ୍, ନୈମିତ୍ତିକ ଜ୍ଞାନ ଅଧିକ। ସ୍ୱାଭାବିକ ଜ୍ଞାନ ଦ୍ୱାରା ମଣିଷର ପ୍ରଗତି ତ ଦୂରର କଥା, ସାମାନ୍ୟ ଜୀବନ-ଯାପନ ବି ଦୁଷ୍କର। ତେଣୁ ତା' ପାଇଁ ନୈମିତ୍ତିକ ଜ୍ଞାନର ଅତି ଆବଶ୍ୟକତା ଅଛି। ନୈମିତ୍ତିକ ଜ୍ଞାନ ଗ୍ରହଣ କରିବାର କ୍ଷମତା ମଧ୍ୟ ମଣିଷ ପାଖରେ ବହୁତ।

**ପ୍ର.କ. —** ଯେମିତିକି ଆମ ମୋବାଇଲ୍‌ରେ Inbuilt application ରହୁଛି ଓ download application ରହୁଛି। ମଣିଷର Inbuilt app କମ୍ ଓ download କରି ସେ ବହୁତ କିଛି ଶିଖିପାରେ।

**ସ୍ୱାମୀଜୀ —** ହଁ, ତାହା କୁହାଯାଇପାରେ। ବାହାରୁ ଆହରଣ କରି ନିଜ ଭିତରେ ଧରି ରଖିବାର ବହୁତ କ୍ଷମତା ମଣିଷକୁ ଈଶ୍ୱର ଦେଇଛନ୍ତି। ଯେହେତୁ ମଣିଷ ପାଖରେ ସ୍ୱାଭାବିକ ଜ୍ଞାନ ବହୁତ କମ୍, ତେଣୁ ମଣିଷ ଭାବେ ବଞ୍ଚିବା ପାଇଁ ମଧ୍ୟ ତାକୁ ଅନ୍ୟଠାରୁ ଶିକ୍ଷାଗ୍ରହଣ କରିବା ଜରୁରୀ ହୋଇଥାଏ। ଆଉ ମଣିଷ ମୁଖ୍ୟ-ମୁଖ୍ୟ ରୂପେ ଯାହାଠାରୁ ଶିକ୍ଷା ନିଏ ତାଙ୍କୁ 'ଗୁରୁ' ଆଖ୍ୟା ଦିଆଯାଇଛି। ପ୍ରଥମରେ ମଣିଷ ଶିଶୁଟିଏ କାହାଠାରୁ ଶିଖେ ?

**ପ୍ର.କ. —** ମା' ଠାରୁ ଶିଖେ।

**ସ୍ୱାମୀଜୀ —** ତେଣୁ ମା'କୁ ପ୍ରଥମ ଗୁରୁ ବୋଲି ଆମ ଶାସ୍ତ୍ରରେ କୁହାଯାଇଛି। ଶତପଥ ବ୍ରାହ୍ମଣରେ କୁହାଯାଇଛି

ଯେ ମଣିଷକୁ ଯଥାର୍ଥତଃ ଜ୍ଞାନବାନ୍ ହେବା ପାଇଁ ତିନି ଜଣ ଶିକ୍ଷକଙ୍କ ସହାୟତା ଆବଶ୍ୟକ ହୋଇଥାଏ — ମାତା, ପିତା ଓ ଆଚାର୍ଯ୍ୟ ବା ଗୁରୁ। ଏ ତିନୋଟି ଶିକ୍ଷକ ଉତ୍ତମ ହେଲେ ସନ୍ତାନଟି ଉତ୍ତମ ମଣିଷ ହୋଇପାରିଥାଏ। ଅତୀତରେ ବୈଦିକ ବ୍ୟବସ୍ଥା ଥିଲା ଯେ ପାଞ୍ଚ ବର୍ଷ ବୟସ ପର୍ଯ୍ୟନ୍ତ ସନ୍ତାନକୁ ମାତା ଶିକ୍ଷା ଦେବେ। ୬ରୁ ୮ ବର୍ଷ ବୟସ ପର୍ଯ୍ୟନ୍ତ ପିତା ଶିକ୍ଷା ଦେବେ। ୮ ବର୍ଷ ବୟସ ପରେ ଗୁରୁଙ୍କ ନିକଟକୁ ଗୁରୁକୁଳକୁ ପଠାଯାଉଥିଲା। ସେଠାରେ ସେ ଗୁରୁଙ୍କ ଠାରୁ ବିବିଧ ବିଷୟ ଶିକ୍ଷା ଗ୍ରହଣ କରୁଥିଲା। **'ଗୃ ଶବ୍ଦେ'** ଧାତୁରୁ **'ଗୁରୁ'** ଶବ୍ଦର ଉତ୍ପତ୍ତି। ମହର୍ଷି ଦୟାନନ୍ଦ ସରସ୍ୱତୀ ଉଣାଦି କୋଷରେ ଗୁରୁ ଶବ୍ଦର ସୁନ୍ଦର ବ୍ୟାଖ୍ୟା ଦେଇଛନ୍ତି — **'ଗୃଣାତ୍ୟୁପଦିଶତି ବେଦଶାସ୍ତ୍ରବିଦ୍ୟାମାଚାରଂ ଚ ସ ଗୁରୁଃ ଆଚାର୍ଯ୍ୟଃ'** (ଉଣାଦିକୋଷ. ୧:୨୪) — ଯିଏ ବେଦ-ଶାସ୍ତ୍ର ବିଦ୍ୟାର ଉପଦେଶ ଦିଅନ୍ତି ଓ ସଦାଚାର ଶିକ୍ଷା ଦିଅନ୍ତି, ତାଙ୍କୁ ଗୁରୁ, ଆଚାର୍ଯ୍ୟ ବୋଲି କୁହାଯାଏ।

ବେଦରେ ଭୌତିକ ବିଦ୍ୟା ବି ଅଛି ଓ ଅଧ୍ୟାତ୍ମ ବିଦ୍ୟା ବି ଅଛି। ତେଣୁ ଗୁରୁକୁଳରେ ଗୁରୁ ଉଭୟ ପ୍ରକାର ବିଦ୍ୟା ଶିକ୍ଷା ଦେଉଥିଲେ। ସାହିତ୍ୟ, ଗଣିତ, ବିଜ୍ଞାନ, ଭୂଗୋଳ, ଖଗୋଳ, ଚିକିତ୍ସା, ଶିଳ୍ପବିଦ୍ୟା ଆଦି ବିବିଧ ଭୌତିକ ବିଦ୍ୟା ଶିକ୍ଷା ଦେଉଥିଲେ। ତା' ସହ ଆତ୍ମା-ପରମାତ୍ମା, କର୍ମ-କର୍ମଫଳ, ସଂସ୍କାର ପରିବର୍ତ୍ତନ, ବୃତ୍ତି ନିୟନ୍ତ୍ରଣ, ଧ୍ୟାନ, ଯୋଗ, ଯଜ୍ଞ ଆଦି ଆଧ୍ୟାତ୍ମିକ ଶିକ୍ଷା ବି ଦେଉଥିଲେ। କାରଣ କେବଳ ଭୌତିକ ବିଦ୍ୟା ଦ୍ୱାରା ମଣିଷ ଯଥାର୍ଥରେ ମଣିଷ ହୋଇପାରିବ ନାହିଁ। ତା'ର ସମନ୍ୱିତ ଓ ସାମଗ୍ରିକ ବିକାସ ହୋଇପାରିବ ନାହିଁ। ଆଧ୍ୟାତ୍ମିକ ଜ୍ଞାନ ବି ଏକାନ୍ତ ଆବଶ୍ୟକ। କିନ୍ତୁ ବର୍ତ୍ତମାନ ବିଦ୍ୟାଳୟରେ ଭୌତିକ ବିଦ୍ୟା, ଅର୍ଥ ଉପାର୍ଜନକାରୀ ବିଦ୍ୟା ତ ଶିଖାଯାଉଛି; ଅଥଚ ଆଧ୍ୟାତ୍ମିକ ଜ୍ଞାନ ଶିଖାଯାଉନାହିଁ। ତେଣୁ ଆଧ୍ୟାତ୍ମିକ ଜ୍ଞାନ ଅନ୍ୟତ୍ର ଶିକ୍ଷା କରିବାର ଆବଶ୍ୟକତା ପଡୁଛି। ସାହିତ୍ୟ, ବିଜ୍ଞାନ, ଗଣିତ, ଗୀତ, ବାଦ୍ୟ, ନୃତ୍ୟ ଆଦି ଅପେକ୍ଷାକୃତ ସ୍ଥୂଳ ବିଦ୍ୟା। ଆଧ୍ୟାତ୍ମିକ ବିଦ୍ୟା, ଆତ୍ମା-ପରମାତ୍ମା ସମ୍ବନ୍ଧୀୟ ବିଦ୍ୟା ଏସବୁ ଅପେକ୍ଷା ସୂକ୍ଷ୍ମ ବିଦ୍ୟା। ଯଦି ସ୍ଥୂଳ ବିଦ୍ୟା ଶିକ୍ଷା ପାଇଁ ଜଣେ ଶିକ୍ଷକ, ମାର୍ଗଦର୍ଶକ ନିହାତି ଜରୁରୀ, ତେବେ ସୂକ୍ଷ୍ମ ବିଦ୍ୟା ପାଇଁ ଆହୁରି ଯୋଗ୍ୟ ପ୍ରଶିକ୍ଷକ, ମାର୍ଗଦର୍ଶକ ନିହାତି ଆବଶ୍ୟକ। ବିନା ଆଧ୍ୟାତ୍ମିକ ମାର୍ଗଦର୍ଶକରେ ଜଣେ ଯଦି ଅଧ୍ୟାତ୍ମ ମାର୍ଗରେ ଗତି କରେ ତେବେ ତା'ର ସ୍ଥିତି ଘନ ଜଙ୍ଗଲରେ ବାଟବଣା ବାଟୋଇ ଭଳି ହେବ, ଜୀବନର ବହୁ ଭାଗ ବୃଥା ଇତସ୍ତତଃ ଖୋଜି ବୁଲିବାରେ ନଷ୍ଟ ହେବ। ଯେଉଁ ଈଶ୍ୱର ଆଧ୍ୟାତ୍ମିକ ଉନ୍ନତିର ଲକ୍ଷ୍ୟ ସେହି ଈଶ୍ୱରଙ୍କ ବାସ୍ତବିକ ସ୍ୱରୂପ କ'ଣ ? ତାଙ୍କୁ ପ୍ରାପ୍ତ କରିବାର ସାଧନାର ବାସ୍ତବିକ ପଦ୍ଧତି କ'ଣ ? କେଉଁଠୁ ଆରମ୍ଭ କରାଯିବ ? ତା'ର ପ୍ରଗତିର କ୍ରମ କ'ଣ ? ସେ ମାର୍ଗରେ ବାଧା-ପ୍ରତିବନ୍ଧକ କ'ଣ ? ସେସବୁକୁ ଅତିକ୍ରମ କରିବାର ଉପାୟ କ'ଣ ? — ଇତ୍ୟାଦି ବିଷୟରେ ଯଥାର୍ଥ ଜ୍ଞାନ ଉଚିତ ମାର୍ଗଦର୍ଶକଙ୍କ ଅଭାବରେ ପାଇବା ଅସମ୍ଭବ। ତା' ଛଡ଼ା ବିଦ୍ୟା ନାମରେ ଅନେକ ଅବିଦ୍ୟା ମଧ୍ୟ ବ୍ୟକ୍ତି ଗ୍ରହଣ କରିବାର ସମ୍ଭାବନା ଅଛି। ତେଣୁ ଆଧ୍ୟାତ୍ମିକ ମାର୍ଗରେ ପ୍ରଗତି ନିମନ୍ତେ ଯଥାର୍ଥ ଆଧ୍ୟାତ୍ମିକ ଜ୍ଞାନ ସମ୍ପନ୍ନ, ପ୍ରବୀଣ, ଆଧ୍ୟାତ୍ମିକ ଉଚ୍ଚତା ସଂପନ୍ନ ବ୍ୟକ୍ତିଙ୍କୁ ଗୁରୁ ରୂପେ ବରଣ କରିବା ଏକାନ୍ତ ଆବଶ୍ୟକ।

**ପ୍ର.କ. —** ଆଚ୍ଛା ! ସଦ୍‌ଗୁରୁ କାହାକୁ କହନ୍ତି ?

**ସ୍ୱାମୀଜୀ —** ମୁଁ ପୂର୍ବରୁ କହିଛି ଯେ ପ୍ରାଚୀନ କାଳରେ ଗୁରୁକୁଳରେ ଭୌତିକ ଓ ଆଧ୍ୟାତ୍ମିକ ଉଭୟ ପ୍ରକାର ବିଦ୍ୟା ଶିକ୍ଷା ଦିଆଯାଉଥିଲା। ପରବର୍ତ୍ତୀ କାଳରେ ବିଦ୍ୟାଳୟଗୁଡ଼ିକରେ ଭୌତିକ ବିଦ୍ୟା ତ ଶିଖାଗଲା; କିନ୍ତୁ ଆଧ୍ୟାତ୍ମିକ ବିଦ୍ୟା ପଢ଼ାଗଲା ନାହିଁ। ତେଣୁ ସମାଜରେ ଆଧ୍ୟାତ୍ମିକ ବିଦ୍ୟା ଶିକ୍ଷା ପାଇଁ ଅନ୍ୟ ଗୁରୁଙ୍କ ବ୍ୟବସ୍ଥା ହେଲା। ଯେଉଁମାନେ ଉଚ୍ଚ ଆଧ୍ୟାତ୍ମିକ ଯୋଗ୍ୟତା ସମ୍ପନ୍ନ ହେଲେ, ଶିଷ୍ୟଙ୍କୁ ଈଶ୍ୱରଙ୍କ ପର୍ଯ୍ୟନ୍ତ ଯିବାର ଯଥାର୍ଥ, ବେଦସମ୍ମତ ମାର୍ଗ ପ୍ରଦର୍ଶନ କରିବାର ଦକ୍ଷତା ରଖିଲେ ସେମାନଙ୍କୁ ସଦ୍‌ଗୁରୁ କୁହାଗଲା।

**ପ୍ର.କ. —** ପ୍ରଶ୍ନକର୍ତ୍ତାଙ୍କ ପର ପ୍ରଶ୍ନଟି ହେଲା — 'ଯଦି ଆଧ୍ୟାତ୍ମିକ ଉନ୍ନତି ପାଇଁ ଗୁରୁ ଗ୍ରହଣ ଜରୁରୀ, ତେବେ ଯାହାଙ୍କୁ ଆମେ ଗୁରୁ ରୂପେ ବରଣ କରିବା,

ତାଙ୍କର କିଛି ବିଶେଷ ଯୋଗ୍ୟତା ଥିବା ଆବଶ୍ୟକ କି ? ଯଦି ଆବଶ୍ୟକ ତେବେ କ'ଣ ଯୋଗ୍ୟତା ଥିବା ଦରକାର ?'

**ସ୍ୱାମୀଜୀ —** ଆଜିର ସମସ୍ୟା କ'ଣ ହେଉଛି କି, ଆଜି ଅଧ୍ୟାପକ, ଚିକିତ୍ସକ, ପ୍ରଶାସକ, ଯନ୍ତ୍ରୀ, ଅଧିବକ୍ତା ଆଦି ହେବା ପାଇଁ ତ ପରୀକ୍ଷା ଦେବାକୁ ପଡୁଛି, ଯୋଗ୍ୟତା ପ୍ରତିପାଦନ କରିବାକୁ ପଡୁଛି। ଯୋଗ୍ୟ ବିବେଚିତ ହେଲେ ତା' ପରେ ସ୍ୱୀକୃତି, ମାନ୍ୟତା ମିଳୁଛି। କିନ୍ତୁ ଧର୍ମରାଜ୍ୟରେ, ଧାର୍ମିକ ବ୍ୟବସ୍ଥାରେ ଏକଦମ୍ ଅରାଜକତା, ନିରଙ୍କୁଶତା ପରିବ୍ୟାପ୍ତ। ସେଇଠି କୌଣସି ନିୟନ୍ତ୍ରଣ ବ୍ୟବସ୍ଥା ନାହିଁ। ଧାର୍ମିକ ମାର୍ଗଦର୍ଶକ, ଆଧ୍ୟାତ୍ମିକ ପ୍ରଶିକ୍ଷକ ହେବା ପାଇଁ କୌଣସି ପରୀକ୍ଷା ଦେବା ଦରକାର ପଡୁନାହିଁ, କାହାଠାରୁ ସ୍ୱୀକୃତିପତ୍ରର ଆବଶ୍ୟକତା ପଡୁନାହିଁ। ଲାଲ, ଧଳା, କଳା, ହଳଦିଆ, ଗେରୁଆ ଆଦି ବସ୍ତ୍ର ଦୋକାନରେ ମିଳୁଛି ଏବଂ ଧର୍ମ ନାମରେ ଆଖିବୁଜି ଯେ କୌଣସି କଥା ମାନିନେବା ଲୋକଙ୍କର ମଧ୍ୟ ସଂସାରରେ ଅଭାବ ନାହିଁ। ତେଣୁ ଯଦି କିଛି ବାକ୍‌ଚାତୁରୀ ଆପଣ ଶିଖିଗଲେ, ପାଖଣ୍ଡ ପ୍ରଦର୍ଶନ ଦ୍ୱାରା ଲୋକଙ୍କୁ ଭୁଆଁ ବୁଲାଇବା କୌଶଳ ଶିଖିଗଲେ ତେବେ ଗୁରୁ ହେବା ଅତି ସହଜ ଏବଂ ଏହା ବିନା ପୁଞ୍ଜିରେ ବି ଉତ୍ତମ ବ୍ୟବସାୟ ପାଲଟିଯାଇଛି।

କିନ୍ତୁ ଏହା ସର୍ବସ୍ୱୀକୃତ ସତ୍ୟ ଯେ ଅଯୋଗ୍ୟ ବ୍ୟକ୍ତି ଦ୍ୱାରା ନା ବ୍ୟକ୍ତିର ନା ସମାଜର କଲ୍ୟାଣ ସାଧିତ ହୋଇଥାଏ। କୌଣସି କ୍ଷେତ୍ରରେ ବି ପ୍ରଗତି କରିବାକୁ ହେଲେ ସେ କ୍ଷେତ୍ରରେ ଯୋଗ୍ୟ, ପ୍ରବୀଣ, ନିର୍ଭ୍ରାନ୍ତ ଜ୍ଞାନସମ୍ପନ୍ନ, ଅନୁଭବୀ ବ୍ୟକ୍ତିଙ୍କଠାରୁ ହିଁ ଯଥାଯଥ ପ୍ରଶିକ୍ଷଣ, ମାର୍ଗଦର୍ଶନ ମିଳିପାରିଥାଏ। ଆତ୍ମା-ପରମାତ୍ମା ସଂପର୍କୀୟ ଯଥାର୍ଥ ଜ୍ଞାନ ଓ ପରମାତ୍ମା ପ୍ରାପ୍ତିର ଉପାୟ ଜାଣିବା ପାଇଁ ବ୍ୟକ୍ତି ଆଧ୍ୟାତ୍ମିକ ଗୁରୁ, ସଦ୍‌ଗୁରୁଙ୍କ ନିକଟକୁ ଯାଏ। ଅତଃ ଆଧ୍ୟାତ୍ମିକ ଉନ୍ନତି ଅଭିଳାଷୀ ବ୍ୟକ୍ତି କିପରି ଓ କାହା ପାଖକୁ ଯିବ ସେ ବିଷୟରେ ମୁଣ୍ଡକ ଉପନିଷଦରେ ସୁନ୍ଦର ମାର୍ଗଦର୍ଶନ କରାଯାଇଛି —

**ପରୀକ୍ଷ୍ୟ ଲୋକାନ୍ କର୍ମଚିତାନ୍ ବ୍ରାହ୍ମଣୋ ନିର୍ବେଦମାୟାନ୍ନାସ୍ତ୍ୟକୃତଃ କୃତେନ।**

**ତଦ୍ ବିଜ୍ଞାନାର୍ଥଂ ସ ଗୁରୁମେବାଭିଗଚ୍ଛେତ୍‌ସମିତ୍‌ପାଣିଃ ଶ୍ରୋତ୍ରିୟଂ ବ୍ରହ୍ମନିଷ୍ଠମ୍ ॥**

(ମୁଣ୍ଡକ. ୧:୨:୧୨)

ବ୍ରହ୍ମଜ୍ଞାନ ଇଚ୍ଛୁକ ବ୍ୟକ୍ତି ଲୌକିକ କର୍ମ ଦ୍ୱାରା ଅର୍ଜିତ ଫଳର ଅସାରତାକୁ ପରୀକ୍ଷା କରି ବୈରାଗ୍ୟକୁ ପ୍ରାପ୍ତ ହେବେ। ସକାମ କର୍ମ ଦ୍ୱାରା ସନାତନ ଅମୃତସ୍ୱରୂପ ପରମାତ୍ମା ପ୍ରାପ୍ତ ହୁଅନ୍ତି ନାହିଁ। ଏଣୁ ପରମାତ୍ମ-ଜ୍ଞାନ ଲାଭ ନିମନ୍ତେ ହୃଦୟରେ ଶିଷ୍ୟତ୍ୱର ଭାବନା, ଆତ୍ମସମର୍ପଣର ବିଚାର ନେଇ ଶ୍ରୋତ୍ରିୟ ଓ ବ୍ରହ୍ମନିଷ୍ଠ ଗୁରୁଙ୍କ ଶ୍ରୀଚରଣରେ ପହଞ୍ଚିବେ।

ଅତଏବ ଆଧ୍ୟାତ୍ମିକ କ୍ଷେତ୍ରର ଗୁରୁଙ୍କର, ସଦ୍‌ଗୁରୁଙ୍କର ଅନିବାର୍ଯ୍ୟ ଭାବେ ଦୁଇଟି ଯୋଗ୍ୟତା ରହିବା ଦରକାର। ସେ ଶ୍ରୋତ୍ରିୟ ହେବା ଦରକାର ଓ ବ୍ରହ୍ମନିଷ୍ଠ ହେବା ଆବଶ୍ୟକ। ଶ୍ରୋତ୍ରିୟ କାହାକୁ କହନ୍ତି ? 'ଶ୍ରୁତି'ର ଅର୍ଥ ବେଦ। ଅଷ୍ଟାଧ୍ୟାୟୀରେ ଗୋଟିଏ ସୂତ୍ର ଅଛି — **'ଶ୍ରୋତ୍ରିୟଂଶ୍ଛନ୍ଦୋଧୀତେ'** (ଅଷ୍ଟା. ୫:୨:୮୪) — ଶ୍ରୁତି ଅର୍ଥାତ୍ ବେଦର ଅଧେତା, ବେଦାଧ୍ୟାୟୀଙ୍କୁ ଶ୍ରୋତ୍ରିୟ କହନ୍ତି। ମହାଭାରତରେ ଗୋଟିଏ ସୁନ୍ଦର ପ୍ରକରଣ ଅଛି- 'ଯକ୍ଷ-ଯୁଧିଷ୍ଠିର ସମ୍ବାଦ'। ସେଇଠି ଯକ୍ଷ ଯୁଧିଷ୍ଠିରଙ୍କୁ ପଚାରିଛନ୍ତି **— 'କେନସ୍ୱିଚ୍ଛ୍ରୋତ୍ରିୟୋ ଭବତି ?'—** ବ୍ୟକ୍ତି କେମିତି ଶ୍ରୋତ୍ରିୟ ହୁଏ ? ଯୁଧିଷ୍ଠିର ଉତ୍ତର ଦେଇଛନ୍ତି **— 'ଶ୍ରୁତେନ ଶ୍ରୋତ୍ରିୟୋ ଭବତି'** (ମହା. ବନ. ୨୪:୧୪,୧୫) — ଶ୍ରୁତିବିତ୍, ବେଦଜ୍ଞ, ବେଦବେତ୍ତା ହେଲେ ବ୍ୟକ୍ତି ଶ୍ରୋତ୍ରିୟ ରୂପେ ପରିଗଣିତ ହୁଏ।

ଅଧ୍ୟାତ୍ମର ମୁଖ୍ୟ ଉଦ୍ଦେଶ୍ୟ ହେଲା ପରମାତ୍ମାଙ୍କୁ ପ୍ରାପ୍ତ କରିବା। ପରମାତ୍ମାଙ୍କୁ ପ୍ରାପ୍ତ କରିବାକୁ ହେଲେ ତାଙ୍କ ସ୍ୱରୂପ ନିର୍ଭ୍ରାନ୍ତ ଭାବେ ଜାଣିବା ଆବଶ୍ୟକ। ଜୀବାତ୍ମା ଅଳ୍ପଜ୍ଞ। ଈଶ୍ୱରଙ୍କ ସ୍ୱରୂପକୁ ପୂର୍ଣ୍ଣତଃ ଯଥାର୍ଥ ରୂପେ ଜାଣିବା ଓ ବ୍ୟକ୍ତ କରିବା ତା' ପକ୍ଷେ ସମ୍ଭବପର ନୁହେଁ। ପରମାତ୍ମା ସର୍ବଜ୍ଞ। ପରମାତ୍ମା ନିଜେ ନିଜ ସ୍ୱରୂପକୁ ଯଥାଯଥ ରୂପେ ଜାଣନ୍ତି। ଏଣୁ ଈଶ୍ୱର ସୃଷ୍ଟି ଆରମ୍ଭରେ ବେଦ ବା ଶ୍ରୁତି ମାଧ୍ୟମରେ ନିଜ ସ୍ୱରୂପ ସଂପର୍କରେ ଯଥାଯଥ ଜ୍ଞାନ ମଣିଷ ସମାଜକୁ ପ୍ରଦାନ କରିଛନ୍ତି। ଅତଃ ଈଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ଜ୍ଞାନ

'ବେଦ' ଯେଉଁ ବ୍ୟକ୍ତି ଅଧ୍ୟୟନ କରିଥିବେ ସେହି ବ୍ୟକ୍ତି ଆଧ୍ୟାତ୍ମିକ ମାର୍ଗ ଠିକ୍ ଭାବେ ବତାଇପାରିବେ। ଯେମିତିକି ଯେଉଁ ବ୍ୟକ୍ତି ନିଜେ ବିଜ୍ଞାନ ପଢ଼ିନଥିବ, ଜାଣିନଥିବ ସେ ବ୍ୟକ୍ତି ଯଦି ବିଜ୍ଞାନ ପଢ଼ିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ବିଜ୍ଞାନ ପଢ଼ାଏ, ତେବେ ପଢ଼ିବା ବ୍ୟକ୍ତି ବିଜ୍ଞାନ ବଦଳରେ ଅଜ୍ଞାନ ପ୍ରାପ୍ତ କରିବା ହିଁ ସାର ହେବ; ସେହିଭଳି ବେଦଜ୍ଞାନହୀନ ବ୍ୟକ୍ତିଙ୍କୁ ଗୁରୁ କରି ତାଙ୍କଠାରୁ ଆଧ୍ୟାତ୍ମିକ ଜ୍ଞାନ ଗ୍ରହଣ କଲେ ଶିଷ୍ୟର ଦୁର୍ଦ୍ଦଶା ହୁଏ। ଶିଷ୍ୟ ଈଶ୍ୱରଙ୍କ ଆଡ଼କୁ ଯିବା ବଦଳରେ ଭ୍ରାନ୍ତି ଜ୍ଞାନ ଯୋଗୁଁ ଈଶ୍ୱରଙ୍କଠାରୁ ଦୂରେଇଯାଏ। ଏଣୁ ଅଶ୍ରୋତ୍ରିୟ, ବେଦଜ୍ଞାନହୀନ ବ୍ୟକ୍ତି ଅଧ୍ୟାତ୍ମ ମାର୍ଗର ଗୁରୁ ହେବା ପାଇଁ ଅଯୋଗ୍ୟ। ବେଦବେତ୍ତା ବ୍ୟକ୍ତି ହିଁ ଆଧ୍ୟାତ୍ମିକ ଗୁରୁ ହେବା ପାଇଁ ଯୋଗ୍ୟ।

ଗୁରୁଙ୍କର ଦ୍ୱିତୀୟ ଆବଶ୍ୟକ ଯୋଗ୍ୟତା ହେଲା ଯେ ସେ ବ୍ରହ୍ମନିଷ୍ଠ ହେବା ଦରକାର। ବ୍ରହ୍ମନିଷ୍ଠ ଅର୍ଥ ଈଶ୍ୱରଙ୍କ ପ୍ରତି ଗଭୀର ନିଷ୍ଠାବାନ୍, ମନ-ବଚନ-କର୍ମରେ ଈଶ୍ୱରଙ୍କ ଆଦେଶ ପାଳନ ପାଇଁ ତତ୍ପର। ଯିଏ ବିଚାର କରୁଥିବ ଯେ 'ମୁଁ ଗୋଟିଏ ଜୀବାତ୍ମା। ମୋ ପାଖରେ ଆନନ୍ଦ ନାହିଁ। ମୁଁ ଅଳ୍ପଶକ୍ତିମାନ୍ ଓ ଅଳ୍ପଜ୍ଞ। ମୋର ଯୋଗ୍ୟତା ବହୁତ କମ୍। ମୋ ନିଜ ଶକ୍ତିରେ ମୁଁ ଆଖିର ପଲକ ବି ପକାଇ ପାରିବିନି। ଈଶ୍ୱର ଶରୀର-ମନ-ବୁଦ୍ଧି-ଇନ୍ଦ୍ରିୟ ଆଦି ଦେଇଥିବାରୁ ମୁଁ କର୍ମ କରିବାକୁ ସମର୍ଥ ହେଉଛି। ମୋ ପାଖରେ ଯାହା ବି ଜ୍ଞାନ-ବିଜ୍ଞାନ ଅଛି ସେସବୁର ଉତ୍ସ ହେଉଛନ୍ତି ପରମପିତା ପରମାତ୍ମା। ଈଶ୍ୱର ସର୍ବଶକ୍ତିମାନ୍। ସେ ସର୍ବଜ୍ଞ ଓ ଆନନ୍ଦସ୍ୱରୂପ ହୋଇଥିବାରୁ ସବୁ ଜୀବାତ୍ମାଙ୍କ ଲକ୍ଷ୍ୟ।' ସିଏ ବ୍ରହ୍ମନିଷ୍ଠ । ସିଏ ଅଧ୍ୟାତ୍ମ ମାର୍ଗର ଯଥାର୍ଥ ଗୁରୁ। ଆଉ ଯିଏ ଈଶ୍ୱରଙ୍କ ଆଦେଶର ବିରୁଦ୍ଧାଚରଣ କରନ୍ତି, ଶିଷ୍ୟଙ୍କୁ ବ୍ରହ୍ମଙ୍କ ସହ ଯୋଡ଼ିବା ପରିବର୍ତ୍ତେ ନିଜ ପାଖରେ ଅଟକାଇ ଦିଅନ୍ତି, ବ୍ରହ୍ମଙ୍କ ସ୍ଥାନରେ ନିଜ ପୂଜା କରାନ୍ତି; ସିଏ ବ୍ରହ୍ମନିଷ୍ଠ ନୁହନ୍ତି। ସିଏ ବ୍ରହ୍ମଦ୍ରୋହୀ, ବ୍ରହ୍ମଙ୍କ ପ୍ରତିଦ୍ୱନ୍ଦ୍ୱୀ। ଅତଏବ ବେଦଜ୍ଞାନ ବିହୀନ, ଈଶ୍ୱରଙ୍କ ସଂପର୍କରେ ଭ୍ରାନ୍ତଜ୍ଞାନ ଯୁକ୍ତ, ପାଖଣ୍ଡୀ ବ୍ୟକ୍ତି ଗୁରୁ ହେବା ପାଇଁ ଅନୁପଯୁକ୍ତ।

**ପ୍ର.କ. —** ତାଙ୍କର ଆଉ ଗୋଟିଏ ପ୍ରଶ୍ନ ହେଲା ଯେ — "ଗୁରୁଗୀତା'ରେ ଯେଉଁ କଥା କୁହାଯାଇଛି କି — **'ଧ୍ୟାନମୂଲଂ ଗୁରୋର୍ମୂର୍ତ୍ତିଃ'** (ଶ୍ଳୋକ. ୭୬) — ଗୁରୁଙ୍କ ରୂପ, ମୂର୍ତ୍ତି, ଆକାରକୁ ହିଁ ଧ୍ୟାନ କରିବା ଉଚିତ। ଏହାଦ୍ୱାରା ଶିଷ୍ୟର ମୁକ୍ତି ହୋଇଯାଏ। ଅନ୍ୟ କୌଣସି ଈଶ୍ୱରଙ୍କୁ ଧ୍ୟାନ କରିବା ଅନାବଶ୍ୟକ। କ'ଣ ଏହା ଠିକ୍? କ'ଣ ଗୁରୁଙ୍କ ମୂର୍ତ୍ତି, ରୂପକୁ ଧ୍ୟାନ କଲେ ସତରେ ଶିଷ୍ୟର ମୁକ୍ତି ହୋଇଯାଏ ?"

**ସ୍ୱାମୀଜୀ —** ନା। ଗୁରୁଙ୍କ ମୂର୍ତ୍ତି, ଆକାର ଧ୍ୟାନ ଦ୍ୱାରା କଦାପି ଶିଷ୍ୟର ମୁକ୍ତି ସମ୍ଭବ ନୁହେଁ। ମୁଁ ଏହା ଉପରେ ତ ସବିଶେଷ ଆଲୋକପାତ କରିବି। କିନ୍ତୁ ପ୍ରଥମ କଥା ହେଲା ଯେ ଆଜି ଏଭଳି ପ୍ରଶ୍ନ ଆମ ଭିତରେ କାହିଁକି ଉଠୁଛି ? ତା'ର କାରଣ ହେଲା ଧର୍ମ ନାମରେ ଭୁଲ୍ ପୁସ୍ତକର ଅଧ୍ୟୟନ ଓ ପ୍ରସାର। ଆମେ ଯେତେବେଳେ ଯଥାର୍ଥ ଧର୍ମ ପୁସ୍ତକ ପଢ଼ିଲୁନି, ଧର୍ମ ନାମରେ ଭୁଲ୍ ପୁସ୍ତକ ପଢ଼ିଲୁ, ଭୁଲ୍ ପୁସ୍ତକ ସବୁ ପ୍ରସାର ଲାଭ କଲା, ସେସବୁ ପଢ଼ିବା କାରଣରୁ ଏଭଳି ଶଙ୍କା ସବୁ ମନକୁ ଆସୁଛି।

**ପ୍ର.କ. —** ସ୍ୱାମୀଜୀ! ଆପଣଙ୍କ ବର୍ତ୍ତମାନର ଉତ୍ତର ଶୁଣି ତ ମୋ ମନରେ ପୁଣି ଗୋଟିଏ ନୂଆ ପ୍ରଶ୍ନ ଉଦ୍ରେକ ହେଉଛି — 'କୌଣସି ଧାର୍ମିକ ପୁସ୍ତକକୁ ଭୁଲ୍ ପୁସ୍ତକ ବୋଲି ଆମେ କେମିତି ଜାଣିବୁ ?'

**ସ୍ୱାମୀଜୀ —** ଆମେ ଯଦି ସାଧାରଣ ଜ୍ଞାନ (Common Sense) ମଧ୍ୟ ଟିକିଏ ପ୍ରୟୋଗ କରିବା, ତେବେ ବି ଧର୍ମପୁସ୍ତକ ବୋଲି କୁହାଯାଉଥିବା କୌଣସି ପୁସ୍ତକ ଠିକ୍ ନା ଭୁଲ୍ ଆମେ ଜାଣିପାରିବା। କୌଣସି ପୁସ୍ତକ ଠିକ୍ କି ଭୁଲ୍ ତାହା ସେଥିରେ ପରିବେଷିତ ବିଷୟ ଆଧାରରେ ଅନେକ କାରଣରୁ ଜଣାପଡ଼ିଥାଏ। ଧର୍ମ ନାମରେ କୁହାଯାଉଥିବା କୌଣସି କଥା, ଧର୍ମ ପୁସ୍ତକ ନାମରେ ପ୍ରଚାରିତ କୌଣସି ପୁସ୍ତକ ଠିକ୍ ନା ଭୁଲ୍ ତାହା ଜାଣିବାର ଅନେକ କଷଟି ବୈଦିକ ବାଙ୍ମୟ ଆଧାରରେ ମହର୍ଷି ଦୟାନନ୍ଦ ସରସ୍ୱତୀ ସତ୍ୟାର୍ଥପ୍ରକାଶରେ ଦେଇଛନ୍ତି। ତଦନୁସାରେ ୧. ଯେଉଁ ଧର୍ମପୁସ୍ତକରେ ଈଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବ ଓ ବେଦର ବିରୁଦ୍ଧ କଥା ଲେଖାଯାଇଥିବ,

ତାହା ଭୁଲ୍ ପୁସ୍ତକ। ଯଥା — ଈଶ୍ୱର ଅଜନ୍ମା । ସେ କେବେ ବି ଜନ୍ମଗ୍ରହଣ, ଶରୀରଧାରଣ କରନ୍ତି ନାହିଁ। ଏଣୁ ଈଶ୍ୱର ଜନ୍ମଗ୍ରହଣ, ଶରୀରଧାରଣ କରିବା କଥା ଯେଉଁ ପୁସ୍ତକରେ ଲେଖାଯାଇଥିବ ତାହା ଭୁଲ୍ ପୁସ୍ତକ। ଈଶ୍ୱର ସର୍ବଶକ୍ତିମାନ୍। ନିଜର କରଣୀୟ ସମସ୍ତ କାର୍ଯ୍ୟ ସେ ଏକାକୀ କରିବାକୁ ସମର୍ଥ। ଏଥିପାଇଁ କାହାରି ସହାୟତା ତାଙ୍କୁ ଦରକାର ପଡ଼ିନଥାଏ। ଈଶ୍ୱର ନିଜର କୌଣସି କାର୍ଯ୍ୟ କରି ନପାରି ଅନ୍ୟ କାହାର ସହାୟତା ନେବା କଥା ଯେଉଁ ଧର୍ମପୁସ୍ତକରେ ଲେଖାଥିବ ତାହା ଯଥାର୍ଥ ଧର୍ମପୁସ୍ତକ ନୁହେଁ। ଈଶ୍ୱର ସତ୍-ଚିତ୍-ଆନନ୍ଦସ୍ୱରୂପ। ଈଶ୍ୱର ଅସତ୍ୟଭାଷଣ, ଅସତ୍ୟ ଆଚରଣ, ଛଳ-କପଟପୂର୍ଣ୍ଣ ଆଚରଣ କରିବା; ଅବିଦ୍ୟାଗ୍ରସ୍ତ ହୋଇ କିଛି କରିବା, କୌଣସି ବିଷୟ ଜାଣିବା ପାଇଁ ଅନ୍ୟର ଆଶ୍ରୟ ନେବା; ଦୁଃଖୀ ହେବା ଆଦି କଥା ଯଉଁ ପୁସ୍ତକରେ ଲେଖାଥିବ ତାହା ଧର୍ମ ନାମରେ ପ୍ରଚାରିତ ଭୁଲ୍ ପୁସ୍ତକ।

ସେହିପରି ୨. ଯେଉଁ ପୁସ୍ତକରେ ସୃଷ୍ଟି-ନିୟମର ବିରୁଦ୍ଧ କଥା ଲେଖାଯାଇଥିବ, ତାହା ମଧ୍ୟ ଭୁଲ୍ ଧର୍ମପୁସ୍ତକ। ୩. କୌଣସି କଥା ଠିକ୍ ନା ଭୁଲ୍ ତାହା ପରୀକ୍ଷା କରିବା ପାଇଁ ନ୍ୟାୟଦର୍ଶନରେ ଯେଉଁ ୮ ପ୍ରମାଣ ଦିଆଯାଇଛି — ପ୍ରତ୍ୟକ୍ଷ, ଅନୁମାନ, ଉପମାନ, ଶବ୍ଦ, ଐତିହ୍ୟ, ଅର୍ଥାପତ୍ତି, ସମ୍ଭବ ଓ ଅଭାବ - ଏ ୮ ପ୍ରମାଣର ପରୀକ୍ଷାରେ ଭୁଲ୍ ପ୍ରମାଣିତ ହେଉଥିବା କଥା ଯେଉଁ ଧର୍ମ ପୁସ୍ତକରେ ଲେଖାଯାଇଥିବ ତାହା ଜାଲ୍ ଧର୍ମପୁସ୍ତକ। ଉଦାହରଣସ୍ୱରୂପ — ଆଜି ଚତୁର୍ଥ-ପଞ୍ଚମ ଶ୍ରେଣୀର ବିଦ୍ୟାର୍ଥୀଟିଏ ବି ଜାଣିଛି ଯେ ସୂର୍ଯ୍ୟ ଏକ ନକ୍ଷତ୍ର ଓ ପୃଥିବୀ ଗୋଟିଏ ଗ୍ରହ। ସୂର୍ଯ୍ୟଙ୍କ ମହାକର୍ଷଣ ଶକ୍ତି ଆଧାରରେ ପୃଥିବୀ ସ୍ୱ କକ୍ଷରେ ଅବସ୍ଥିତ ରହି ମହାଶୂନ୍ୟରେ ସୂର୍ଯ୍ୟ ଚାରିପଟେ ଘୂରୁଛି। ଏଥିରେ କୌଣସି ସନ୍ଦେହ ଅଛି କି?

**ପ୍ର.କ. —** ନା, ଆଦୌ ସନ୍ଦେହ ନାହିଁ।

**ସ୍ୱାମୀଜୀ —** ଏକଥା ଛୋଟ ଶ୍ରେଣୀର ବିଦ୍ୟାର୍ଥୀ ବି ଜାଣିଛି। ଏପରି ସ୍ଥଳେ ଧର୍ମପୁସ୍ତକ କୁହାଯାଉଥିବା କୌଣସି ପୁସ୍ତକରେ ଯଦି ଲେଖାଯାଇଥିବ ଯେ ସିଏ ଅନନ୍ତ ହେଉ କି ବାସୁକୀ ହେଉ ବା ଆଉ କୌଣସି ସାପ ହେଉ, ସାପଟିଏ ପୃଥିବୀକୁ ତା' ଫଣା ଉପରେ ଧରି ରଖିଛି ବୋଲି; ତେବେ ସେ ପୁସ୍ତକ ଠିକ୍ ନା ଭୁଲ୍? ତାକୁ ଯଥାର୍ଥତଃ ଧର୍ମପୁସ୍ତକ କୁହାଯାଇପାରିବ କି?

**ପ୍ର.କ. —** ଯଦି କୌଣସି ଧର୍ମପୁସ୍ତକରେ ଏପରି ଲେଖାଯାଇଥିବ, ତେବେ ତାହା ନିଶ୍ଚିତ ରୂପେ ଭୁଲ୍ ପୁସ୍ତକ। ତାକୁ ଯଥାର୍ଥରେ ଧର୍ମପୁସ୍ତକ ବୋଲି କୁହାଯାଇପାରିବ ନାହିଁ। କାରଣ ଏଥିରୁ ଅଜ୍ଞାନ ଶିକ୍ଷା ପ୍ରସାରିତ ହେଉଛି।

**ସ୍ୱାମୀଜୀ —** ଏଭଳି ବୁଦ୍ଧିହୀନ କଥା ଧର୍ମପୁସ୍ତକ ବୋଲି କୁହାଯାଉଥିବା ବହୁ ପୁସ୍ତକରେ ଅଛି। ଯଦି ସାପର ଫଣା ଉପରେ ପୃଥିବୀ ଅଛି, ତେବେ ସୌରମଣ୍ଡଳର ଚିତ୍ରରେ ପୃଥିବୀ ତ ଦୃଶ୍ୟମାନ ହେଉଛି; କିନ୍ତୁ ସାପ ତ କୌଣସିଠାରେ ଦେଖାଯାଉନାହିଁ। ଦ୍ୱିତୀୟରେ, ଯଦି ସାପଟି ପୃଥିବୀକୁ ଧରି ରଖିଛି, ତେବେ ମହାଶୂନ୍ୟରେ ସେ ସାପଟି କାହା ଉପରେ ଅବସ୍ଥାନ କରୁଛି? ଅତଏବ ଯେଉଁ ଧର୍ମ ପୁସ୍ତକରେ ଈଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବ ଓ ବେଦର ବିରୁଦ୍ଧ କଥା ଲେଖାଯାଇଥିବ; ଯେଉଁ ପୁସ୍ତକରେ ସୃଷ୍ଟି ନିୟମର ବିରୁଦ୍ଧ କଥା ଲେଖାଯାଇଥିବ ଓ ଯେଉଁ ପୁସ୍ତକରେ ନ୍ୟାୟଦର୍ଶନର ୮ ପ୍ରମାଣର ବିରୁଦ୍ଧ କଥା ଲେଖାଯାଇଥିବ ସେ ଧର୍ମ ପୁସ୍ତକଟି ଭୁଲ୍ ପୁସ୍ତକ, ଜାଲ୍ ପୁସ୍ତକ। ଯେହେତୁ ସାଧାରଣ ବ୍ୟକ୍ତିଟିଏ ପାଖରେ ଧର୍ମର ସୂକ୍ଷ୍ମତତ୍ତ୍ୱକୁ ଠିକ୍ ରୂପେ ପରୀକ୍ଷା କରି ଗ୍ରହଣ କରିବାର ଯୋଗ୍ୟତା ନଥାଏ, ତେଣୁ ଧର୍ମ ନାମରେ ପ୍ରସାରିତ ଭୁଲ୍ ପୁସ୍ତକର ଅଧ୍ୟୟନ ଦ୍ୱାରା ବ୍ୟକ୍ତି ବିଭ୍ରାନ୍ତିର ଶିକାର ହୋଇ ଧର୍ମ ନାମରେ ଭୁଲ୍ କଥାଗୁଡ଼ିକ ଗ୍ରହଣ କରି, ସେସବୁର ଆଚରଣ ଦ୍ୱାରା ତା'ର ଆତ୍ମାର ଅଧଃପତନ ଘଟାଇଥାଏ। 'ଗୁରୁଗୀତା' ମଧ୍ୟ ସେଭଳି ଏକ ଭୁଲ୍ ଧର୍ମ ପୁସ୍ତକ। ଏଥିରେ ବହୁ ବୁଦ୍ଧିହୀନ, ଯୁକ୍ତିବିରୁଦ୍ଧ କଥା ଅଛି। ଜଣେ ସାଧାରଣ ବ୍ୟକ୍ତି ଏହାର ଅଧ୍ୟୟନ ଦ୍ୱାରା ଏଥିରେ ଲିଖିତ କଥାକୁ ମାନି ଧର୍ମ ନାମରେ ଭୁଲ୍ ଆଚରଣ କରିଥାଏ।

**ପ୍ର.କ. —** ତେବେ ଗୁରୁଙ୍କ ମୂର୍ତ୍ତି ଧ୍ୟାନ କରିବା ଦ୍ୱାରା ଶିଷ୍ୟର ମୁକ୍ତି ସମ୍ଭବ ନୁହେଁ?

**ସ୍ୱାମୀଜୀ —** ନା। ଧ୍ୟାନ ମାନେ କ'ଣ? **'ଧ୍ୟୈ ଚିନ୍ତାୟାମ୍'** ଧାତୁରୁ **'ଧ୍ୟାନ'** ଶବ୍ଦ ନିଷ୍ପନ୍ନ। 'ଧ୍ୟାନ'ର ଅର୍ଥ ଚିନ୍ତନ। ଯୋଗଦର୍ଶନରେ କୁହାଯାଇଛି **— 'ତତ୍ର ପ୍ରତ୍ୟୟୈକତାନତା ଧ୍ୟାନମ୍'** (ଯୋଗ. ୩:୨) **—** ଧ୍ୟେୟ ବସ୍ତୁରେ ଚିତ୍ତର ଏକତାନତା, ଧ୍ୟେୟବସ୍ତୁର ନିରବଚ୍ଛିନ୍ନ ଚିନ୍ତନର ନାମ ଧ୍ୟାନ। ଆମେ ଧ୍ୟାନ କାହିଁକି କରୁ? ଧ୍ୟାନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସମସ୍ତ ଦୁଃଖରୁ ନିବୃତ୍ତ ହୋଇ ଶାଶ୍ୱତ ସୁଖ-ଶାନ୍ତି ଉପଲବ୍ଧି କରିବା, ନିରବଚ୍ଛିନ୍ନ ଆନନ୍ଦ ଭୋଗ କରିବା। ଜୀବାତ୍ମାର ଏହି ସ୍ଥିତିକୁ ହିଁ ମୁକ୍ତି କହନ୍ତି। ଯିଏ ଦୁଃଖରୁ ରହିତ ତଥା ଆନନ୍ଦସ୍ୱରୂପ ହୋଇଥିବ ତା'ର ଧ୍ୟାନ ଦ୍ୱାରା ଜୀବାତ୍ମାକୁ ଏ ସ୍ଥିତି ପ୍ରାପ୍ତ ହେବ। ଯେଉଁବସ୍ତୁ ଦୁଃଖ ଯୁକ୍ତ ହୋଇଥିବ ତା'ର ଧ୍ୟାନ ଦ୍ୱାରା ଦୁଃଖରହିତ ନିରବଚ୍ଛିନ୍ନ ସୁଖ ମିଳିପାରିବ ନାହିଁ। 'ଗୁରୁ' ହେଲେ ଗୋଟିଏ ଜୀବାତ୍ମା ଓ ଗୋଟିଏ ଶରୀରର ସମାହାର। ଜୀବାତ୍ମା ଆନନ୍ଦସ୍ୱରୂପ ନୁହେଁ, ଆନନ୍ଦ ଜୀବାତ୍ମାର ସ୍ୱାଭାବିକ ଗୁଣ ନୁହେଁ। ଏଣୁ ଜୀବାତ୍ମା ଆନନ୍ଦ ପ୍ରାପ୍ତି ପାଇଁ ପରମାତ୍ମାଙ୍କୁ ଧ୍ୟାନ କରେ। ଶରୀର ପ୍ରକୃତିରୁ ନିର୍ମିତ। ତାହା ବି ଆନନ୍ଦସ୍ୱରୂପ ନୁହେଁ। ଶରୀର ପରିବର୍ତ୍ତନଶୀଳ, ନଶ୍ୱର। ଜରା-ବ୍ୟାଧି ଶରୀରର ସ୍ୱାଭାବିକ ପରିଣାମ। ଏଣୁ ଗୁରୁ ମଧ୍ୟ ରୋଗ-ବ୍ୟାଧିଗ୍ରସ୍ତ ହୁଅନ୍ତି, ଦୁଃଖଗ୍ରସ୍ତ-ଛଟପଟ ହୁଅନ୍ତି। ସ୍ୱୟଂ ଆନନ୍ଦସ୍ୱରୂପ ହୋଇ ନଥିବାରୁ ଦୁଃଖ ନିବୃତ୍ତି ଓ ଶାଶ୍ୱତ ଆନନ୍ଦ ପ୍ରାପ୍ତି ପାଇଁ ଗୁରୁ ମଧ୍ୟ ପରମାତ୍ମାଙ୍କୁ ଧ୍ୟାନ କରନ୍ତି। ସେପରି ସ୍ଥଳେ ଗୁରୁଙ୍କୁ ଧ୍ୟାନ କରି ଶିଷ୍ୟ କିପରି ଶାଶ୍ୱତ ଆନନ୍ଦ, ମୁକ୍ତି ପ୍ରାପ୍ତ କରିପାରିବ? ପରମାତ୍ମା ସଚ୍ଚିଦାନନ୍ଦସ୍ୱରୂପ। ସେ ସକଳ ଦୁଃଖରୁ ରହିତ। ତେଣୁ ଦୁଃଖର ଆତ୍ୟନ୍ତିକ ନିବୃତ୍ତି ଓ ଶାଶ୍ୱତ ଆନନ୍ଦ ପ୍ରାପ୍ତି ଈଶ୍ୱରଙ୍କ ଧ୍ୟାନ ଦ୍ୱାରା ଈଶ୍ୱର-ଉପଲବ୍ଧି କରି ହିଁ ସମ୍ଭବ। ତେଣୁ ଗୁରୁ ଧ୍ୟେୟ, ଉପାସ୍ୟ ନୁହନ୍ତି। ପରମାତ୍ମାଙ୍କୁ ହିଁ ଧ୍ୟାନ, ଉପାସନା କରିବା ଉଚିତ।

ଗୁରୁ ଧ୍ୟେୟ, ଉପାସ୍ୟ ତ ନୁହନ୍ତି। ତେବେ ଗୁରୁ କ'ଣ ଅଟନ୍ତି? ଗୁରୁ ଆମକୁ ପରମାତ୍ମାଙ୍କୁ ପ୍ରାପ୍ତ କରିବାର ମାର୍ଗ ପ୍ରଦର୍ଶନ କରୁଥିବାରୁ ସେ ପୂଜ୍ୟ ଅର୍ଥାତ୍ ସେବା-ସତ୍କାରଯୋଗ୍ୟ ଅଟନ୍ତି। କାରଣ ସିଏ ଯଦି ଆମକୁ ଯଥାର୍ଥ ଜ୍ଞାନ ଦେଇନଥାନ୍ତେ, ସାଧନା ପଥର ଯଥାର୍ଥ ପଥ ପ୍ରଦର୍ଶନ କରିନଥାନ୍ତେ, ସାଧନା ପାଇଁ ନିରନ୍ତର ପ୍ରେରଣା ଦେଉନଥାନ୍ତେ ତେବେ ଅଜ୍ଞାନ-ଅନ୍ଧକାରରେ ବୁଲି-ବୁଲି ଆମ ଜୀବନରେ ବହୁ ଧକ୍କା ଖାଇବାକୁ ପଡ଼ିଥାନ୍ତା, ଅନେକ ଜନ୍ମ ବ୍ୟର୍ଥ ଯାଇଥାନ୍ତା। ତେଣୁ ଗୁରୁଙ୍କ ଜୀବିତାବସ୍ଥାରେ ତାଙ୍କୁ ଭୋଜନ-ବସ୍ତ୍ର ଆଦି ଦେବା, ରୋଗ-ବ୍ୟାଧି ଆଦିରେ ତାଙ୍କର ଯଥୋଚିତ ସେବା-ଶୁଶ୍ରୂଷା କରିବା, ତାଙ୍କୁ ସର୍ବଦା ଆଦର-ସମ୍ମାନ କରିବା ଅର୍ଥାତ୍ ତନୁ-ମନ-ଧନରେ ତାଙ୍କ ସେବା-ସତ୍କାର କରିବା ଶିଷ୍ୟର ଅତ୍ୟାବଶ୍ୟକ କର୍ତ୍ତବ୍ୟ। ଗୁରୁଙ୍କ ପୂଜା ଅର୍ଥାତ୍ ସେବା-ସତ୍କାର ନ କରିବା ବହୁତ ବଡ଼ କୃତଘ୍ନତା। କୃତଘ୍ନ ବ୍ୟକ୍ତିକୁ ଈଶ୍ୱର-ପ୍ରାପ୍ତି ହୁଏ ନାହିଁ। ଏଣୁ ଉପନିଷଦର ଋଷି ଗୁରୁ ଓ ଈଶ୍ୱର ଉଭୟଙ୍କ ପ୍ରତି ଯଥାଯୋଗ୍ୟ କର୍ତ୍ତବ୍ୟ କରିବା ପାଇଁ ସାଧକ-ଶିଷ୍ୟଙ୍କୁ ପରାମର୍ଶ ଦେଇ କହିଛନ୍ତି —

**ଯସ୍ୟ ଦେବେ ପରା ଭକ୍ତିର୍ଯଥା ଦେବେ ତଥା ଗୁରୌ।**
**ତସ୍ୟୈତେ କଥିତା ହ୍ୟର୍ଥାଃ ପ୍ରକାଶନ୍ତେ ମହାତ୍ମନଃ ପ୍ରକାଶନ୍ତେ ମହାତ୍ମନ ଇତି ॥** (ଶ୍ୱେତା. ୬:୨୩)

ଯେଉଁ ବ୍ୟକ୍ତି ପରମପିତା ପରମାତ୍ମାଙ୍କୁ ସର୍ବଜ୍ଞ, ସର୍ବବ୍ୟାପକ, ସର୍ବଶକ୍ତିମାନ୍, ସଚ୍ଚିଦାନନ୍ଦସ୍ୱରୂପ, ଜୀବନର ଲକ୍ଷ୍ୟ-ଧ୍ୟେୟ ବୋଲି ଜାଣି ଅବିଚଳିତ ଭକ୍ତି କରେ ତଥା ସେହି ପରମାତ୍ମାଙ୍କ ପ୍ରତି ନିଷ୍ଠାବାନ୍ ଓ ବ୍ରହ୍ମବିଦ୍ୟା, ବୈଦିକ ଜ୍ଞାନ-ବିଜ୍ଞାନ ପ୍ରଦାନ ପୂର୍ବକ ସାଧନା ମାର୍ଗରେ ସତତ ପ୍ରେରଣାଦାତା, ପଥପ୍ରଦର୍ଶକ ଗୁରୁଙ୍କ ପ୍ରତି ଶ୍ରଦ୍ଧାବାନ୍ ଥାଏ, ଶ୍ରଦ୍ଧାପୂର୍ବକ ତାଙ୍କ ସେବା-ସତ୍କାର କରେ ସେହି ଶିଷ୍ୟଙ୍କୁ ହିଁ ଯଥାର୍ଥତଃ ବ୍ରହ୍ମବିଦ୍ୟା ପ୍ରାପ୍ତ ହୋଇ ତା'ର ଆତ୍ମୋନ୍ନତି ସାଧିତ ହୁଏ। ଅତଃ ଧ୍ୟାନ ସର୍ବଦା ପରମାତ୍ମାଙ୍କର କରିବା ଉଚିତ ଏବଂ ଗୁରୁ ଜୀବିତ ଥିବା ସମୟରେ ତାଙ୍କ ପୂଜା ଅର୍ଥାତ୍ ସେବା-ସତ୍କାର କରିବା ଉଚିତ।

**ପ୍ର.କ. —** ତାଙ୍କର ପରବର୍ତ୍ତୀ ପ୍ରଶ୍ନ ହେଲା — "ଗୁରୁଗୀତାରେ କୁହାଯାଇଛି ଯେ **— 'ଗୁରୁରେବ ପରବ୍ରହ୍ମ'** (ଶ୍ଳୋକ. ୩୨) **—** ଗୁରୁ ହିଁ ପରଂବ୍ରହ୍ମ ଅଟନ୍ତି।

ବାସ୍ତବରେ କ'ଣ ଗୁରୁ ପରଂବ୍ରହ୍ମ ଅଟନ୍ତି ?"

**ସ୍ୱାମୀଜୀ —** ଏଇ ଟିକିଏ ପୂର୍ବରୁ ମୁଁ କହିଲି ଯେ ଧର୍ମ ନାମରେ ପ୍ରଚଳିତ ଭୁଲ୍ ପୁସ୍ତକଗୁଡ଼ିଏ ଯୋଗୁଁ ଆଜି ସଂସାରରେ ଧର୍ମ ନାମରେ ବହୁ ପାଖଣ୍ଡ, ଅନ୍ଧବିଶ୍ୱାସ, ଭ୍ରାନ୍ତି ପ୍ରଚଳିତ ହୋଇଯାଇଛି। 'ଗୁରୁଗୀତା' ତନ୍ମଧ୍ୟରୁ ଏକ ପୁସ୍ତକ ଯାହା ଯୋଗୁଁ କି ଗୁରୁ ସମ୍ବନ୍ଧୀୟ ନାନା ପ୍ରକାର ବିଭ୍ରାନ୍ତି ସମାଜରେ ପ୍ରସାରିତ ହୋଇଛି ଓ ଲୋକେ ତଦ୍ଦ୍ୱାରା ଈଶ୍ୱରଙ୍କ ଠାରୁ ଦୂରେଇ ଚାଲିଛନ୍ତି। ପରଂବ୍ରହ୍ମ କାହାକୁ କହନ୍ତି ? ତାଙ୍କର ଗୁଣ-କର୍ମ-ସ୍ୱଭାବ କ'ଣ ? ସେକଥା ଜାଣିଲେ ସେ କଷଟିରେ ପରୀକ୍ଷା କରି ଆମେ ନିଷ୍କର୍ଷରେ ପହଞ୍ଚିପାରିବା ଯେ ଗୁରୁ ପରଂବ୍ରହ୍ମ ଅଟନ୍ତି କି ନାହିଁ। ବେଦାନ୍ତ ଦର୍ଶନର ଆରମ୍ଭ ହିଁ ପରଂବ୍ରହ୍ମ ବିଷୟକ ଚର୍ଚ୍ଚାରୁ ହୋଇଛି। ସେଇଠି ପ୍ରଥମ ସୂତ୍ରରେ କୁହାଯାଇଛି — **"ଅଥାତୋ ବ୍ରହ୍ମଜିଜ୍ଞାସା'** (ବେଦାନ୍ତ. ୧:୧:୧) — ବର୍ତ୍ତମାନ ବ୍ରହ୍ମଙ୍କ ବିଷୟରେ ଜାଣିବା, ବ୍ରହ୍ମଙ୍କ ବିଷୟରେ ଆଲୋଚନା- ବିଚାର-ମୀମାଂସା କରିବା। ବ୍ରହ୍ମ କିଏ ? ତା'ର ଉତ୍ତର ତା' ପରବର୍ତ୍ତୀ ସୂତ୍ରରେ ଦିଆଯାଇଛି — **'ଜନ୍ମାଦ୍ୟସ୍ୟ ଯତଃ'** (ବେଦାନ୍ତ. ୧:୧:୨)— ଏ ସୃଷ୍ଟିକୁ ଯିଏ ସୃଜନ କରିଛନ୍ତି, ଏ ସୃଷ୍ଟିକୁ ଯିଏ ପାଳନ କରୁଛନ୍ତି ଏବଂ ଆବଶ୍ୟକତା ଅନୁସାରେ ସୃଷ୍ଟିର ଯିଏ ପ୍ରଳୟ କରନ୍ତି, ସିଏ ବ୍ରହ୍ମ ଅଟନ୍ତି। ଏଥିରୁ ଜଣାଗଲା ଯେ, ପରଂବ୍ରହ୍ମ ହେଉଛନ୍ତି ସିଏ ଯିଏକି ଏ ସାରା ସଂସାର ଅର୍ଥାତ୍ ଏ ସୂର୍ଯ୍ୟ, ପୃଥିବୀ, ଚନ୍ଦ୍ର ତଥା ଅସଂଖ୍ୟ ନକ୍ଷତ୍ର-ଗ୍ରହ-ଉପଗ୍ରହ, ପାଣି-ପବନ, ପାହାଡ଼-ପର୍ବତ, ନଈ-ନାଳ-ସମୁଦ୍ର, ଗଛଲତା ଏବଂ ଜଳଚର-ସ୍ଥଳଚର-ନଭଚର ଆଦି ଅସଂଖ୍ୟ ପ୍ରକାର ପ୍ରାଣୀ ତିଆରି କରିଛନ୍ତି। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ଆମେ ଯେଉଁ ଗୁରୁମାନଙ୍କୁ ସଂସାରରେ ଦେଖୁଛେ ସେମାନଙ୍କ ମଧ୍ୟରୁ କୌଣସି ଗୁରୁଙ୍କର ବି ଗୋଟିଏ ପିମ୍ପୁଡ଼ି ବି ତିଆରି କରିବାର କ୍ଷମତା ଅଛି କି ?

**ପ୍ର.କ. —** ନା-ନା। ଆଦୌ ନାହିଁ।

**ସ୍ୱାମୀଜୀ —** ଅତୀତରେ କୌଣସି ଗୁରୁ କୌଣସି ଜୀବ ସୃଷ୍ଟି କରିଥିବେ ବୋଲି ଆପଣ ଭାବୁଛନ୍ତି କି ?

**ପ୍ର.କ. —** ନା। କୌଣସି ଜୀବ ସୃଷ୍ଟି କରିବାର ସାମର୍ଥ୍ୟ ମଣିଷର କାହିଁ ? ତାହା ତ ଭଗବାନଙ୍କ ସାମର୍ଥ୍ୟ।

**ସ୍ୱାମୀଜୀ —** ଯେଉଁ ଗୁରୁ କ୍ଷୁଦ୍ର ପିମ୍ପୁଡ଼ିଟିଏ ବି ଉତ୍ପନ୍ନ କରିପାରନ୍ତି ନାହିଁ, ସିଏ ପୁଣି ଅସଂଖ୍ୟ ବିଶାଳ ଲୋକ-ଲୋକାନ୍ତର ତିଆରି କରିଥିବା, ପ୍ରତି ମୁହୂର୍ତ୍ତରେ ଅସଂଖ୍ୟ ପ୍ରକାର ଜୀବ-ଜନ୍ତୁ ତିଆରି କରିଥିବା ଓ କରୁଥିବା ପରଂବ୍ରହ୍ମ କେମିତି ହୋଇପାରିବେ ? ଅନ୍ୟ ପ୍ରାଣୀ ଉତ୍ପନ୍ନ କରିବା କଥା ଛାଡନ୍ତୁ, ଯେଉଁ ଗୁରୁମାନେ ବଞ୍ଚିଛନ୍ତି ସେମାନଙ୍କ ମଧ୍ୟରୁ କାହାର ନିଜର ହୃଦ୍‌ଯନ୍ତ୍ର, ଫୁସ୍‌ଫୁସ୍, ଯକୃତ, ପିତ୍ତାଶୟ, ମୂତ୍ରାଶୟ, କିଡ୍‌ନୀ, ଆଖି, କାନ ଆଦି ଅଙ୍ଗ-ପ୍ରତ୍ୟଙ୍ଗ ଖରାପ ହୋଇଗଲେ ସେମାନେ ନିଜର ଆଉ ଗୋଟିଏ ସେଭଳି ଅଙ୍ଗ-ପ୍ରତ୍ୟଙ୍ଗ ତିଆରି କରିପାରୁ ନାହାନ୍ତି। ଏଥିପାଇଁ ଏ ଡାକ୍ତର - ସେ ଡାକ୍ତରଙ୍କ ପାଖକୁ ଯାଇ ସେସବୁର ମରାମତି ଅଥବା ଅନ୍ୟର ଆଣି ପ୍ରତିରୋପଣ ଆଦି କରାଉଛନ୍ତି। ତାଙ୍କୁ ପୁଣି ପରଂବ୍ରହ୍ମ ବୋଲି କେମିତି କୁହାଯାଇପାରିବ ? ଅତଃ କୌଣସି ଶରୀରଧାରୀ ଗୁରୁ ପରଂବ୍ରହ୍ମ ନୁହନ୍ତି। ଏମାନେ ସମସ୍ତେ ଜୀବାତ୍ମା। **ମାନବ ଦେହଧାରୀ ଗୁରୁମାନଙ୍କୁ ପରଂବ୍ରହ୍ମ ବୋଲି କହିବା ଯଥାର୍ଥରେ ପରଂବ୍ରହ୍ମଙ୍କ ଅବମାନନା। ଏଭଳି କହିବା, କରିବା ଦ୍ୱାରା ଈଶ୍ୱରଙ୍କ ନ୍ୟାୟବ୍ୟବସ୍ଥା ଅନୁସାରେ ଦଣ୍ଡ ମିଳେ।**

ଏଇଠି ଆଉ ଗୋଟିଏ କଥା ହେଲା ଯେ, ଆମେ ଆମ ଗୁରୁଙ୍କଠାରୁ ଜ୍ଞାନ ପାଇଛନ୍ତି। ସେ ତାଙ୍କ ଗୁରୁଙ୍କଠାରୁ, ତାଙ୍କ ଗୁରୁ ତାଙ୍କ ପୂର୍ବ ଗୁରୁଙ୍କଠାରୁ ଜ୍ଞାନ ପାଇଛନ୍ତି। ସେମାନେ ସେମାନଙ୍କ ପୂର୍ବ ଗୁରୁଙ୍କଠାରୁ ଜ୍ଞାନ ପାଇଛନ୍ତି। ଏହିପରି ଶିଷ୍ୟ-ଗୁରୁ କ୍ରମରେ ଆଗକୁ-ଆଗକୁ ବଢ଼ିଚାଲିଲେ ଜଣାଯାଏ ଯେ, ସୃଷ୍ଟି ଆରମ୍ଭରେ ପ୍ରଥମ ଜ୍ଞାନପ୍ରାପ୍ତକର୍ତ୍ତା ମନୁଷ୍ୟମାନେ ପରଂବ୍ରହ୍ମଙ୍କଠାରୁ ବେଦ ମାଧ୍ୟମରେ ଜ୍ଞାନ ପ୍ରାପ୍ତ କରିଛନ୍ତି। ଏଣୁ ଯୋଗଦର୍ଶନରେ କୁହାଯାଇଛି — **'ସ ଏଷ ପୂର୍ବେଷାମପି ଗୁରୁଃ କାଲେନାନବଚ୍ଛେଦାତ୍'** (ଯୋଗ. ୧:୨୬) — ପରମାତ୍ମା ସୃଷ୍ଟି ପ୍ରାରମ୍ଭରେ ମଣିଷକୁ ବେଦ ମାଧ୍ୟମରେ ପ୍ରଥମ ଜ୍ଞାନ ପ୍ରଦାନ କରିଥିବାରୁ ତଥା ତାହା ପରବର୍ତ୍ତୀ ସମୟରେ ଗୁରୁ-ଶିଷ୍ୟ ପରମ୍ପରାରେ ଆଗକୁ ବଢ଼ିଚାଲିଥିବାରୁ ପରଂବ୍ରହ୍ମ ପୂର୍ବ-ପୂର୍ବ ଗୁରୁମାନଙ୍କର ବି

ଗୁରୁ, ଆଦିଗୁରୁ, ପରମଗୁରୁ ଅଟନ୍ତି । ଅତଏବ ଜ୍ଞାନଦାତା ହୋଇଥିବାରୁ ପରଂବ୍ରହ୍ମ ତ ଗୁରୁ ଅଟନ୍ତି; କିନ୍ତୁ କୌଣସି ଶରୀରଧାରୀ ଗୁରୁ ପରଂବ୍ରହ୍ମ ନୁହନ୍ତି । ତଥାପି ଯଦି କୌଣସି ଗୁରୁ ନିଜକୁ ବା ନିଜ ଗୁରୁଙ୍କୁ ପରଂବ୍ରହ୍ମ ବୋଲି କହୁଛନ୍ତି, ମାନୁଛନ୍ତି ତେବେ ତାଙ୍କୁ ମୋର ବିନମ୍ର ନିବେଦନ ଯେ ବର୍ତ୍ତମାନ ଏ ପୃଥିବୀରେ ମାଟି, ପାଣି, ପବନ ବହୁତ ପ୍ରଦୂଷିତ ହୋଇଗଲାଣି । ତେଣୁ ଜୀଇଁବା କଷ୍ଟକର ହୋଇଗଲାଣି । ସିଏ ଦୟାକରି ଶୁଦ୍ଧ ମାଟି, ପାଣି, ପବନଯୁକ୍ତ ଆଉ ଗୋଟିଏ ପୃଥିବୀ ତିଆରି କରିଦିଅନ୍ତୁ; ହୃଦ୍‌ଯନ୍ତ୍ର, ଫୁସ୍‌ଫୁସ୍, କିଡ୍‌ନୀ, ଆଖି ଆଦି ନଷ୍ଟ ହୋଇଯାଉଥିବା ଲୋକଙ୍କର ଏସବୁ ପୁଣି ତିଆରି କରିଦିଅନ୍ତୁ । ଯଦି ଏପରି କରିବାର କ୍ଷମତା ନାହିଁ, ତେବେ ମଣିଷ ଦେହଧାରୀ ଗୁରୁଙ୍କୁ ପରଂବ୍ରହ୍ମ କହି ସରଳ-ନିରୀହ ଲୋକଙ୍କୁ ଭଣ୍ଡାଇବାରୁ କ୍ଷାନ୍ତ ରହନ୍ତୁ । ନଚେତ୍ ପରଂବ୍ରହ୍ମଙ୍କ ଠାରୁ ଭୟଙ୍କର ଦଣ୍ଡ ମିଳିବ ।

**ପ୍ର.କ. —** ତେବେ ଗୁରୁଗୀତାର **'ଧ୍ୟାନମୂଳଂ ଗୁରୋର୍ମୂର୍ତ୍ତିଃ'** କଥାକୁ ଆମେ କ'ଣ ବୋଲି ବୁଝିବା ?

**ସ୍ୱାମୀଜୀ —** ଏଇଟା ଗୋଟିଏ ଭୁଲ୍ କଥା ବୋଲି ଆମେ ଭଲ ଭାବେ ବୁଝିଯିବା ଉଚିତ । କାରଣ ମାନବ ଦେହଧାରୀ ଗୁରୁ ଧ୍ୟେୟ, ଉପାସ୍ୟ ନୁହନ୍ତି । ଆଉ ଯେଉଁ ପରଂବ୍ରହ୍ମ ଆଦିଗୁରୁ, ପରମଗୁରୁ ଅଟନ୍ତି, ତାଙ୍କର କୌଣସି ମୂର୍ତ୍ତି, ଆକାର, ପ୍ରତିକୃତି ନାହିଁ । ସିଏ ଅମୂର୍ତ୍ତ । ତାଙ୍କ ଧ୍ୟାନର ଅର୍ଥ ତାଙ୍କର ଗୁଣ-କର୍ମ-ସ୍ୱଭାବର ଚିନ୍ତନ ।

**ପ୍ର.କ. —** ଆଉ ଜଣେ ବନ୍ଧୁ ପତ୍ର ଦେଇଛନ୍ତି । ସେ ପଚାରିଛନ୍ତି ଯେ — 'ଗୁରୁ ଓ ଈଶ୍ୱରଙ୍କ ମଧ୍ୟରେ ଶ୍ରେଷ୍ଠ କିଏ ?

**ସ୍ୱାମୀଜୀ —** ମୁଁ ଏଇ ଆଗରୁ କହିଲି ଯେ ଜୀବାତ୍ମାର ଲକ୍ଷ୍ୟ ହେଉଛନ୍ତି ପରମପିତା ପରମାତ୍ମା । କାହିଁକି ? କାରଣ ଜୀବାତ୍ମା ପାଖରେ ଆନନ୍ଦ ନାହିଁ ଓ ଆନନ୍ଦ ତା'ର କାମ୍ୟ । ଗୁରୁ ଜୀବାତ୍ମା ହୋଇଥିବାରୁ ତାଙ୍କ ପାଖରେ ଆନନ୍ଦ ନାହିଁ । ଈଶ୍ୱର ହେଉଛନ୍ତି ନିତ୍ୟ ଆନନ୍ଦର ଭଣ୍ଡାର । ଏଣୁ ଗୁରୁ ମଧ୍ୟ ଆନନ୍ଦ ପ୍ରାପ୍ତ କରିବା ପାଇଁ ଈଶ୍ୱରଙ୍କୁ ଧ୍ୟାନ କରନ୍ତି । ଈଶ୍ୱର-ପ୍ରାପ୍ତି ପାଇଁ ଶିଷ୍ୟ ଗୁରୁଙ୍କ ନିକଟକୁ ଯାଏ । ଶିଷ୍ୟ, ସାଧକ ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚିବାରେ ଗୁରୁ ସହାୟକ ହୋଇଥାନ୍ତି । ତେଣୁ ଗୁରୁ ସାଧନ ଅଟନ୍ତି, ସାଧ୍ୟ ନୁହନ୍ତି, ଲକ୍ଷ୍ୟ ନୁହନ୍ତି । ଶିଷ୍ୟର ସାଧ୍ୟ, ଲକ୍ଷ୍ୟ ତ ହେଲେ ଈଶ୍ୱର । ସାଧ୍ୟକୁ ପାଇବା ପାଇଁ ସାଧନ ଦରକାର ପଡ଼ିଥାଏ । ସାଧ୍ୟ ପ୍ରାପ୍ତିର ଆବଶ୍ୟକତା ନ ଥିଲେ ସାଧନ ଦରକାର ପଡ଼ିନଥାଏ । ଏଣୁ ସାଧ୍ୟ ହିଁ ବଡ଼, ସାଧନ ନୁହେଁ । ସେ ଦୃଷ୍ଟିରୁ ଈଶ୍ୱରଙ୍କୁ ପାଇବା ପାଇଁ ଗୁରୁ । ଗୁରୁଙ୍କ ପାଇଁ ଈଶ୍ୱର ନୁହନ୍ତି । ଅତଏବ ଈଶ୍ୱର ଶ୍ରେଷ୍ଠ । ଗୁରୁ ଈଶ୍ୱରଙ୍କଠୁ ବଡ଼, ଶ୍ରେଷ୍ଠ ନୁହନ୍ତି । ଦ୍ୱିତୀୟ କଥା ହେଲା ଯେ ଯଦି ଗୁରୁ ବଡ଼ ହୋଇଥାଆନ୍ତେ ଓ ଈଶ୍ୱର ତାଙ୍କଠୁ ଛୋଟ ହୋଇଥାଆନ୍ତେ, ତେବେ ଗୁରୁ ରୂପକ ଶ୍ରେଷ୍ଠ ସତ୍ତାଙ୍କୁ ପାଇସାରିବା ପରେ ତାଙ୍କଠୁ ନିକୃଷ୍ଟ ଈଶ୍ୱରଙ୍କ ଆଡ଼କୁ ପୁଣି ଯିବାର ଆବଶ୍ୟକତା କ'ଣ ? ଗୁରୁ ଯଦି ଈଶ୍ୱରଙ୍କଠାରୁ ଶ୍ରେଷ୍ଠ ହୋଇଥାଆନ୍ତେ, ତେବେ ସେ ପୁଣି ଈଶ୍ୱରଙ୍କ ଆଡ଼କୁ ଯିବାର ପ୍ରେରଣା କାହିଁକି ଦେଉଛନ୍ତି, ରାସ୍ତା କାହିଁକି ବତାଉଛନ୍ତି ? ସେ ତ କହିଥାନ୍ତେ ଯେ ଆଉ ଈଶ୍ୱରଙ୍କ ପାଖକୁ ଯିବା ଦରକାର ନାହିଁ, ଯେହେତୁ କି ମୁଁ ଈଶ୍ୱରଙ୍କଠାରୁ ବଡ଼ । ତେଣୁ ଈଶ୍ୱର ହିଁ ଶ୍ରେଷ୍ଠ । ତୃତୀୟ କଥା ହେଲା ଆମେ ଦେଖୁଛେ ଯେ ବୈଜ୍ଞାନିକମାନେ ଆବିଷ୍କାର, ଉଦ୍‌ଭାବନ କରନ୍ତି, ସଂସାରକୁ ନୂଆ-ନୂଆ ଜ୍ଞାନ-ବିଜ୍ଞାନ ଦିଅନ୍ତି । ଆମ ବିଜ୍ଞାନ ଶିକ୍ଷକ ସେ ଜ୍ଞାନ-ବିଜ୍ଞାନ ଆମକୁ ପଢ଼ାନ୍ତି, ଶିଖାନ୍ତି । ବର୍ତ୍ତମାନ ପ୍ରଶ୍ନ ହେଲା ଯେ ସେ ଜ୍ଞାନ-ବିଜ୍ଞାନର ଆବିଷ୍କାରକ, ଉଦ୍‌ଭାବକ ବୈଜ୍ଞାନିକ ଶ୍ରେଷ୍ଠ ନା ତାକୁ ପଢ଼ାଉଥିବା ବିଜ୍ଞାନ ଶିକ୍ଷକ ?

**ପ୍ର.କ. —** ନିଶ୍ଚିତ ରୂପେ ଆବିଷ୍କାରକ, ଉଦ୍‌ଭାବକ ବୈଜ୍ଞାନିକ ଶ୍ରେଷ୍ଠ ।

**ସ୍ୱାମୀଜୀ —** ଯେମିତି ଆବିଷ୍କାରକ-ଉଦ୍‌ଭାବକ ବୈଜ୍ଞାନିକ ବଡ଼ ଅଟନ୍ତି, ବିଜ୍ଞାନ ଶିକ୍ଷକ ବଡ଼ ନୁହନ୍ତି; ଠିକ୍ ସେମିତି ଈଶ୍ୱର ବଡ଼ ଅଟନ୍ତି ଗୁରୁଙ୍କଠାରୁ ।

ତା' ଛଡ଼ା ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ସଂସାରର ସବୁ ଗୁରୁମାନଙ୍କ ଜ୍ଞାନ ମିଶାଇଲେ ତାହା ଯେତେ ହେବ ଈଶ୍ୱରଙ୍କ ଜ୍ଞାନ ତା'ଠାରୁ ଅନନ୍ତ ଗୁଣ ଅଧିକ । ଈଶ୍ୱର ସର୍ବଶ୍ରେଷ୍ଠ । ସେ କାହା ସହ ତୁଳନା ଯୋଗ୍ୟ ହିଁ ନୁହନ୍ତି, ସେ ଅତୁଳନୀୟ ।

**ପ୍ର.କ. —** ତାଙ୍କର ଆଉ ଗୋଟିଏ ପ୍ରଶ୍ନ ହେଲା ଯେ — "ଯେଉଁ କଥା କୁହାଯାଇଛି କି **'ମୋକ୍ଷମୂଳଂ ଗୁରୋଃ କୃପାଃ'** (ଗୁରୁଗୀତା. ୭୬)**—** ଗୁରୁକୃପା ବଳରେ ଶିଷ୍ୟର ମୋକ୍ଷ ହୋଇଯାଏ, **'ଗୁରୁକୃପା ହି କେବଲମ୍'—** ଗୁରୁକୃପା ହିଁ ସବୁକିଛି। ବାସ୍ତବରେ ଗୁରୁକୃପା କହିଲେ କ'ଣ ବୁଝାଯାଏ ? ଏହା ଶିଷ୍ୟର କିପରି ଓ କ'ଣ ଉପକାର କରେ ?"

**ସ୍ୱାମୀଜୀ —** ଗୁରୁକୃପା ଶବ୍ଦର ଅର୍ଥ ସାଧାରଣତଃ ଲୋକମାନେ ଯାହା ଭାବନ୍ତି ଯେ- ଗୁରୁ କାହାର ମସ୍ତକ ଉପରେ ହାତ ରଖିଦେଲେ, କାହାକୁ ଆଶୀର୍ବାଦ କରିଦେଲେ ତା' ଉପରେ ଗୁରୁଙ୍କ ଶକ୍ତିପାତ ହୋଇଯାଏ, ଗୁରୁଙ୍କଠାରୁ ତା' ଭିତରକୁ ଶକ୍ତିର ସ୍ରୋତ ବହିଯାଏ, ତୁରନ୍ତ ତା'ର ବ୍ରହ୍ମଜ୍ଞାନ ଉଦୟ ହୋଇଯାଏ, ତା'ର ଈଶ୍ୱର ସାକ୍ଷାତ୍କାର ହୋଇଯାଏ, ସେ ମୋକ୍ଷ ପ୍ରାପ୍ତ କରିନିଏ - ଏସବୁ କଥା ଠିକ୍ ନୁହେଁ। 'ଗୁରୁକୃପା'ର ଅର୍ଥ ହେଲା ଗୁରୁ ଦୀର୍ଘ ବର୍ଷ-ବର୍ଷ ଧରି ସାଧନା କରି ଯେଉଁ ଜ୍ଞାନ ଲାଭ କରିଥାନ୍ତି, ଯେଉଁ ସତ୍ୟପଥର ସନ୍ଧାନ ପାଇଥାନ୍ତି, ସାଧନା ପଥରେ ଥିବା ପ୍ରତିବନ୍ଧକଗୁଡ଼ିକୁ ଅତିକ୍ରମ କରିବାର ଯେଉଁ ଅନୁଭୂତି ତାଙ୍କ ପାଖରେ ଥାଏ- ତାହା ସେ ସହଜ-ସରଳ ରୂପେ ଶିଷ୍ୟକୁ ଦେଇଦିଅନ୍ତି। ତଦ୍ୱାରା ଶିଷ୍ୟ ବହୁ ଶ୍ରମରୁ ରକ୍ଷା ପାଇଯାଏ, ତା'ର ପ୍ରଗତି ମଧ୍ୟ କ୍ଷିପ୍ର ବେଗରେ ହୋଇଚାଲେ। ଏଇଠି ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଶିଷ୍ୟ ଚେଷ୍ଟା ନ କଲେ ଗୁରୁ ଯେତେ କୃପା କଲେ ମଧ୍ୟ ତା'ର କୌଣସି ସୁପରିଣାମ ହୋଇପାରିନଥାଏ।

**ପ୍ର.କ. —** ଆଉ ଜଣେ ଦର୍ଶକବନ୍ଧୁ ପତ୍ର ଦେଇଛନ୍ତି। ସେ ଲେଖିଛନ୍ତି — "ଆଜିକାଲି ସଂସାରରେ ବହୁତ ଭେରାଇଟି (Variety)ର ଦୀକ୍ଷା ଦେଖିବାକୁ ମିଳୁଛି। ଏ ସବୁର ବଜାର ଦର (Market rate) ମଧ୍ୟ ଅଲଗା-ଅଲଗା। ଏସବୁର ଯଥାର୍ଥତା କ'ଣ ? ଆଧ୍ୟାତ୍ମିକ ଉନ୍ନତି ପାଇଁ ଦୀକ୍ଷା ଗ୍ରହଣ ଆବଶ୍ୟକ କି ?"

**ସ୍ୱାମୀଜୀ — 'ଦୀକ୍ଷ ମୌଣ୍ଡ୍ୟେଜ୍ୟୋପନୟନ-ନିୟମବ୍ରତାଦେଶେଷୁ'** ଧାତୁରୁ **'ଦୀକ୍ଷା'** ଶବ୍ଦର ଉତ୍ପତ୍ତି। 'ଦୀକ୍ଷ' ଧାତୁର ଅର୍ଥ ହେଲା- ମୁଣ୍ଡନ କରିବା, ଯଜ୍ଞ କରିବା, ଉପନୟନ କରିବା, ଆତ୍ମସଂଯମ କରିବା, ଧର୍ମ ଶିକ୍ଷା ଦେବା, ଉପଦେଶ ଦେବା, ଆଦେଶ ଦେବା ଇତ୍ୟାଦି। ଏଣୁ ଦୀକ୍ଷା ଗ୍ରହଣ କରିବାର ଅର୍ଥ ହେଉଛି - ଆତ୍ମାର କଲ୍ୟାଣ-ଉନ୍ନତି ସାଧନ ନିମନ୍ତେ, ଉଚିତ ଦକ୍ଷତା-ଯୋଗ୍ୟତା ପ୍ରାପ୍ତି ପାଇଁ ସମର୍ପିତ ହେବା, ସଂକଳ୍ପବଦ୍ଧ ହେବା, ସଂକଳ୍ପବଦ୍ଧ ପ୍ରୟାସର ଆୟମାରମ୍ଭ କରିବା ତଥା ସେ ପଥରେ ନିରବଚ୍ଛିନ୍ନ ରୂପେ ଆଗେଇଚାଲିବା। ମଣିଷ ଭିତରେ ପୂର୍ବ-ପୂର୍ବ ଜନ୍ମର ବିବିଧ ପ୍ରକାର ସଂସ୍କାର ରହିଛି। ଭଲ ବି ଅଛି, ମନ୍ଦ ବି ଅଛି। ଭଲ ସଂସ୍କାରଗୁଡ଼ିକୁ ସର୍ବଦା ଜାଗ୍ରତ କରି ରଖିବା ଏବଂ ଅଶୁଭ, ମନ୍ଦ, ହାନିକାରକ ସଂସ୍କାରଗୁଡ଼ିକୁ ଦଗ୍‌ଧବୀଜ କରିବା, ନଷ୍ଟ କରିବା ଦ୍ୱାରା ହିଁ ଆତ୍ମାର ଚିରନ୍ତନ କଲ୍ୟାଣ ସାଧିତ ହୋଇଥାଏ। ଏଥିପାଇଁ ଦୃଢ଼ ଇଚ୍ଛାଶକ୍ତି ପ୍ରୟୋଗ ପୂର୍ବକ ନିରନ୍ତର ପ୍ରୟାସ ଆବଶ୍ୟକ। ଆମ ଭିତରେ ଥିବା ଭୋଗ ବାସନାର ସଂସ୍କାରସମୂହ ଆମ ଚିତ୍ତକୁ ଭୋଗ ଆଡ଼କୁ ପ୍ରଧାବିତ କରାଇ ଅସ୍ଥିରତା ସୃଷ୍ଟି କରନ୍ତି। ତେଣୁ ତାକୁ ଅତିକ୍ରମ କରି ଲକ୍ଷ୍ୟ ପ୍ରାପ୍ତି ପାଇଁ ଆମେ ବ୍ରତ, ସଂକଳ୍ପ ନେବା ଆବଶ୍ୟକ। ବ୍ରତ ନେଇ ଦୃଢ଼ ଇଚ୍ଛାଶକ୍ତି ପ୍ରୟୋଗ କରି ଲକ୍ଷ୍ୟ ପଥରେ ନ ଆଗେଇଲେ ଆମେ କାମନା-ବାସନାର ପ୍ରବାହରେ ଭାସିଯିବା। ଏଣୁ ବ୍ରତ, ସଂକଳ୍ପ ନେବା ଉଚିତ। ତା'ର ଆଚରଣ ମଧ୍ୟ ଦୃଢ଼ତା ଓ ଯୋଜନା ପୂର୍ବକ କରିବା ଆବଶ୍ୟକ। ସଂକଳ୍ପକୁ ସାକାର ରୂପ ଦେବ ପାଇଁ ଯୋଜନାବଦ୍ଧ, ଦୃଢ଼ତାପୂର୍ଣ୍ଣ ପ୍ରୟାସ ହିଁ ଦୀକ୍ଷା। ତେଣୁ ପ୍ରତ୍ୟେକ ଆଧ୍ୟାତ୍ମିକ ଉନ୍ନତିକାମୀ ବ୍ୟକ୍ତି ଅବଶ୍ୟ ଦୀକ୍ଷା ଗ୍ରହଣ କରିବା ଉଚିତ। ଅତଃ ଯଜୁର୍ବେଦରେ କୁହାଯାଇଛି **— 'ବ୍ରତେନ ଦୀକ୍ଷାମାପ୍ନୋତି ଦୀକ୍ଷୟାପ୍ନୋତି ଦକ୍ଷିଣାମ୍'** (ଯଜୁଃ. ୧୯:୩୦)**—** ଉତ୍ତମ ସଂକଳ୍ପ ଗ୍ରହଣ କରି ଦୃଢ଼ତାପୂର୍ବକ ତା'ର ଆଚରଣ ଦ୍ୱାରା ବ୍ୟକ୍ତି ଦକ୍ଷତା-ଯୋଗ୍ୟତା ପ୍ରାପ୍ତି ପୂର୍ବକ ତା'ର ସୁଖପ୍ରଦ ପରିଣାମ ପ୍ରାପ୍ତ କରେ।

ଆଜିକାଲି ବହୁ ପ୍ରକାର ଆଧୁନିକ ଦୀକ୍ଷା ବାହାରିଥିବା କଥା ବନ୍ଧୁ ଲେଖିଛନ୍ତି। ସେ ସବୁର ବଜାର ଦର ବି ଭିନ୍ନ ବୋଲି ଲେଖିଛନ୍ତି। ଏସବୁ ଦୀକ୍ଷାର ଉଦ୍ଦେଶ୍ୟ କେବଳ ଅର୍ଥ ଲୁଣ୍ଠନ। ଆତ୍ମୋନ୍ନତି ସହ ଏସବୁର କୌଣସି ସଂପର୍କ

ନାହିଁ। ପ୍ରାଚୀନ ପରମ୍ପରାରେ ଅର୍ଥ ଆଧାରରେ ଦୀକ୍ଷା ଦିଆଯାଏ ନାହିଁ, ଆଧାର-ପାତ୍ରତା ଅନୁସାରେ ଦିଆଯାଏ।

**ପ୍ର.କ. —** ଆଉ ଜଣେ ବନ୍ଧୁଙ୍କ ପତ୍ର ଉପରେ ବିଚାର କରିବା। ସେ ୨ଟି ପ୍ରଶ୍ନ ପଚାରିଛନ୍ତି — ୧. ଜଣେ ବ୍ୟକ୍ତି ଜଣଙ୍କୁ ଗୁରୁ କରିଥିଲେ। ସେତେବେଳେ ସିଏ ଆଧ୍ୟାତ୍ମିକତା ବିଷୟରେ ବିଶେଷ କିଛି ଜାଣିନଥିଲେ। ଜୀବନରେ ଗୁରୁ-ଦୀକ୍ଷାଟିଏ ନେବା ଆବଶ୍ୟକ ବୋଲି ଲୋକଙ୍କଠାରୁ ଶୁଣି ତାଙ୍କୁ ଗୁରୁ କରିଥିଲେ। ବର୍ତ୍ତମାନ ସେ ଅନୁଭବ କରୁଛନ୍ତି ଯେ ସେହି ଗୁରୁ ଈଶ୍ୱର, ଧର୍ମ, ପୂଜା-ପାଠ ଆଦି ବିଷୟରେ ଯାହା କହୁଛନ୍ତି ସେଥିରୁ ଅଧିକାଂଶ କଥା ବୁଦ୍ଧିବିରୁଦ୍ଧ, ତର୍କବିରୁଦ୍ଧ। ଏପରି ସ୍ଥିତିରେ ଯେହେତୁ ଜଣକୁ ଗୁରୁ କରିସାରିଛନ୍ତି, ତେଣୁ ସେ ଯାହା କହିଲେ ବି ତାହା ମାନିନେବା ଉଚିତ, ତାଙ୍କ ପଛରେ ହିଁ ଚାଲିବା ଉଚିତ ନା ଯିଏ ତର୍କସଂଗତ କଥା କହୁଛନ୍ତି ସେଭଳି ଯଥାର୍ଥ ଜ୍ଞାନୀ ବ୍ୟକ୍ତିଙ୍କୁ ଆଉ ଥରେ ଗୁରୁ ରୂପେ ବରଣ କରାଯାଇପାରିବ ଓ ତାଙ୍କର ଯଥାର୍ଥ ସାଧନାପଦ୍ଧତି ଅବଲମ୍ବନ କରାଯାଇପାରିବ ?

୨. ମନେକରନ୍ତୁ ଜଣେ ଯାହାକୁ ଗୁରୁ କରିସାରିଛନ୍ତି ସିଏ କୌଣସି ଶିକ୍ଷା ଦେଉନାହାନ୍ତି। ଥରଟିଏ ଯାହା ଦୀକ୍ଷା ଦେଇଛନ୍ତି। ଏପରିକି ବର୍ତ୍ତମାନ ତାଙ୍କ ନିକଟ ସାନ୍ନିଧ୍ୟ ପାଇବା ବି ଦୁର୍ଲଭ। ଦୂରରୁ ଯାହା ଦର୍ଶନ କରିହେବ। ଏଭଳି ସ୍ଥିତିରେ ସେ ବ୍ୟକ୍ତି କିଛି ଜ୍ଞାନ ଶିଖିବା ପାଇଁ ଆଉ କୌଣସି ବ୍ୟକ୍ତିଙ୍କୁ ପୁଣି ଗୁରୁ କଲେ ପାପ ହେବ କି ?

**ସ୍ୱାମୀଜୀ —** ଆମେ କ୍ରମଶଃ ଗୋଟିଏ-ଗୋଟିଏ ପ୍ରଶ୍ନ ଉପରେ ବିଚାର କରିବା —

୧. ମନେକରନ୍ତୁ ଆପଣ ଗୋଟିଏ ଦୋକାନରୁ ନିୟମିତ ସଉଦା ନେଉଛନ୍ତି। ଆପଣ ସେ ଦୋକାନକୁ ଉଚିତ ମୂଲ୍ୟର ଦୋକାନ, ଉତ୍କୃଷ୍ଟ ମାନର ବସ୍ତୁ ମିଳୁଥିବା ଦୋକାନ ଇତ୍ୟାଦି ବୋଲି ନିଜ ଜ୍ଞାନ ଅନୁସାରେ ବିବେଚନା କରି ସେଇଠୁ ସଉଦା ନେଇଆସୁଛନ୍ତି। ବର୍ତ୍ତମାନ ଆପଣ ଅନେକ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଲେ ଯେ ସେଠାରେ ଆପଣ ଠକି ହୋଇ ଚାଲିଛନ୍ତି। ସେଠାରେ ଚିକ୍କଣ କଥା କହି ନିକୃଷ୍ଟ ମାନର, ଭେଜାଲ୍, ଅପମିଶ୍ରିତ ଜିନିଷ ବିକାଯାଉଛି। ଦାମ୍ ବି ଅପେକ୍ଷାକୃତ ଅଧିକ। ଅନ୍ୟତ୍ର ତା'ଠାରୁ କମ୍ ମୂଲ୍ୟରେ ଭଲ ଜିନିଷ ମିଳୁଛି। ଆପଣ ଥରେ-ଅଧେ ଗୋଟିଏ-ଦୁଇଟି ଜିନିଷ ଅନ୍ୟତ୍ର କିଣି ପରୀକ୍ଷା ବି କଲେ। ଆପଣ ନିଶ୍ଚିତ ହୋଇଗଲେ ଯେ, ଆପଣ ଖାଲରେ ପଡୁଛନ୍ତି। ବର୍ତ୍ତମାନ ମୋର ପ୍ରଶ୍ନ ହେଲା ଯେ ଏତେଦିନ ଧରି ସେଇ ଦୋକାନରୁ ସଉଦା ଆଣୁଥିଲେ ବୋଲି ବର୍ତ୍ତମାନ ବି ସେ ନିକୃଷ୍ଟ ଜିନିଷ, ଭେଜାଲ୍ ଜିନିଷ ଓ ଅଧିକ ଦରର ନିଜିଷ ଆଣିବା ଅବ୍ୟାହତ ରଖିବେ ନା ଦୋକାନ ବଦଳାଇ ନୂଆ ଉଚିତ ସ୍ଥାନରୁ ଉଚିତ ମୂଲ୍ୟରେ ସଉଦା ଆଣିବେ ?

**ପ୍ର.କ. —** ନିଶ୍ଚିତ ବଦଳାଇବୁ। ଆମର ଜିନିଷରେ ମତଲବ୍ ନା ଦୋକାନରେ ? ସେଠାରେ ଭଲ ଜିନିଷ ମିଳେ ବୋଲି ଭାବି ଆମେ ସେ ଦୋକାନକୁ ଯାଉଥିଲୁ। ଭୁଲ୍ ଜିନିଷ ମିଳିଲେ କାହିଁକି ଆଣିବୁ ? ଭେଜାଲ୍ ଜିନିଷ ଖାଇଲେ ଆମ ସ୍ୱାସ୍ଥ୍ୟ ଖରାପ ହେବ। ଆମେ ଆମ ସ୍ୱାସ୍ଥ୍ୟ ଖରାପ କରିବାକୁ ଯିବୁ କାହିଁକି ?

**ସ୍ୱାମୀଜୀ —** ଠିକ୍। ଆଚ୍ଛା, ଆଉ ଗୋଟିଏ କଥା। ଆପଣ ଆପଣଙ୍କ ସନ୍ତାନକୁ ଗୋଟିଏ ବିଦ୍ୟାଳୟ, କୋଚିଙ୍ଗ୍ ସେଣ୍ଟର୍‌ରେ ପଢ଼ାଉଛନ୍ତି। ଆପଣ ନିଜ ଜ୍ଞାନ ଭିତରେ ଖୋଜା-ଖୋଜି କରି ସେଇ ବିଦ୍ୟାଳୟ, କୋଚିଙ୍ଗ୍ ସେଣ୍ଟର୍ ଭଲ ବୋଲି ଜାଣି ସେଇଠି ପଢ଼ାଇଲେ। ପରେ ଆପଣ ଦେଖିଲେ ଯେ ସେଠାରେ ବାସ୍ତବରେ ଭଲ ପଢ଼ା ହେଉନାହିଁ କିମ୍ବା ସେଠାରେ ଧୀରେ-ଧୀରେ ପଢ଼ାର ସ୍ତର କମିଚାଲିଛି। ଖୋଜା-ଖୋଜି କରି ଜାଣିବାକୁ ପାଇଲେ ଯେ ଯା'ଠାରୁ ଭଲ ବିଦ୍ୟାଳୟ, କୋଚିଙ୍ଗ ସେଣ୍ଟର୍‌ରେ ଅଛି ଓ ସେଠାରେ ପଢ଼ାଇବାର ସୁଯୋଗ ମିଳୁଛି। ସେତେବେଳେ ଆପଣ ଯେଉଁଠି ପଢ଼ାଉଛନ୍ତି ସେଇଠି ପଢ଼ାଇବା ଜାରି ରଖିବେ ନା ଅନ୍ୟ ଉତ୍କୃଷ୍ଟ ସ୍ଥାନକୁ ସ୍ଥାନାନ୍ତରଣ କରିବେ ?

**ପ୍ର.କ. —** ଯଦି ଉତ୍ତମ ସ୍ଥାନରେ ପଢ଼ାଇବା ସୁଯୋଗ ଅଛି, ତେବେ ନିଶ୍ଚିତ ରୂପେ ସେଠାକୁ ନେଇଯିବୁ। ଏତିକି ଦିନ ନ ଜାଣି ପଢ଼ାଉଥିଲୁ ବୋଲି ସନ୍ତାନର ପରବର୍ତ୍ତୀ

ଜୀବନଟାକୁ ବି ନଷ୍ଟ କରିଦେବୁ କି ?

**ସ୍ୱାମୀଜୀ —** ଠିକ୍। ସେହିଭଳି ଆଧ୍ୟାତ୍ମିକ ଜୀବନରେ ଗୁରୁ ବରଣ କ୍ଷେତ୍ରରେ ମଧ୍ୟ ଏକା କଥା। ଆମେ ସଦା ସର୍ବଦା ମନେରଖିବା ଉଚିତ ଯେ ଆମେ ଗୁରୁଙ୍କ ପାଖକୁ ଯିବାର ମୌଳିକ ଉଦ୍ଦେଶ୍ୟ କ'ଣ ? ଆମେ ମୌଳିକ ଉଦ୍ଦେଶ୍ୟ ଭୁଲିଯାଉଛୁ। ତେଣୁ ବିଭ୍ରାନ୍ତିର ଶିକାର ହେଉଛୁ। ଗୁରୁ ଆମ ଜୀବନର ଲକ୍ଷ୍ୟ ନୁହନ୍ତି, ଜୀବନର ଲକ୍ଷ୍ୟ ହେଉଛି ଆତ୍ମୋନ୍ନତି। ଆଉ ଗୁରୁ ସେଥିପାଇଁ ଏକ ମାଧ୍ୟମ। ଉଚିତ ଶିକ୍ଷା, ଯଥାର୍ଥ ପଦ୍ଧତି ଦ୍ୱାରା ହିଁ ଆତ୍ମୋନ୍ନତି ହୁଏ। ଭୁଲ୍ ଶିକ୍ଷା ଦ୍ୱାରା ନୁହେଁ। ଏଣୁ କଲ୍ୟାଣ ଚାହୁଁଥିବା ବ୍ୟକ୍ତି ଈଶ୍ୱର, ଧର୍ମ, ପୂଜା-ପାଠ ଆଦି ବିଷୟରେ ଗୁରୁ ତର୍କବିରୁଦ୍ଧ, ବୁଦ୍ଧିବିରୁଦ୍ଧ କଥା କହୁଛନ୍ତି, ଭୁଲ୍ ସାଧନା ପଦ୍ଧତି ପ୍ରଶିକ୍ଷଣ ଦେଉଛନ୍ତି ବୋଲି ଜାଣିଲେ ସେହି ବେଦବିରୁଦ୍ଧ, ବେଦଜ୍ଞାନହୀନ, ଭୁଲ୍ ଶିକ୍ଷା ପ୍ରଦାତା ଗୁରୁଙ୍କୁ ଅବିଳମ୍ବେ, ନିଃସଙ୍କୋଚରେ ପରିତ୍ୟାଗ କରି ଉଚିତ ଗୁରୁ ଓ ଯଥାର୍ଥ ସାଧନା ପଦ୍ଧତି ଯଥାଶୀଘ୍ର ଆପଣେଇବା ଆବଶ୍ୟକ।

୨. ବର୍ତ୍ତମାନ ତାଙ୍କର ଦ୍ୱିତୀୟ ପ୍ରଶ୍ନ ବିଷୟରେ ବିଚାର କରିବା। ଅମୁକ ଗୁରୁଙ୍କ ଦ୍ୱାରା ଆମ ଆତ୍ମ ଉନ୍ନତି ହେବ ବୋଲି ବିଚାର କରି ଆମେ ତାଙ୍କଠାରୁ ଦୀକ୍ଷା ନେଲେ। ଦୀକ୍ଷା ମାନେ କ'ଣ ? ମୁଁ ଏଇ ଆଗରୁ କହିଛି ଯେ, ଈଶ୍ୱର ପ୍ରାପ୍ତିର ଦକ୍ଷତା-ଯୋଗ୍ୟତା ଅର୍ଜନ ପାଇଁ ସଂକଳ୍ପପୂର୍ବକ ଦୃଢ଼ ଓ ଯୋଜନାବଦ୍ଧ ପ୍ରୟାସର ଆରମ୍ଭ ହେଲା ଦୀକ୍ଷା। ତେଣୁ ଦୀକ୍ଷାର ସଫଳତା ପାଇଁ ଶିକ୍ଷା ଏକାନ୍ତ ଆବଶ୍ୟକ। ବିନା ଶିକ୍ଷାରେ ଦୀକ୍ଷା ନିଷ୍ଫଳ। ଯଦି କେହି କେବଳ ଦୀକ୍ଷା ଦେଇଚାଲିଛନ୍ତି; କିନ୍ତୁ ଶିକ୍ଷା କିଛି ଦେଉନାହାନ୍ତି ତେବେ ସେ ବାସ୍ତବରେ ଗୁରୁ ହିଁ ନୁହନ୍ତି। ଦୀକ୍ଷା ଦେବା ହେଲା ବିଦ୍ୟାଳୟରେ ନାମ ଲେଖାଇବା ଭଳି। କେବଳ ନାମ ଲେଖାଇ ଆଉ ପାଠ ନ ପଢ଼ାଇଲେ ବିଦ୍ୟାର୍ଥୀ ତ ଆପେ ବିଦ୍ୱାନ୍ ହୋଇଯିବ ନାହିଁ। ତା' ଜୀବନ ମାଟି ହୋଇଯିବ। ଯଦି ସେ ଶିଷ୍ୟଙ୍କୁ ଉଚିତ ଶିକ୍ଷା ଦେଉଥିବେ, ତା'ର ଶଙ୍କା ସମାଧାନ କରୁଥିବେ, ପାହାଚ ପରେ ପାହାଚ ଚଢ଼ିବା ପରି ଉତ୍ତରୋତ୍ତର ଜ୍ଞାନ ଦେଇ ଚାଲିଥିବେ, ତେବେ ସେ ଯଥାର୍ଥ ଗୁରୁ। ଶିଷ୍ୟ ଗୁରୁଙ୍କ ଶ୍ରୀମୁଖରୁ ସିଧାସଳଖ ଶିକ୍ଷା ପାଇପାରେ, ତାଙ୍କ ଲିଖିତ ସାହିତ୍ୟରୁ ବି ପାଇପାରେ, ତାଙ୍କ ପ୍ରବଚନରୁ ବି ପାଇପାରେ, ତାଙ୍କ ସହ ଚିଠି-ପତ୍ର ଯୋଗାଯୋଗ ଅଥବା ଅନ୍ୟ କୌଣସି ସଞ୍ଚାର ମାଧ୍ୟମ ମାଧ୍ୟମରେ ବି ପାଇପାରେ। କିନ୍ତୁ ଶିଷ୍ୟଙ୍କୁ ନିରନ୍ତର ଜ୍ଞାନ ଓ ମାର୍ଗଦର୍ଶନ ମିଳିବା ଆବଶ୍ୟକ। ତେବେ ଯାଇ ତା'ର ଗୁରୁବରଣ କରିବା ସାର୍ଥକ ହେବ।

ମନେକରନ୍ତୁ ଆମେ ଦିଲ୍ଲୀ ଯିବା ପାଇଁ ଆମ ଘରୁ ବାହାରିଲେ। ଘରୁ ଷ୍ଟେସନ୍ ଯାଏ ଅଟୋରେ ଗଲେ। ସେଇଠୁ ରେଳ ଯୋଗେ ଦିଲ୍ଲୀ ପହଞ୍ଚିଲେ। ଦିଲ୍ଲୀ ଷ୍ଟେସନ୍‌ରୁ ସେ ସ୍ଥାନକୁ କିଛି ଦୂର ଟାଉନ୍ ବସ୍‌ରେ ଗଲେ। ସେଇଠୁ ରିକ୍ସା ଯୋଗେ ସେ ସ୍ଥାନରେ ପହଞ୍ଚିଲେ। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଅଟୋ, ଟ୍ରେନ୍, ବସ୍, ରିକ୍ସା ସବୁଗୁଡ଼ିକ ସାଧନ ଅଟନ୍ତି। ସେହିଭଳି ଈଶ୍ୱର-ପ୍ରାପ୍ତି ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ସାଧନା ପଥରେ ଅନେକ ଗୁରୁ ସହାୟକ ହୋଇଥାନ୍ତି। ସେ ସମସ୍ତଙ୍କ ପ୍ରତି ଆମ ଭିତରେ ଯଥାଯୋଗ୍ୟ ଶ୍ରଦ୍ଧା ଓ ସମ୍ମାନ ରହିବା ଉଚିତ।

କୌଣସି କଥା, କାର୍ଯ୍ୟ ଉଚିତ କି ଅନୁଚିତ ତାହା ପରୀକ୍ଷା କରିବା ପାଇଁ ନ୍ୟାୟଦର୍ଶନରେ ଯେଉଁ ୮ ପ୍ରମାଣ ଦିଆଯାଇଛି, ତନ୍ମଧ୍ୟରୁ ଐତିହ୍ୟ ମଧ୍ୟ ଏକ ପ୍ରମାଣ। ଐତିହ୍ୟର ଅର୍ଥ ଗ୍ରହଣଯୋଗ୍ୟ, ଯଥାର୍ଥ ପ୍ରାଚୀନ ଐତିହାସିକ ଘଟଣା। ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜୀବନରେ ଆମେ ଦେଖୁ ଯେ ସେ ସ୍ୱାମୀ ପୂର୍ଣ୍ଣାନନ୍ଦ ସରସ୍ୱତୀଙ୍କ ଠାରୁ ସନ୍ନ୍ୟାସ ଦୀକ୍ଷା ନେଇଥିଲେ। କିନ୍ତୁ ସ୍ୱାମୀ ପୂର୍ଣ୍ଣାନନ୍ଦଙ୍କ ବୟସାଧିକ୍ୟ ଆଦି ଅନେକ କାରଣରୁ ସେ ଦୟାନନ୍ଦଙ୍କୁ ବିଦ୍ୟା ଶିକ୍ଷା ଦେଇପାରିଲେ ନାହିଁ। ତେଣୁ ଋଷି ଦୟାନନ୍ଦ ସ୍ୱାମୀ ବିରଜାନନ୍ଦଙ୍କଠାରୁ ବ୍ୟାକରଣାଦି ବିଦ୍ୟା ଶିକ୍ଷା କଲେ। ତେଣୁ ଆବଶ୍ୟକତା ଅନୁସାରେ ଅନ୍ୟ ବ୍ୟକ୍ତିଙ୍କୁ ଗୁରୁ କରି ବିଦ୍ୟା ଶିକ୍ଷା କରିବା ଆଦୌ ଅନୁଚିତ ନୁହେଁ।

କିନ୍ତୁ ଏକଥା ବି ମନେରଖିବା ଉଚିତ ଯେ ଜଣେ ସାଧାରଣ ସ୍ତରର ବ୍ୟକ୍ତି ଧର୍ମ-ଅଧର୍ମ, କର୍ତ୍ତବ୍ୟ-ଅକର୍ତ୍ତବ୍ୟ ଆଦି ଆଧ୍ୟାତ୍ମିକ ଶଙ୍କାର ସମାଧାନ ସର୍ବଦା ବହୁ ଆଚାର୍ଯ୍ୟଙ୍କୁ ପଚାରି ସମାଧାନ କରିପାରିବା ସମ୍ଭବ ନୁହେଁ। ଏଣୁ ଜଣେ

ସାଧାରଣ ବ୍ୟକ୍ତି ଯଦି ଜଣେ ବେଦବେତ୍ତା ଓ ଈଶ୍ୱରନିଷ୍ଠ ଯୋଗ୍ୟ ଆଚାର୍ଯ୍ୟଙ୍କୁ ଗୁରୁ ରୂପେ ବରଣ କରି ତା'ର ଅଧ୍ୟାତ୍ମ ସାଧନା ପଥରେ ଗତି କରେ ତେବେ ବି ଅପେକ୍ଷିତ ସଫଳତା ପାଇପାରିବ । କୌଣସି ବିଶେଷ ସ୍ଥିତି ଆସିଲେ ଅନ୍ୟ ଅନେକ ବିଦ୍ୱାନ୍‌ଙ୍କ ସହ ବି ପରାମର୍ଶ କରିପାରିବ । ଅତଏବ ଯେଉଁଠି କେବଳ ଦୀକ୍ଷା ଅଛି ଓ ଶିକ୍ଷା ନାହିଁ ସେଭଳି ବ୍ୟକ୍ତିଙ୍କୁ ପରିତ୍ୟାଗ କରି ଯୋଗ୍ୟ ଶ୍ରୋତ୍ରିୟ ଓ ବ୍ରହ୍ମନିଷ୍ଠ ଆଚାର୍ଯ୍ୟଙ୍କୁ ଗୁରୁ ରୂପେ ବରଣ କରି ସାଧନା ପଥରେ ଅଗ୍ରସର ହେବା ଏକାନ୍ତ ବାଞ୍ଛନୀୟ । ଏଥିରେ ପାପ ତ ନାହିଁ; ବରଂ ଉଚିତ କର୍ମ କରୁଥିବାରୁ ପୁଣ୍ୟ ହୁଏ ।

**ପ୍ର.କ. —** ତାଙ୍କର ଆଉ ଗୋଟିଏ ପ୍ରଶ୍ନ ହେଲା — "କେତେକ କହନ୍ତି କି ଅମୁକ ଗୁରୁ କହିଛନ୍ତି ଯେ 'ଦେହତ୍ୟାଗ କରିବା ପରେ ମଧ୍ୟ ସେ ସୂକ୍ଷ୍ମଶରୀରରେ ରହି ତାଙ୍କ ଶିଷ୍ୟମାନଙ୍କୁ ଶିକ୍ଷା-ମାର୍ଗଦର୍ଶନ ଦେଇଚାଲିବେ । ତେଣୁ ଆଉ କୌଣସି ଜୀବିତ ବ୍ୟକ୍ତିଙ୍କୁ ପୁନଃ ଗୁରୁ କରିବା ଦରକାର ନାହିଁ ।' ଆଉ କେତେକ କହନ୍ତି କି ଅମୁକ ଗୁରୁ କହିଛନ୍ତି ଯେ 'ତାଙ୍କର ଶେଷ ଶିଷ୍ୟର ମୁକ୍ତି ନ ହେବା ଯାଏ ତାଙ୍କର ମୁକ୍ତି ନାହିଁ । ସେ ଦେହତ୍ୟାଗ କରି ମଧ୍ୟ ସୂକ୍ଷ୍ମଶରୀରରେ ରହି ଶିଷ୍ୟମାନଙ୍କ ମୁକ୍ତିର ପଥ ପ୍ରଶସ୍ତ କରିଚାଲନ୍ତି ।' ଏସବୁ କ'ଣ ସତ୍ୟ ?"

**ସ୍ୱାମୀଜୀ —** ଏ ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ଆପଣଙ୍କୁ ମୋର କେତୋଟି ପ୍ରତିପ୍ରଶ୍ନ । ମଲା ବଳଦ ସୂକ୍ଷ୍ମଶରୀର ଧରି ଶଗଡ଼ ଟାଣିପାରେ କି ? ହଳ କରିପାରେ କି ?

**ପ୍ର.କ. —** ନା । ସେମିତି ତ କେଉଁଠି ଦେଖିବାକୁ-ଶୁଣିବାକୁ ମିଳିନି ।

**ସ୍ୱାମୀଜୀ —** କାହା ଘରେ କୁକୁରଟିଏ ଥିଲେ, ସେ ମଲା ପରେ ବି ସୂକ୍ଷ୍ମଶରୀରରେ ସେ ଘର ଜଗିପାରେ କି ?

**ପ୍ର.କ. —** ମଲା କୁକୁର ଯଦି ଘର ଜଗିପାରୁଥାଆନ୍ତା, ତେବେ ଯା'ର କୁକୁର ମରିଯାଏ, ଘର ଜଗିବା ପାଇଁ ସେ ପୁଣି ନୂଆ କୁକୁର କାହିଁକି ଆଣୁଥାନ୍ତେ ?

**ସ୍ୱାମୀଜୀ —** ଆଚ୍ଛା ! ଇତର ପ୍ରାଣୀମାନଙ୍କ କ୍ଷେତ୍ରରେ ତ ଏହା ଦେଖାଯାଉନି । ତେବେ ମଣିଷ କ୍ଷେତ୍ରରେ ଏକଥା ହେଉଛି କି ତାହା ବିଚାର କରିବା । କୌଣସି ବିଦ୍ୟାଳୟର ଶିକ୍ଷକ ବିଦ୍ୟାଳୟରେ ସେବାରତ ଥାଇ ମରିଗଲେ ସେ ସୂକ୍ଷ୍ମଶରୀର ଧରି ସେହି ବିଦ୍ୟାଳୟରେ ପିଲାଙ୍କୁ ପୁଣି ବିଦ୍ୟାଦାନ କରନ୍ତି କି ?

**ପ୍ର.କ. —** ଆଦୌ ନୁହେଁ । ସେମିତି ହେଉଥିଲେ ସେ ସ୍ଥାନରେ ଆଉ ଶିକ୍ଷକ ନିଯୁକ୍ତି ଦେବାକୁ ପଡୁନଥାନ୍ତା । ସରକାରଙ୍କ ଅର୍ଥ ବଞ୍ଚିଯାଇଥାନ୍ତା ।

**ସ୍ୱାମୀଜୀ —** ତେଣୁ ଗୁରୁ ସୂକ୍ଷ୍ମଶରୀର ଧରି ଶିକ୍ଷା ଦିଅନ୍ତି, ମାର୍ଗପ୍ରଦର୍ଶନ କରନ୍ତି ବୋଲି ଯାହା ପ୍ରଚାର କରାଯାଉଛି ସେସବୁ ଧୂର୍ତ୍ତତା, ଭଣ୍ଡାମୀ ବ୍ୟତୀତ ଅନ୍ୟ କିଛି ନୁହେଁ । ଯଦି କେବଳ ସୂକ୍ଷ୍ମଶରୀର ଦ୍ୱାରା ସଂସାରର ଏସବୁ କାମ ହୋଇପାରୁଥାନ୍ତା, ତେବେ ଈଶ୍ୱର କ'ଣ ମୂର୍ଖ ଯେ ସେ ଜୀବାତ୍ମାକୁ ପୁଣି ସ୍ଥୂଳଶରୀର ଦେଉଥାନ୍ତେ ? ସୂକ୍ଷ୍ମଶରୀର ଏକ ପେନ୍ ଡ୍ରାଇଭ୍ ବା ସିଡି ଭଳି । ଏସବୁ କମ୍ପ୍ୟୁଟର ବା ସେଭଳି କୌଣସି ଯନ୍ତ୍ର ସହ ସଂଯୁକ୍ତ ନ ହେଲେ ସେଥିରେ ଥିବା ତଥ୍ୟ ପରିପ୍ରକାଶ ନ ହେବା ଭଳି ସୂକ୍ଷ୍ମଶରୀରଟିଏ ସ୍ଥୂଳଶରୀର ସହ ସଂଯୁକ୍ତ ନ ହେଲେ କୌଣସି କ୍ରିୟା କରିପାରେ ନାହିଁ । ନ୍ୟାୟଦର୍ଶନରେ କୁହାଯାଇଛି — **'ଚେଷ୍ଟେନ୍ଦ୍ରିୟାର୍ଥାଶ୍ରୟଃ ଶରୀରମ୍'**(ନ୍ୟାୟ. ୧:୧:୧୧) — ଜୀବାତ୍ମାର ସଂସାର ସହ ଚେଷ୍ଟା, ସାଂସାରିକ ଭୋଗ ଓ ଇନ୍ଦ୍ରିୟଗୁଡ଼ିକର କାର୍ଯ୍ୟ ସଂପାଦନ ପାଇଁ ସ୍ଥୂଳଶରୀର ଏକାନ୍ତ ଆବଶ୍ୟକ ।

ତା' ଛଡ଼ା 'ଅନ୍ତିମ ଶିଷ୍ୟର ମୁକ୍ତି ନ ହେବା ପର୍ଯ୍ୟନ୍ତ ଗୁରୁଙ୍କର ମୁକ୍ତି ନାହିଁ'- ଏ କଥାଟି ମଧ୍ୟ ମିଥ୍ୟା । ମୁକ୍ତି ହେବା, ନ ହେବା କୌଣସି ଜୀବାତ୍ମାର ଇଚ୍ଛାଧୀନ ବିଷୟ ନୁହେଁ । ଶରୀର ତ୍ୟାଗ ପରେ କେଉଁ ଜୀବାତ୍ମାର କି ଗତି ହେବ ତାହା କୌଣସି ଜୀବାତ୍ମାର ଇଚ୍ଛାରେ କି ସୁପାରିଶରେ ପରମାତ୍ମା କରନ୍ତି ନାହିଁ । ଈଶ୍ୱର ନିଜ ନ୍ୟାୟବ୍ୟବସ୍ଥାରେ ତାହା କରନ୍ତି ।

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ସାହୁ**
**ଗାୟତ୍ରୀ ପାଣିଗ୍ରାହୀ**

❖❖❖

# ସ୍ୱସ୍ତିବାଚନ

ପୂର୍ବାନୁକ୍ରମିକ ...

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**କୋ ବଃ ସ୍ତୋମଂ ରାଧତି ୟଂ ଜୁଜୋଷଥ ବିଶ୍ୱେ ଦେବାସୋ ମନୁଷୋ ୟତି ଷ୍ଠନ। କୋ ବୋଽଧ୍ୱରଂ ତୁବିଜାତା ଅରଂ କରଦ୍ୟୋ ନଃ ପର୍ଷଦତ୍ୟଂହଃ ସ୍ୱସ୍ତୟେ ॥ ୧୨ ॥**

**ପଦାର୍ଥ — (ମନୁଷ୍ୟଃ ବିଶ୍ୱେ ଦେବାସଃ)** ହେ ମନନଶୀଳ ସକଳ ବିଦ୍ୱାନ୍! **(ୟତି)** ଯେତେ ବି **(ସ୍ଥନ)** ତୁମେ ଅଛ, ଚିନ୍ତନକର ଯେ **(ବଃ ସ୍ତୋମମ୍ କଃ ରାଧତି)** ତୁମମାନଙ୍କ ପାଇଁ ସ୍ତୁତିସମୂହ (ଋଗ୍‌ବେଦାଦି ମନ୍ତ୍ରସମୂହ) କୁ କିଏ ସିଦ୍ଧ କରନ୍ତି, ସୃଜନ କରନ୍ତି? ତୁମମାନଙ୍କ ସ୍ତୁତି-ପ୍ରାର୍ଥନା ଗୁଡ଼ିକୁ କିଏ ସିଦ୍ଧ କରନ୍ତି, ସଫଳ କରନ୍ତି? 'କ' ସଞ୍ଜ୍ଞକ ପ୍ରଜାପତି ପରମାତ୍ମା ଏସବୁକୁ ରଚନା କରନ୍ତି, ସେ ହିଁ ସମସ୍ତଙ୍କ ସ୍ତୁତି-ପ୍ରାର୍ଥନାଗୁଡ଼ିକୁ ସଫଳ କରନ୍ତି। **(ୟମ୍)** ଯାହାଙ୍କୁ କି ତୁମେ **(ଜୁଜୋଷଥ)** ପ୍ରୀତିପୂର୍ବକ ସ୍ତୁତି, ଭକ୍ତି, ସେବନ କରୁଛ। **(ତୁବିଜାତାଃ)** ହେ ବାରମ୍ବାର ଜନ୍ମଗ୍ରହଣକାରୀ ମନୁଷ୍ୟ! ହେ ଅପ୍ରତିମ ଜ୍ଞାନବାନ୍ ବିଦ୍ୱଦ୍‌ବୃନ୍ଦ! **(ବଃ)** ତୁମମାନଙ୍କ **(ଅଧ୍ୱରମ୍)** ଅହିଂସନୀୟ ଶୁଭ କର୍ମକୁ, ଯଜ୍ଞକୁ **(କଃ)** କିଏ **(ଅରଂ କରତ୍)** ପୂର୍ଣ୍ଣ କରନ୍ତି? ସେହି ସୁଖସ୍ୱରୂପ ପରମାତ୍ମା ପୂର୍ଣ୍ଣ କରନ୍ତି **(ୟଃ)** ଯିଏ କି **(ନଃ)** ଆମର **(ଅଂହଃ)** ହିଂସାଦି ପାପକର୍ମକୁ **(ଅତି ପର୍ଷତ୍)** ଦୂର କରନ୍ତି **(ସ୍ୱସ୍ତୟେ)** ଆମ କଲ୍ୟାଣ ପାଇଁ।

**ଭାବାର୍ଥ —** ଏହି ମନ୍ତ୍ରରେ **'କଃ'** ପଦ ପ୍ରଶ୍ନବାଚକ ମଧ୍ୟ, ଏବଂ ଉତ୍ତରବାଚକ ମଧ୍ୟ। 'କ'ର ଅର୍ଥ ପ୍ରଜାପତି— **'କଃ ବୈ ପ୍ରଜାପତିଃ'** (ଐତ. ୩:୨୧)। 'କ'ର ଅର୍ଥ ସୁଖସ୍ୱରୂପ ପରମାତ୍ମା — **'କଃ କମନୋ ବା, କ୍ରମଣୋ ବା, ସୁଖୋ ବା'** (ନିରୁକ୍ତ. ୧୦:୨୨)। ହେ ମନନଶୀଳ ବକ୍ତି! ହେ ବିଦ୍ୱଦ୍‌ବୃନ୍ଦ! ତୁମେମାନେ ଚିନ୍ତନ କର ଯେ କିଏ ତୁମ ପାଇଁ ସ୍ତୁତିସମୂହକୁ, ଋଗ୍‌ବେଦାଦି ମନ୍ତ୍ରସମୂହକୁ ସୃଜନ କରନ୍ତି? ସିଏ କିଏ ଯାହାକୁ କି ତୁମେ ଯେତେ ଅଛ ସମସ୍ତେ ସ୍ତୁତି-ପ୍ରାର୍ଥନା, ଭକ୍ତି, ସେବନ କରୁଛ? ସିଏ କିଏ ଯିଏକି ତୁମମାନଙ୍କ ସ୍ତୁତି-ପ୍ରାର୍ଥନା ସମୂହକୁ ଶୁଣୁଛନ୍ତି, ତୁମମାନଙ୍କ ପ୍ରାର୍ଥନାକୁ ସଫଳ କରୁଛନ୍ତି? ସେହି ସୁଖସ୍ୱରୂପ ପ୍ରଜାପତି ପରମାତ୍ମା ତୁମମାନଙ୍କ ଏ ମନ୍ତ୍ରସମୂହ ସୃଜନ କରିଛନ୍ତି, ସିଏ ହିଁ ସମସ୍ତଙ୍କ ସ୍ତୁତି-ପ୍ରାର୍ଥନା ଶୁଣନ୍ତି, ତାଙ୍କରି ଦ୍ୱାରା ହିଁ ପ୍ରାର୍ଥନା ଫଳୀଭୂତ ହୋଇଥାଏ। ତୁମେ ଅନେକ ଥର ମାନବ ଜନ୍ମ ନେଇଛ, ପ୍ରତ୍ୟେକ ଥର ନୂଆ-ନୂଆ ଜ୍ଞାନ-ବିଜ୍ଞାନ ପ୍ରାପ୍ତ କରିଛ। ଏହି ଜନ୍ମରେ ଯଜ୍ଞ-ରୂପ ଅନେକ ଶୁଭକର୍ମର ଅନୁଷ୍ଠାନ କରିଛ, ଜନ୍ମ-ଜନ୍ମାନ୍ତରରେ ବି ଶୁଭକର୍ମର ଅନୁଷ୍ଠାନ କରିଆସିଛ। ଏସବୁ କାହା ପାଇଁ କରୁଛ? କିଏ ତୁମର ଏସବୁ ଅହିଂସକ ପରୋପକାର କର୍ମକୁ ପୂର୍ଣ୍ଣ କରନ୍ତି, କିଏ ତୁମର ତ୍ୟାଗମୟ ପୁଣ୍ୟର ମାର୍ଗକୁ ପ୍ରଶସ୍ତ କରନ୍ତି? ସେହି ସୁଖସ୍ୱରୂପ ପରମାତ୍ମା ହିଁ ପୂର୍ଣ୍ଣ କରନ୍ତି ଯିଏକି ଆମ କଲ୍ୟାଣ ପାଇଁ ଆମକୁ ପାପମାର୍ଗରୁ, ଦୁଃଖ ସାଗରରୁ ଉଦ୍ଧାର କରନ୍ତି। ସେହି ପରମାତ୍ମା ଆମର ଶ୍ରେଷ୍ଠତମ କର୍ମରେ ଆମକୁ ଉତ୍ସାହ, ପ୍ରେରଣା ଦିଅନ୍ତି, ଆମକୁ ପାପରୁ ରକ୍ଷା କରନ୍ତି, ପାପ କରିବାକୁ ଯିବା ବେଳେ ଆମ ହୃଦୟରେ ଭୟ-ଶଙ୍କା-ଲଜ୍ଜାର ଉଦ୍ରେକ କରି ସେଥିରୁ ନିବୃତ୍ତ କରନ୍ତି।

**ୟେଭ୍ୟୋ ହୋତ୍ରାଂ ପ୍ରଥମାମାୟେଜେ ମନୁଃ ସମିଦ୍ଧାଗ୍ନିର୍ମନସା ସପ୍ତ ହୋତୃଭିଃ। ତ ଆଦିତ୍ୟା ଅଭୟଂ ଶର୍ମ ୟଚ୍ଛତ ସୁଗା ନଃ କର୍ତ ସୁପଥା ସ୍ୱସ୍ତୟେ ॥ ୧୩ ॥**

**ପଦାର୍ଥ — (ୟେଭ୍ୟଃ)** ଯେଉଁ ପ୍ରାକୃତିକ ପଦାର୍ଥଗୁଡ଼ିକର ଶୁଦ୍ଧି ପାଇଁ **(ମନୁଃ)** ମନସ୍ୱୀ ବ୍ୟକ୍ତି **(ସମିଦ୍ଧାଗ୍ନିଃ)** ଅଗ୍ନିକୁ ପ୍ରଜ୍ୱଳିତ କରି **(ମନସା)** ଶ୍ରଦ୍ଧାଯୁକ୍ତ ମନ ସହ **(ସପ୍ତ ହୋତୃଭିଃ)** ଦୁଇ ଆଖି, ଦୁଇ କାନ, ନାକର ଦୁଇ ଛିଦ୍ର ଓ ମୁଖ - ଇନ୍ଦ୍ରିୟ ରୂପୀ ଏ ସପ୍ତ ହୋତାଙ୍କ

ଦ୍ୱାରା **(ପ୍ରଥମାମ୍)** ସର୍ବଶ୍ରେଷ୍ଠ **(ହୋତ୍ରାମ୍)** ଯଜ୍ଞକର୍ମକୁ **(ଆୟେଜେ)** ଆୟୋଜିତ କରିଛନ୍ତି **(ତେ)** ସେ **(ଆଦିତ୍ୟାଃ)** ଯଜ୍ଞ ତଥା ସୂର୍ଯ୍ୟଙ୍କ ରଶ୍ମିରେ ଶୁଦ୍ଧ ହୋଇଥିବା ଅଦିତି ଅର୍ଥାତ୍ ପ୍ରକୃତିରୁ ଉତ୍ପନ୍ନ ପଦାର୍ଥଗୁଡ଼ିକ **(ଅଭୟମ୍)** ଅଭୟ **(ଶର୍ମ)** ଆଶ୍ରୟ ବା ସୁଖ (ସୁଖକାରୀ ବାତାବରଣ) **(ୟଚ୍ଛତ)** ପ୍ରଦାନ କରନ୍ତୁ ତଥା **(ନଃ)** ଆମର **(ସ୍ୱସ୍ତୟେ)** କଲ୍ୟାଣ ପାଇଁ **(ସୁପଥା)** ଉତ୍ତମ ଜୀବନମାର୍ଗକୁ **(ସୁଗା)** ସୁଗମ **(କର୍ତ)** କରନ୍ତୁ।

**ଭାବାର୍ଥ —** ହେ ପ୍ରଭୋ ! ଯେଉଁ ପ୍ରାକୃତିକ ପଦାର୍ଥ ଗୁଡ଼ିକର ଶୁଦ୍ଧି ସକାଶେ ଆମେ ମନସ୍ୱୀ ବ୍ୟକ୍ତି ଅଗ୍ନି ପ୍ରଜ୍ୱଳିତ କରି ଶ୍ରଦ୍ଧାଯୁକ୍ତ ମନ ଓ ଆଖି, ନାକ, କାନ, ମୁଖ ଏହି ଇନ୍ଦ୍ରିୟରୂପୀ ସପ୍ତ ହୋତାଙ୍କ ଦ୍ୱାରା ଯଜ୍ଞର ଆୟୋଜନ କରିଛୁ ତଦ୍ଦ୍ୱାରା ତଥା ସୂର୍ଯ୍ୟଙ୍କ ରଶ୍ମିରେ ଶୁଦ୍ଧ ହୋଇଥିବା ପ୍ରାକୃତିକ ପଦାର୍ଥସମୂହ ଆମକୁ ଅଭୟ ଆଶ୍ରୟ ବା ସୁଖ ପ୍ରଦାନକାରୀ ହୁଅନ୍ତୁ ଏବଂ ଆପଣ ସ୍ୱ କୃପାରେ ସେସବୁ ଦ୍ୱାରା ଆମର ଉତ୍ତମ ଜୀବନମାର୍ଗକୁ ସୁଗମ କରନ୍ତୁ।

**ୟ ଈଶିରେ ଭୁବନସ୍ୟ ପ୍ରଚେତସୋ ବିଶ୍ୱସ୍ୟ ସ୍ଥାତୁର୍ଜଗତଶ୍ଚ ମନ୍ତବଃ। ତେ ନଃ କୃତାଦକୃତାଦେନସସ୍ପର୍ୟଦ୍ୟା ଦେବାସଃ ପିପୃତା ସ୍ୱସ୍ତୟେ ॥ ୧୪ ॥**

**ପଦାର୍ଥ — (ୟେ)** ଯେଉଁ **(ମନ୍ତବଃ)** ମନନଶୀଳ **(ପ୍ରଚେତସଃ)** ଉତ୍କୃଷ୍ଟ ଜ୍ଞାନୀ ଜନ **(ବିଶ୍ୱସ୍ୟ)** ସମସ୍ତ **(ସ୍ଥାତୁଃ)** ସ୍ଥାବର **(ଚ)** ଓ **(ଜଗତଃ)** ଜଙ୍ଗମ **(ଭୁବନସ୍ୟ)** ସଂସାରର **(ଈଶିରେ)** ସ୍ୱାମୀ ଅଟନ୍ତି ବା ତା' ଉପରେ ଶାସନ କରନ୍ତି, **(ତେ)** ସେହି **(ଦେବାସଃ)** ଦିବ୍ୟଗୁଣ-ଶକ୍ତି ସମ୍ପନ୍ନ, ପରୋପକାର ବୃତ୍ତିର ବିଦ୍ୱାନ୍‌ଗଣ **(ସ୍ୱସ୍ତୟେ)** ଆମ କଲ୍ୟାଣ ପାଇଁ **(ନଃ)** ଆମକୁ **(କୃତାତ୍)** କୃତ ଓ **(ଅକୃତାତ୍)** ଅକୃତ **(ଏନସଃ)** ପାପରୁ **(ଅଦ୍ୟ)** ଆଜି ଅର୍ଥାତ୍ ଶୀଘ୍ରାତିଶୀଘ୍ର **(ପରି ପିପୃତ)** ସବୁ ଦିଗରୁ ରକ୍ଷାକରନ୍ତୁ।

**ଭାବାର୍ଥ —** ହେ ପରମେଶ୍ୱର ! ଯେଉଁ ମନନଶୀଳ ଉତ୍କୃଷ୍ଟ ଜ୍ଞାନୀ ଜନ ଏହି ସ୍ଥାବର ଓ ଜଙ୍ଗମ ଜଗତର ସ୍ୱାମୀ ଅଟନ୍ତି ଅଥବା ଯା' ଉପରେ ଶାସନ କରନ୍ତି, ସେହି ଦିବ୍ୟଗୁଣ-ଶକ୍ତି ସମ୍ପନ୍ନ, ପରୋପକାର ବୃତ୍ତିର ବିଦ୍ୱାନ୍‌ଗଣ ଆମ କଲ୍ୟାଣ ପାଇଁ ଆମକୁ କୃତ ଓ ଅକୃତ ପାପରୁ ଯଥାଶୀଘ୍ର ସବୁ ଦିଗରୁ ରକ୍ଷାକରନ୍ତୁ। ଯେଉଁ-ଯେଉଁ କୃତ ପାପର ପ୍ରାୟଶ୍ଚିତ୍ତ ରୂପକ ଯାହା-ଯାହା ଶାରୀରିକ, ମାନସିକ ଆଦି ଦଣ୍ଡଗ୍ରହଣ ସମ୍ଭବ ସେସବୁ ନିଜେ ନେବା ପାଇଁ ଆମକୁ ପ୍ରେରଣା, ମାର୍ଗଦର୍ଶକ ଦିଅନ୍ତୁ ତଥା ସେଭଳି ପାପର ସଂସ୍କାର ଚିତ୍ତରୁ ଲୋପ ହେବାର ଉପାୟ ବତାଇ ଦିଅନ୍ତୁ। ଅକୃତ ପାପର ଭୟାବହତା, ହାନି ଆଦିର ନିରନ୍ତର ଚେତାବନୀ, ଅନ୍ୟମାନେ ଭୋଗୁଥିବା ଦଣ୍ଡର କାରଣରେ ଅନୁମାନ କରାଇ ଏଥିରୁ ରକ୍ଷା ପାଇବାର ଭାବନା ବଳବତୀ କରନ୍ତୁ।

**ଭରେଷ୍ୱିନ୍ଦ୍ରଂ ସୁହବଂ ହବାମହେଂଽହୋମୁଚଂ ସୁକୃତଂ ଦୈବ୍ୟଂ ଜନମ୍। ଅଗ୍ନିଂ ମିତ୍ରଂ ବରୁଣଂ ସାତୟେ ଭଗଂ ଦ୍ୟାବାପୃଥିବୀ ମରୁତଃ ସ୍ୱସ୍ତୟେ ॥ ୧୫ ॥**

**ପଦାର୍ଥ — (ଭରେଷୁ)** ଜୀବନ-ସଂଗ୍ରାମରେ, ଜୀବନର ବିବିଧ ସଂଘର୍ଷମୟ ସ୍ଥିତିରେ **(ଇନ୍ଦ୍ରମ୍)** ମହାବଳବାନ୍, **(ସୁହବମ୍)** ସହଜରେ ଡାକ ଶୁଣୁଥିବା, ପରଦୁଃଖହର୍ତ୍ତା, **(ଅଂହୋମୁଚମ୍)** ପାପ, ଦୁଃଖ-କଷ୍ଟରୁ ଉଦ୍ଧାର କର୍ତ୍ତା, **(ସୁକୃତମ୍)** ସୁକର୍ମକାରୀ, **(ଦୈବ୍ୟମ୍)** ଦିବ୍ୟଗୁଣ ସମ୍ପନ୍ନ, **(ଅଗ୍ନିମ୍)** ଅଗ୍ନି ସମ ତେଜସ୍ୱୀ, ଅଗ୍ରଗାମୀ, **(ମିତ୍ରମ୍)** ସର୍ବମିତ୍ର, ସର୍ବହିତକାରୀ, **(ବରୁଣମ୍)** ବରଣୀୟ, ଶ୍ରେଷ୍ଠ, **(ଭଗମ୍)** ଐଶ୍ୱର୍ଯ୍ୟବାନ୍, **(ଜନମ୍)** ଉତ୍ପାଦକ ଶକ୍ତି ସମ୍ପନ୍ନ ବୀର୍ଯ୍ୟବାନ୍ ବ୍ୟକ୍ତିଙ୍କୁ **(ସାତୟେ)** ଅଭିଳଷିତ ସୁଖ ଓ ପଦାର୍ଥର ପ୍ରାପ୍ତି ପାଇଁ **(ହବାମହେ)** ଆମେ ଆହ୍ୱାନ କରୁଅଛୁ। ଏଭଳି ବ୍ୟକ୍ତିଙ୍କ ସହଯୋଗ ଓ ମାର୍ଗଦର୍ଶନରେ **(ଦ୍ୟାବାପୃଥିବୀ)** ଦ୍ୟୁଲୋକ ଓ ପୃଥିବୀ ଲୋକ, **(ମରୁତ୍)** ଅନ୍ତରିକ୍ଷସ୍ଥ ଦିବ୍ୟ ଶକ୍ତିସମୂହ **(ସ୍ୱସ୍ତୟେ)** ଆମ ପାଇଁ କଲ୍ୟାଣକାରୀ ହୁଅନ୍ତୁ।

**ଭାବାର୍ଥ —** ହେ ପ୍ରଭୁ ! ଜୀବନ-ସଂଗ୍ରାମରେ, ଜୀବନର ବିବିଧ ସଂଘର୍ଷମୟ ସ୍ଥିତିରେ ମହାବଳବାନ୍, ସହଜରେ ଡାକ ଶ୍ରବଣକାରୀ, ପରଦୁଃଖହର୍ତ୍ତା, ପାପ-ଦୁଃଖ-କଷ୍ଟରୁ ରକ୍ଷାକର୍ତ୍ତା, ସୁକର୍ମକାରୀ, ଦିବ୍ୟଗୁଣସମ୍ପନ୍ନ, ଅଗ୍ନିସମ ତେଜସ୍ୱୀ, ଅଗ୍ରଗାମୀ, ସର୍ବମିତ୍ର, ସର୍ବହିତକାରୀ, ବରଣୀୟ, ଶ୍ରେଷ୍ଠ, ଐଶ୍ୱର୍ଯ୍ୟବାନ୍, ବୀର୍ଯ୍ୟବାନ୍ ବ୍ୟକ୍ତିଙ୍କୁ ଅଭିଳଷିତ ସୁଖ ଓ ପଦାର୍ଥ ପ୍ରାପ୍ତି ନିମିତ୍ତ ଆମେ ଆହ୍ୱାନ କରୁଅଛୁ। ଏଭଳି ବ୍ୟକ୍ତିଙ୍କ ମାର୍ଗଦର୍ଶନ ଓ ସହଯୋଗରେ ପୃଥିବୀ, ଦ୍ୟୁଲୋକ ଓ ଅନ୍ତରିକ୍ଷସ୍ଥ ଦିବ୍ୟ ଶକ୍ତିସମୂହ ଆମ ପାଇଁ କଲ୍ୟାଣକାରୀ ହୁଅନ୍ତୁ ଅର୍ଥାତ୍ ସୌରଶକ୍ତି, ବିଦ୍ୟୁତ୍‌ଶକ୍ତି, ବାୟୁଶକ୍ତି ଆଦି

ଶକ୍ତି ବିଷୟରେ ବିସ୍ତୃତ ଜ୍ଞାନ ପ୍ରାପ୍ତ କରି ସେସବୁକୁ ସମାଜ-କଲ୍ୟାଣରେ ବିନିଯୋଗ କରୁ।

**ସୁତ୍ରାମାଣଂ ପୃଥିବୀଂ ଦ୍ୟାମନେହସଂ ସୁଶର୍ମାଣମଦିତିଂ ସୁପ୍ରଣୀତିମ୍। ଦୈବୀଂ ନାବଂ ସ୍ୱରିତ୍ରାମନାଗସମସ୍ରବନ୍ତୀମା ରୁହେମା ସ୍ୱସ୍ତୟେ ॥ ୧୬ ॥**

**ପଦାର୍ଥ —** **(ସୁତ୍ରାମାଣମ୍)** ଉତ୍ତମ ରୂପେ ରକ୍ଷାକାରୀ, ସୁରକ୍ଷାର ସମସ୍ତ ସାଧନଯୁକ୍ତ, **(ପୃଥିବୀମ୍)** ବିସ୍ତୃତ ପ୍ରଭାବର, **(ଦ୍ୟାମ୍)** ପ୍ରକାଶଯୁକ୍ତ, **(ଅନେହସମ୍)** ଦୋଷ-ତ୍ରୁଟିରହିତ, **(ସୁଶର୍ମାଣମ୍)** ଅତ୍ୟନ୍ତ ସୁଖଦାୟକ, **(ଅଦିତିମ୍)** ଅକସ୍ମାତ୍ ନଷ୍ଟ ହେଉନଥିବା, ସୁଦୃଢ଼, **(ସୁପ୍ରଣୀତିମ୍)** ସୁନ୍ଦର ରୂପେ ନିର୍ମିତ, **(ସୁ ଅରିତ୍ରାମ୍)** ସୁନ୍ଦର କାତଯୁକ୍ତ, ଗତିଦାୟକ ସାଧନଯୁକ୍ତ, **(ଅନାଗସମ୍)** ପାପ-ଦୋଷରହିତ, **(ଅସ୍ରବନ୍ତୀମ୍)** ଝରରହିତ, ଛିଦ୍ରରହିତ, **(ଦୈବୀମ୍)** ଦେବଙ୍କ ଦ୍ୱାରା ନିର୍ମିତ **(ନାବମ୍)** ନୌକାରେ **(ସ୍ୱସ୍ତୟେ)** କଲ୍ୟାଣ ନିମିତ୍ତ **(ଆ ରୁହେମ)** ଆମେ ଆରୋହଣ କରୁ।

**ଭାବାର୍ଥ —** ହେ ପ୍ରଭୋ! ଆମେ ଆପଣଙ୍କ ଦ୍ୱାରା ପ୍ରଦତ୍ତ ସୁରକ୍ଷାର ସମସ୍ତ ସାଧନଯୁକ୍ତ, ବିସ୍ତୃତ ପ୍ରଭାବବାନ୍, ଜ୍ଞାନ ସାଧନ ଯୁକ୍ତ, ଦୋଷ-ତ୍ରୁଟିରହିତ, ଅତ୍ୟନ୍ତ ସୁଖଦାୟକ; ଅକସ୍ମାତ୍ ନଷ୍ଟ ହେଉନଥିବା, ସୁଦୃଢ଼; ସୁନିର୍ମିତ; ସୁନ୍ଦର କାତଯୁକ୍ତ, ଜ୍ଞାନ ବା ଗତିର ଉତ୍ତମ ସାଧନସମ୍ପନ୍ନ ଅର୍ଥାତ୍ ଇନ୍ଦ୍ରିୟରୂପୀ ସୁନ୍ଦର ସାଧନଯୁକ୍ତ; ନିର୍ଦ୍ଦୋଷ; ଝରରହିତ, ଛିଦ୍ରରହିତ ଏହି ମାନବ-ତନୂ ରୂପକ ନୌକାରେ କଲ୍ୟାଣ ପ୍ରାପ୍ତି ପାଇଁ ଆରୋହଣ କରୁ। ଏହି ଦୈବୀ ନୌକାର ଆଶ୍ରୟ ନେଇ ଅଭ୍ୟୁଦୟ ଓ ନିଃଶ୍ରେୟସ ଉଭୟ କଲ୍ୟାଣ ପ୍ରାପ୍ତ କରୁ।

ହେ ପ୍ରଭୋ! ଆମେ ଆପଣଙ୍କ ଦ୍ୱାରା ପ୍ରଦତ୍ତ ଉତ୍ତମ ରୂପେ ରକ୍ଷକ, ବିସ୍ତୀର୍ଣ୍ଣ, ଜ୍ଞାନଯୁକ୍ତ, ତ୍ରୁଟିରହିତ, ଅତ୍ୟନ୍ତ ସୁଖଦାୟକ, ଉଚ୍ଚକୋଟିର ସଦାଚାର ଯୁକ୍ତ, ସୁଦୃଢ଼, ନିର୍ଦ୍ଦୋଷ, ଛିଦ୍ରରହିତ, ଅଦୀନ ବେଦ-ବିଦ୍ୟାରୂପକ ନୌକାରେ କଲ୍ୟାଣ ପ୍ରାପ୍ତି ସକାଶେ ଆରୋହଣ କରୁ।

**ବିଶ୍ୱେ ଯଜତ୍ରା ଅଧି ବୋଚତୋତୟେ ତ୍ରାୟଧ୍ୱଂ ନୋ ଦୁରେବାୟା ଅଭିହ୍ରୁତଃ। ସତ୍ୟୟା ବୋ ଦେବହୂତ୍ୟା ହୁବେମ ଶୃଣ୍ୱତୋ ଦେବା ଅବସେ ସ୍ୱସ୍ତୟେ ॥ ୧୭ ॥**

**ପଦାର୍ଥ —** **(ବିଶ୍ୱେ)** ହେ ସମସ୍ତ **(ଯଜତ୍ରାଃ)** ପୂଜନୀୟ, ଶ୍ରେଷ୍ଠ ପୁରୁଷଗଣ! **(ଊତୟେ)** ରକ୍ଷା ନିମିତ୍ତ **(ଅଧି)** ଉତ୍କୃଷ୍ଟ ବା ପୂର୍ଣ୍ଣ **(ବୋଚତ)** ଉପଦେଶ ଦିଅନ୍ତୁ, **(ଅଭିହ୍ରୁତଃ)** ଦୁଃଖଦାୟକ **(ଦୁରେବାୟାଃ)** ଦୁର୍ଗତି-ଦୁର୍ଦ୍ଦଶାରୁ **(ନଃ)** ଆମକୁ **(ତ୍ରାୟଧ୍ୱମ୍)** ରକ୍ଷା କରନ୍ତୁ। **(ଦେବାଃ)** ହେ ବିଦ୍ୱଦ୍‌ବୃନ୍ଦ! **(ଶୃଣ୍ୱତଃ)** ଅନ୍ୟର ଦୁଃଖ (ହାରି-ଗୁହାରି) ଶୁଣୁଥିବା **(ବଃ)** ଆପଣଙ୍କୁ **(ଅବସେ)** ସୁରକ୍ଷା ସକାଶେ ଓ **(ସ୍ୱସ୍ତୟେ)** କଲ୍ୟାଣ ନିମନ୍ତେ **(ସତ୍ୟୟା)** ସତ୍ୟ ଓ **(ଦେବହୂତ୍ୟା)** ଦେବ(ବିଦ୍ୱାନ୍)ଙ୍କ ପ୍ରତିଷ୍ଠାନୁରୂପ ପ୍ରଶଂସନୀୟ ବାଣୀ ଦ୍ୱାରା **(ହୁବେମ)** ଡାକୁଛୁ, ଆହ୍ୱାନ କରୁଛୁ।

**ଭାବାର୍ଥ —** ହେ ସମସ୍ତ ଯଜନୀୟ, ପୂଜନୀୟ, ଶ୍ରେଷ୍ଠ ପୁରୁଷଗଣ! ଆପଣ ଆମକୁ ଦୁଃଖରୁ ରକ୍ଷାପାଇବା ପାଇଁ ଉତ୍ତମ ଉପଦେଶ ଦିଅନ୍ତୁ, ଦୁଃଖରୁ ରକ୍ଷା ପାଇବାର ଉତ୍ତମ ଉପାୟ ଭଲ ରୂପେ ବୁଝାଇ ଦିଅନ୍ତୁ। ଦୁଃଖଦାୟକ ଦୁର୍ଗତି, ଦୁର୍ବ୍ୟବହାର, ଦୁରାଚାର ତଥା ସମସ୍ତ ପ୍ରକାର କୁଟିଳତା-ଜଟିଳତାରୁ ରକ୍ଷାକରନ୍ତୁ। ହେ ବିଦ୍ୱଦ୍‌ବୃନ୍ଦ! ଯେତେବେଳେ ଆମେ ଦୁଃଖ-ଦୁର୍ଦ୍ଦଶାଗ୍ରସ୍ତ ହୋଇଯିବୁ ସେତେବେଳେ ଦୀନ-ଦୁଃଖୀଙ୍କ ଆରତ ଗୁହାରି ଶୁଣୁଥିବା ଆପଣମାନେ ଆମ ଦୁଃଖ ଶୁଣି ଆମକୁ ଏଥିରୁ ପରିତ୍ରାଣ କରନ୍ତୁ। ସ୍ୱ ରକ୍ଷା ଓ କଲ୍ୟାଣ ପାଇଁ ସତ୍ୟ ଓ ବିଦ୍ୱାନ୍‌ଙ୍କ ପ୍ରଶଂସନୀୟ ସ୍ତୁତିରେ ଆମେ ଆପଣଙ୍କୁ ଡାକୁଛୁ।

**ଅପାମୀବାମପ ବିଶ୍ୱାମନାହୁତିମପାରାତିଂ ଦୁର୍ବିଦତ୍ରାମଘାୟତଃ। ଆରେ ଦେବା ଦ୍ୱେଷୋ ଅସ୍ମଦ୍ୟୁୟୋତନୋରୁ ଣଃ ଶର୍ମ ଯଚ୍ଛତା ସ୍ୱସ୍ତୟେ ॥୧୮॥**

**ପଦାର୍ଥ —** ହେ ପରମେଶ୍ୱର! **(ବିଶ୍ୱାମ୍)** ସକଳ **(ଅମୀବାମ୍)** ରୋଗ ଓ ରୋଗ-ଉତ୍ପାଦକ କାରଣକୁ **(ଅପ)** ଦୂର କରିଦିଅନ୍ତୁ। **(ଅନାହୁତିମ୍)** ଯଜ୍ଞ ନ କରିବାର ଭାବନା **(ଅପ)** ଦୂର କରନ୍ତୁ। **(ଅରାତିମ୍)** ଦାନ ନ ଦେବା ପ୍ରବୃତ୍ତି ଓ **(ଅଘାୟତଃ)** ପାପୀ ବ୍ୟକ୍ତିର **(ଦୁର୍ବିଦତ୍ରାମ୍)** ଦୁଷ୍ଟ ବୁଦ୍ଧି, ଦୁଷ୍ପ୍ରବୃତ୍ତି, କୁଚେଷ୍ଟା **(ଅପ)** ଦୂର କରନ୍ତୁ। **(ଦେବାଃ)** ହେ ବିଦ୍ୱାନ୍‌ଗଣ! ଆପଣମାନେ ଆପଣଙ୍କ ଉପଦେଶ ଦ୍ୱାରା **(ଦ୍ୱେଷଃ)** ଦ୍ୱେଷଭାବକୁ **(ଅସ୍ମତ୍)** ଆମଠାରୁ **(ଆରେ)**

ଦୂରକୁ **(ଯୁୟୋତନ)** ହଟାଇ ଦିଅନ୍ତୁ ଏବଂ **(ନଃ)** ଆମକୁ **(ସ୍ୱସ୍ତୟେ)** କଲ୍ୟାଣ ନିମିତ୍ତ **(ଉରୁ)** ବିସ୍ତୀର୍ଣ୍ଣ-ବ୍ୟାପକ-ମହାନ୍ **(ଶର୍ମ)** ସୁଖ **(ୟଚ୍ଛତ)** ପ୍ରଦାନ କରନ୍ତୁ।

**ଭାବାର୍ଥ —** ହେ ପରମେଶ୍ୱର ! ଆପଣ ଆମର ଶାରୀରିକ, ମାନସିକ, ସାମାଜିକ ରୋଗ ଓ ରୋଗ-ଉତ୍ପାଦକ କାରଣକୁ ନଷ୍ଟ କରି ଦିଅନ୍ତୁ। ଯଜ୍ଞ ନ କରିବା ଭାବନା, ସର୍ବକଲ୍ୟାଣ କର୍ମରେ ସ୍ୱ ଭାଗ ପ୍ରଦାନ ନ କରିବା ପ୍ରବୃତ୍ତିକୁ ସମୂଳେ ନଷ୍ଟ କରିଦିଅନ୍ତୁ। ବିଦ୍ୟା, ଧନ ଆଦି ଦାନ ନ ଦେବାର ପ୍ରବୃତ୍ତି ଅର୍ଥାତ୍ ସ୍ୱାର୍ଥବୃତ୍ତିକୁ ଦୂର କରିଦିଅନ୍ତୁ। ପାପୀର ହୃଦୟର ଉଠୁଥିବା ପାପ-ଭାବନା, ଦୁଷ୍ଟ ବୁଦ୍ଧି, ଦୁଷ୍ପ୍ରବୃତ୍ତି, କୁଚେଷ୍ଟା ଓ ଦୁରଭିସନ୍ଧିପୂର୍ଣ୍ଣ ଯୋଜନାକୁ ନଷ୍ଟ କରିଦିଅନ୍ତୁ। ଆମକୁ ଏପରି ବୁଦ୍ଧି ପ୍ରଦାନ କରନ୍ତୁ ଯଦ୍ଦ୍ୱାରା ଆମେ ଏସବୁରେ ସଫଳ ହେବୁ। ହେ ପ୍ରଭୋ ! ଆମ ହୃଦୟରେ ଅନ୍ୟ ପ୍ରତି ଯେଉଁ ଦ୍ୱେଷ-ଭାବନା ଜାଗ୍ରତ ହେଉଛି, ଆମ ହୃଦୟରେ ତା'ର ପ୍ରତିପକ୍ଷ ଭାବନା ଦୃଢ଼ କରାନ୍ତୁ ଯଦ୍ଦ୍ୱାରା ଏହାକୁ ଦୂର କରିବାରେ ଆମେ ସମର୍ଥ ହେବୁ। ହେ ଦିବ୍ୟ ଗୁଣ-କର୍ମ-ସ୍ୱଭାବଯୁକ୍ତ ବିଦ୍ୱାନ୍‌ଗଣ ! ଆପଣମାନେ ସ୍ୱ ଉପଦେଶ ଦ୍ୱାରା ଆମ ଅନ୍ତଃକରଣରୁ ଦ୍ୱେଷଭାବ ଦୂର କରିଦିଅନ୍ତୁ ଏବଂ ଆମ କଲ୍ୟାଣ ପାଇଁ ଆମକୁ ବ୍ୟାପକ-ମହାନ୍ ସୁଖ ପ୍ରଦାନ କରନ୍ତୁ।

ହେ ବିଦ୍ୱାନ୍‌ଗଣ ! ଆପଣମାନେ ସ୍ୱ ଉପଦେଶ ଦ୍ୱାରା ଶାରୀରିକ, ମାନସିକ ଉନ୍ନତିର ଉପାୟ ବତାନ୍ତୁ ଯଦ୍ଦ୍ୱାରା ଆମେ ରୋଗାଦିରୁ ରହିତ ହୋଇ ସ୍ୱସ୍ଥ ରହିପାରିବୁ। ଆମକୁ ସାମାଜିକ ବିଜ୍ଞାନର ଶିକ୍ଷା ଦିଅନ୍ତୁ, ଯଦ୍ଦ୍ୱାରା ଆମେ ସାମୂହିକ ଲୋକମଙ୍ଗଳକାରୀ କାର୍ଯ୍ୟରେ ସ୍ୱଭାଗ ପ୍ରଦାନ ନ କରିବା ପ୍ରବୃତ୍ତିକୁ ତ୍ୟାଗ କରିପାରିବୁ। ଆମକୁ ସାମାଜିକ ବିଦ୍ୟା ବୁଝାନ୍ତୁ ଯଦ୍ଦ୍ୱାରା ଆମେ ଅଦାନ-ଲୋଭ-ପ୍ରବୃତ୍ତିକୁ ପରିତ୍ୟାଗ କରି ସନ୍ତୁଷ୍ଟ ରହିପାରିବୁ। ଆମକୁ ନୀତି-ଶାସ୍ତ୍ରର ବୋଧ କରାନ୍ତୁ, ଯଦ୍ଦ୍ୱାରା ଆମେ ପାପଚେତାଙ୍କ କୁଟିଳ ଜାଲରୁ ସୁରକ୍ଷିତ ରହିପାରିବୁ। ଆମକୁ ଦ୍ୱେଷବୁଦ୍ଧିରୁ ରକ୍ଷାକରନ୍ତୁ। ଏହିପରି ଆମ କଲ୍ୟାଣ ପାଇଁ ଆମକୁ ବହୁ ସୁଖ ପ୍ରଦାନ କରାନ୍ତୁ।

**ଅରିଷ୍ଟଃ ସ ମର୍ତ୍ତୋ ବିଶ୍ୱ ଏଧତେ ପ୍ର ପ୍ରଜାଭିର୍ଜାୟତେ ଧର୍ମଣସ୍ପରି। ୟମାଦିତ୍ୟାସୋ ନୟଥା ସୁନୀତିଭିରତି ବିଶ୍ୱାନି ଦୁରିତା ସ୍ୱସ୍ତୟେ ॥ ୧୯ ॥**

**ପଦାର୍ଥ — (ଆଦିତ୍ୟାସଃ)** ହେ ଅଦିତି(ଈଶ୍ୱର)ଙ୍କ ପୁତ୍ର, ତେଜସ୍ୱୀ ବିଦ୍ୱାନ୍‌ଗଣ ! ଆଦିତ୍ୟ ବ୍ରହ୍ମଚାରୀଗଣ ! ଆପଣମାନେ **(ୟମ୍)** ଯେଉଁ ବ୍ୟକ୍ତିକୁ **(ସ୍ୱସ୍ତୟେ)** ତା'ର କଲ୍ୟାଣ ନିମନ୍ତେ **(ବିଶ୍ୱାନି)** ସମସ୍ତ **(ଦୁରିତା)** ଦୁର୍ଗୁଣ-ଦୁର୍ବ୍ୟସନ **(ଅତି)** ଦୂର କରି **(ସୁନୀତିଭିଃ)** ଉତ୍ତମ ନୀତି ଅର୍ଥାତ୍ ସୁଗମ ନ୍ୟାୟପଥରେ **(ନୟଥ)** ନେଇଚାଲନ୍ତି, ପରିଚାଳିତ କରନ୍ତି **(ସଃ)** ସେହି **(ମର୍ତ୍ତଃ)** ମଣିଷ **(ଧର୍ମଣଃ ପରି)** ଧର୍ମାନୁସାରେ କର୍ତ୍ତବ୍ୟ କର୍ମ ସମ୍ପାଦନ କରି **(ଅରିଷ୍ଟଃ)** ହିଂସିତ ନହୋଇ, ଦୁଃଖ-ବାଧା-ଅନିଷ୍ଟରୁ ରହିତ ହୋଇ **(ପ୍ରଜାଭିଃ ପ୍ରଜାୟତେ)** ଉତ୍ତମ ସନ୍ତାନ-ସନ୍ତତି, ବନ୍ଧୁ-ବାନ୍ଧବ ଆଦିଙ୍କ ସହ ଅତ୍ୟନ୍ତ ଉନ୍ନତି ପ୍ରାପ୍ତ କରେ ଏବଂ **(ବିଶ୍ୱଃ)** ସବୁ ପ୍ରକାରେ **(ଏଧତେ)** ବୃଦ୍ଧି ପାଇଚାଲେ।

**ଭାବାର୍ଥ —** ଶ୍ରେଷ୍ଠ ବ୍ୟକ୍ତି, ସାଧୁ-ସଜ୍ଜନଙ୍କ ସଙ୍ଗ, ମାର୍ଗଦର୍ଶନ ଦ୍ୱାରା ବ୍ୟକ୍ତିର ବିବିଧ କଲ୍ୟାଣ ସାଧିତ ହୋଇଥାଏ। ଶ୍ରେଷ୍ଠ ବ୍ୟକ୍ତି ମାନବ-ସମାଜକୁ ନ୍ୟାୟୋଚିତ ମାର୍ଗରେ ଚାଲିବାର ପ୍ରେରଣା ଦେଇଥାନ୍ତି। ସେମାନେ ବ୍ୟକ୍ତିର ଦୁର୍ଗୁଣ-ଦୁର୍ବ୍ୟସନ ଦୂରକରିବାକୁ ପୂର୍ଣ୍ଣ ପ୍ରଯତ୍ନ କରନ୍ତି, ଏଥିପାଇଁ ବିବିଧ ଉପାୟ ପ୍ରଦାନ ସାଙ୍ଗକୁ ନିରନ୍ତର ମାର୍ଗଦର୍ଶନ କରନ୍ତି। ନ୍ୟାୟପଥର ପଥିକ ହେବା ବେଳେ ବହୁ ବାଧା-ବିଘ୍ନର, ଆପତ୍ତି-ବିପତ୍ତିର ସମ୍ମୁଖୀନ ହେବାକୁ ତ ପଡ଼େ। କିନ୍ତୁ ଯେଉଁ ବ୍ୟକ୍ତି ସଜ୍ଜନଙ୍କ ପ୍ରଦର୍ଶିତ ପଦ୍ଧତିର ଅନୁପାଳନ କରେ ସେ ବ୍ୟକ୍ତି ସେସବୁ ଦୁଃଖ-ବାଧା-ଅନିଷ୍ଟରେ ପରାଭୂତ ନ ହୋଇ, ହାରି ନ ଯାଇ, ସକୁଶଳେ ଆଗେଇ ଚାଲେ। ଧର୍ମାନୁସାରେ କର୍ତ୍ତବ୍ୟ ସମ୍ପାଦନ କରି-କରି ନିରନ୍ତର ଉନ୍ନତି ପଥରେ ଅଗ୍ରସର ହୁଏ; ସନ୍ତାନ-ସନ୍ତତି, ବନ୍ଧୁ-ବାନ୍ଧବ, ଇଷ୍ଟମିତ୍ରଙ୍କ ସହ ସବୁ ଦିଗରୁ ବୃଦ୍ଧିପ୍ରାପ୍ତ ହୁଏ।

**ୟଂ ଦେବାସୋଽବଥ ବାଜସାତୌ ୟଂ ଶୂରସାତା ମରୁତୋ ହିତେ ଧନେ। ପ୍ରାତର୍ୟାବାଣଂ ରଥମିନ୍ଦ୍ର ସାନସିମରିଷ୍ୟନ୍ତମା ରୁହେମା ସ୍ୱସ୍ତୟେ ॥୨୦॥**

**ପଦାର୍ଥ — (ଦେବାସଃ)** ହେ ବିଦ୍ୱାନ୍‌ଗଣ ! ଆପଣମାନେ **(ୟମ୍)** ଯେଉଁ **(ରଥମ୍)** ଶରୀର-ରୂପୀ ରଥକୁ **(ବାଜସାତୌ)** ଜ୍ଞାନ-ବଳ-ଅନ୍ନାଦିର ପ୍ରାପ୍ତି, ସଂଗ୍ରହ ଅବସରରେ (ଏସବୁର ପ୍ରାପ୍ତି ସକାଶେ) **(ଅବଥ)** ରକ୍ଷାକରନ୍ତି ଏବଂ **(ମରୁତଃ)** ହେ ଶତ୍ରୁସଂହାରକ, ବାୟୁ ସମ ଶୂରବୀର ଗଣ ! ଆପଣମାନେ **(ୟମ୍)** ଯେଉଁ ରଥକୁ **(ଶୂରସାତୌ)**

ଶୂରବୀରଙ୍କ ସଂଗ୍ରହ, ପ୍ରାପ୍ତିରେ; ଶୂରବୀରଙ୍କ ସହଯୋଗରେ ଚାଲିଥିବା ସଂଗ୍ରାମରେ, **(ହିତେ ଧନେ)** ହିତକାରୀ ଧନ ପ୍ରାପ୍ତି ନିମିତ୍ତ, ଜନହିତକାରୀ ସଂଘର୍ଷରେ ରକ୍ଷାକରନ୍ତି; **(ଇନ୍ଦ୍ର)** ହେ ଐଶ୍ୱର୍ଯ୍ୟଶାଳୀ ପରମେଶ୍ୱର ! ସେହି **(ସାନସିମ୍)** ଭୋଗ୍ୟପଦାର୍ଥ ପ୍ରାପ୍ତକାରୀ, ସୁଖଦାୟକ, **(ଅରିଷ୍ୟନ୍ତମ୍)** ଅତୁଟ, ସହଜରେ ନଷ୍ଟ ହେଉନଥିବା **(ପ୍ରାତଃର୍ଯାବାଣମ୍)** ପ୍ରାତଃକାଳକୁ ପ୍ରାପ୍ତ କରାଉଥିବା, ପ୍ରାତରୁତ୍‌ଥାନ ସହ ସ୍ୱ କାର୍ଯ୍ୟରେ ସଂଲଗ୍ନ ହୋଇଯାଉଥିବା, ଜୀବନ-ସଂଘର୍ଷରେ ପ୍ରବୃତ୍ତ ହୋଇଯାଉଥିବା ରଥକୁ **(ସ୍ୱସ୍ତୟେ)** ଆମ କଲ୍ୟାଣ ପାଇଁ **(ଆ ରୁହେମ)** ଆମେ ଆରୋହଣ କରୁଁ।

**ଭାବାର୍ଥ —** କଠ ଉପନିଷଦରେ ଏହି ମନ୍ତ୍ରର ଭାବକୁ ପରିପୁଷ୍ଟ କରି କୁହାଯାଇଛି ଯେ ଏ ଶରୀର ଏକ ରଥ ଓ ଆତ୍ମା ଏ ରଥର ସ୍ୱାମୀ — **'ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବ ତୁ'** (କଠ.୩:୩)। ପରମାତ୍ମା ଜୀବାତ୍ମାକୁ ଏ ରଥ ପ୍ରଦାନ କରିଛନ୍ତି। କାହିଁକି ? ପରମାତ୍ମାଙ୍କର ଯା ପଛରେ କ'ଣ ଉଦ୍ଦେଶ୍ୟ ଅଛି ? ଆମେ ସେକଥା ଜାଣିଲେ ଏ ରଥର ଯଥାଯଥ ଉପଯୋଗ କରିପାରିବା। ଏ ମନ୍ତ୍ରରେ ସେ କଥା ଉତ୍ତମ ରୂପେ ଦର୍ଶାଯାଉଛି। ଅନ୍ନ, ବଳକୁ ବାଜ କହନ୍ତି — **'ବାଜ ଅନ୍ନନାମ, ବଳନାମ'** (ନିଘଣ୍ଟୁ. ୨:୭;୨:୯)। ବିଦ୍ୱାନ୍‌ମାନେ ଏହାକୁ ଜ୍ଞାନ-ବଳ-ଅନ୍ନାଦି ପ୍ରାପ୍ତି, ସଂଗ୍ରହରେ ସୁରକ୍ଷିତ ଭାବେ ବିନିଯୋଗ କରନ୍ତି। ଶୂରବୀରଗଣ ଏହାକୁ ବୀର ସନ୍ତାନଙ୍କ ପ୍ରାପ୍ତି ସକାଶେ, ବୀର ଯୋଦ୍ଧାଙ୍କ ସଂଗ୍ରହରେ, ହିତକାରୀ ଧନ ପ୍ରାପ୍ତିରେ, ସଂସାର କଲ୍ୟାଣର ସଂଗ୍ରାମରେ ସୁରକ୍ଷା ପୂର୍ବକ ଉପଯୋଗ କରନ୍ତି। ଆଳସ୍ୟପରାୟଣ ହୋଇ ବସିରହିବା, ଅଯଥା କଳି-ତକରାଳ, ବ୍ୟର୍ଥ ବାଦ-ବିବାଦରେ ବ୍ୟାପୃତ ରହିବା; ଅଯଥା କାର୍ଯ୍ୟରେ ଲାଗିବା ପାଇଁ ଏ ରଥ ଆମକୁ ମିଳିନାହିଁ। ବ୍ରାହ୍ମମୁହୂର୍ତ୍ତରୁ ଉଠି ଉପାସନା-ଯୋଗ ଦ୍ୱାରା ସେ ବିଶ୍ୱନିୟନ୍ତାଙ୍କ ସହ ସଂଯୁକ୍ତ ହେବା; ନୀରୋଗ କାରକ ଭୋଗ୍ୟ ପଦାର୍ଥ ଏକତ୍ରିତ କରିବା, ଭୋଗ-ଅପବର୍ଗକୁ ସଫଳ କରିବା, ଶାସ୍ତ୍ରାନୁମୋଦିତ ପଦ୍ଧତିରେ ଧର୍ମ-ଅର୍ଥ-କାମ-ମୋକ୍ଷ ସଂପାଦନ କରିବାରେ ସଂଲଗ୍ନ ରହିବାରେ ହିଁ ଏ ରଥକୁ ଆରୋହଣ କରିବାର ସଫଳତା।

**ସ୍ୱସ୍ତି ନଃ ପଥ୍ୟାସୁ ଧନ୍ୱସୁ ସ୍ୱସ୍ତ୍ୟପ୍‌ସୁ ବୃଜନେ ସ୍ୱର୍ବତି। ସ୍ୱସ୍ତି ନଃ ପୁତ୍ରକୃଥେଷୁ ଯୋନିଷୁ ସ୍ୱସ୍ତି ରାୟେ ମରୁତୋ ଦଧାତନ ॥ ୨୧ ॥**

**ପଦାର୍ଥ —** ହେ ପରମେଶ୍ୱର ! ଆପଣଙ୍କ କୃପାରୁ **(ପଥ୍ୟାସୁ)** ପଥଯୁକ୍ତ ପ୍ରଦେଶରେ, **(ଧନ୍ୱସୁ)** ମାର୍ଗରହିତ, ଜଳରହିତ ମରୁପ୍ରଦେଶରେ **(ନଃ)** ଆମର **(ସ୍ୱସ୍ତି)** କଲ୍ୟାଣ ହେଉ। **(ଅପ୍‌ସୁ)** ଜଳମୟ ପ୍ରଦେଶରେ, ନଦୀ-ସମୁଦ୍ରାଦିରେ, **(ବୃଜନେ)** ନିର୍ଜନ ପ୍ରଦେଶରେ, **(ସ୍ୱର୍ବତି)** ସୁଖଦାୟକ ପ୍ରଦେଶରେ ଅଥବା **(ବୃଜନେ ସ୍ୱର୍ବତି)** ସ୍ୱର୍ଗଦାୟକ ସଂଗ୍ରାମରେ, ଅନ୍ତରିକ୍ଷ ଓ ଦ୍ୟୁଲୋକସ୍ଥ ଭାଗରେ **(ସ୍ୱସ୍ତି)** ଆମ ପାଇଁ କଲ୍ୟାଣ ହେଉ। **(ପୁତ୍ରକୃଥେଷୁ)** ସନ୍ତାନ-ଉତ୍ପାଦନ କର୍ମରେ ଯୁକ୍ତ **(ଯୋନିଷୁ)** ସ୍ଥାନରେ, କାରଣରେ, ନାରୀମାନଙ୍କଠାରେ, ଗୃହରେ **(ନଃ)** ଆମର **(ସ୍ୱସ୍ତି)** କଲ୍ୟାଣ ହେଉ। **(ମାରୁତଃ = ମା-ରୁତଃ)** ହେ ମନୁଷ୍ୟ, 'ଦୁଃଖୀ ହୁଅ ନାହିଁ, କ୍ରନ୍ଦନ କର ନାହିଁ' ଅନ୍ତରରେ ଏପରି ଆଶ୍ୱାସନା ଦେଉଥିବା ପ୍ରଭୋ ! **(ରାୟେ)** ଐଶ୍ୱର୍ଯ୍ୟ ପ୍ରାପ୍ତି ନିମନ୍ତେ **(ସ୍ୱସ୍ତି)** ଆମ ପାଇଁ କଲ୍ୟାଣକୁ **(ଦଧାତନ)** ଧାରଣ କରନ୍ତୁ, ଆମକୁ କଲ୍ୟାଣକାରୀ ମାର୍ଗ ପ୍ରଦର୍ଶନ କରନ୍ତୁ।

**ଭାବାର୍ଥ —** ଏ ମନ୍ତ୍ରରେ ପ୍ରାର୍ଥନା କରାଯାଇଛି କି ସଂସାରର ରାଜପଥ, ରାସ୍ତା-ଘାଟରେ; ପ୍ରଶସ୍ତ ପଥହୀନ ନିଘଞ୍ଚ ଜଙ୍ଗଲରେ, ଜଳହୀନ ମରୁପ୍ରଦେଶରେ, ଜଳପ୍ଳାବିତ ପ୍ରଦେଶରେ, ନଦୀ-ସମୁଦ୍ରରେ, ଜନ-ମାନବଶୂନ୍ୟ ନିର୍ଜ୍ଜନ ସ୍ଥାନରେ, ସୁଖ-ସମୃଦ୍ଧିସମ୍ପନ୍ନ ସହରାଦିରେ, ଅନ୍ତରିକ୍ଷ ଓ ଦ୍ୟୁଲୋକରେ ଅର୍ଥାତ୍ ଆମେ ଯେଉଁଠାରେ ବି ଥାଉ ହେ ପ୍ରଭୋ ! ଆମର କଲ୍ୟାଣ ହେଉ। ସମସ୍ତ ସ୍ଥାନରେ ଆମର କଲ୍ୟାଣ ଯେପରି ହେବ ଆମେ ସେପରି ବୁଦ୍ଧିପୂର୍ଣ୍ଣ ଉପାୟ ଅବଲମ୍ବନ କରୁ। ଆମର ଗୃହସ୍ଥ ଜୀବନ ଭୋଗର ଉଚ୍ଛୃଙ୍ଖଳତାର ଆଧାର ନ ହେଉ, ସମାଜକୁ ଦିବ୍ୟ ସନ୍ତାନ ପ୍ରଦାନ କରିବା ଉଦ୍ଦେଶ୍ୟରେ ଦୁଃଖରହିତ ସୁଖଦାୟକ ସଂସର୍ଗ ହେଉ ପତି-ପତ୍ନୀଙ୍କ ସମ୍ବନ୍ଧ। ମହିଳାଙ୍କ ସମୃଦ୍ଧିରେ ହିଁ ପରିବାରର ସମୃଦ୍ଧି। ତେଣୁ ସେମାନଙ୍କ ସର୍ବବିଧ କଲ୍ୟାଣ, ଆରୋଗ୍ୟ ସାଧିତ ହେଉ। ଧନ-ଐଶ୍ୱର୍ଯ୍ୟର ଆମ ପାଖରେ ଅଭାବ ନହେଉ, ଅଭାବ-ଦାରିଦ୍ର୍ୟ କାରଣରୁ କାହାକୁ ଦୁଃଖରେ ଅଶ୍ରୁମୁଞ୍ଚନ କରିବାକୁ ନ ପଡୁ। କଲ୍ୟାଣ ନିମନ୍ତେ ଓ କଲ୍ୟାଣ ମାର୍ଗରେ ଆମେ ଧନୈଶ୍ୱର୍ଯ୍ୟ ଲାଭ କରୁ।

❖❖❖

**ସିଦ୍ଧାନ୍ତ ଚର୍ଚ୍ଚା :**

# ବେଦରେ ଈଶ୍ୱରଙ୍କ ସ୍ୱରୂପ

**ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ**

ଧର୍ମର କେନ୍ଦ୍ର ଈଶ୍ୱରୋପାସନା ଏବଂ ଈଶ୍ୱରୋପାସନାର ସ୍ୱରୂପ ମୁଖ୍ୟତଃ ଈଶ୍ୱରଙ୍କ ସ୍ୱରୂପ ଉପରେ ଆଧାରିତ, ଅର୍ଥାତ୍ ଆମେ ଈଶ୍ୱରଙ୍କର ସ୍ୱରୂପକୁ ଯେପରି ମାନୁ ତଦନୁସାରେ ତାଙ୍କର ପୂଜା କରୁ । ଏଣୁ ଭିନ୍ନ-ଭିନ୍ନ ଧର୍ମ(ମତ)ର ଉତ୍କୃଷ୍ଟତାର ପରୀକ୍ଷା ଈଶ୍ୱରଙ୍କ ସେହି ସ୍ୱରୂପ ଦ୍ୱାରା କରାଯାଏ ଯାହାକୁ କି ସେହି ମତର ଅନୁଯାୟୀମାନେ ଗ୍ରହଣ କରିଥାନ୍ତି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଈଶ୍ୱରଙ୍କ ସ୍ୱରୂପ ଏକ ହିଁ ଅଟେ । ଯଦି ଈଶ୍ୱର ଏକ, ତେବେ ତାଙ୍କର ସ୍ୱରୂପ ବି ଏକ ହିଁ ହେବ । ଏଥିରେ ଦ୍ୱିମତ ହେବାର କ'ଣ ଅଛି ? କିନ୍ତୁ ସଂସାରର ସମସ୍ତ ଲୋକେ ଈଶ୍ୱରଙ୍କୁ ଏକାଭଳି ସ୍ୱୀକାର କରନ୍ତି ନାହିଁ । ଯଦିଓ ସମସ୍ତ ସୁସ୍ଥ ମନୁଷ୍ୟ ଲଙ୍କାକୁ କଟୁ(ତିକ୍ତ) ଏବଂ ଚିନିକୁ ମିଠା ବୋଲି ମାନିଥାନ୍ତି, ସମସ୍ତେ ଅଗ୍ନିକୁ ଗରମ ଓ ଜଳକୁ ଶୀତଳ ବୋଲି ମାନିଥାନ୍ତି, କିନ୍ତୁ ଏସବୁ ପ୍ରତ୍ୟକ୍ଷ ବସ୍ତୁ ଅଟନ୍ତି ଅର୍ଥାତ୍ ଏସବୁକୁ ପଞ୍ଚ ଜ୍ଞାନେନ୍ଦ୍ରିୟ ଦ୍ୱାରା ଜଣାଯାଇପାରେ । ଏହି କାରଣରୁ ଏସବୁର ସ୍ୱରୂପ ସମ୍ବନ୍ଧରେ ଏକାଧିକ ମତ ନାହିଁ । କିନ୍ତୁ ପରୋକ୍ଷ ବସ୍ତୁମାନଙ୍କ କ୍ଷେତ୍ରରେ ଏପରି ଅଭିନ୍ନତା ନାହିଁ ଅର୍ଥାତ୍ ପରୋକ୍ଷ ବସ୍ତୁଗୁଡ଼ିକୁ ଚକ୍ଷୁ ଆଦି ଇନ୍ଦ୍ରିୟ ଦ୍ୱାରା ତ ଦେଖି ହୁଏ ନାହିଁ, ଏଗୁଡ଼ିକର ଅନୁମାନ ବୁଦ୍ଧି ଦ୍ୱାରା ହୋଇଥାଏ । ଭିନ୍ନ-ଭିନ୍ନ ବ୍ୟକ୍ତିଙ୍କର ବୁଦ୍ଧି ଭିନ୍ନ-ଭିନ୍ନ ହୋଇଥାଏ । ଏଣୁ ସେମାନଙ୍କର ଅନୁମାନ ମଧ୍ୟ ଭିନ୍ନ-ଭିନ୍ନ ହୋଇଥାଏ । ଅତଃ ପରୋକ୍ଷ ବସ୍ତୁମାନଙ୍କ ସମ୍ବନ୍ଧରେ ଲୋକଙ୍କ ଭିତରେ ମତଭେଦ ରହିବା ସମ୍ଭବ ଓ ସ୍ୱାଭାବିକ । ଈଶ୍ୱର ପରୋକ୍ଷ । ଅତଃ ଈଶ୍ୱରଙ୍କ ସ୍ୱରୂପ ସମ୍ପର୍କରେ ବି ଲୋକଙ୍କ ଭିତରେ ମତଭେଦ ରହିଛି ।

ସଂସାରରେ ଆମେ ବିଭିନ୍ନ ପ୍ରକାର ସଂପ୍ରଦାୟ କାହିଁକି ଦେଖିବାକୁ ପାଉ ? କାହିଁକି ସମଗ୍ର ଭୂମଣ୍ଡଳରେ ଏକ ହିଁ ମତ ନାହିଁ? ଏହାର ଏକମାତ୍ର ଉତ୍ତର ହେଉଛି ଯେ, ଈଶ୍ୱରଙ୍କ ବିଷୟରେ ସବୁ ଲୋକଙ୍କ ବିଚାର ଏକ ନୁହେଁ । କିଏ ଈଶ୍ୱରଙ୍କୁ ସାକାର ମାନିଥାଏ ତ ଆଉ କେହି ନିରାକାର, କିଏ ତାଙ୍କୁ ଅଜନ୍ମା ମାନିଥାଏ ତ ଆଉ କିଏ ତାଙ୍କ ଅବତାର ଗ୍ରହଣକୁ ସ୍ୱୀକାର କରିଥାଏ, କିଏ ତାଙ୍କୁ ଦୟାଳୁ ବୋଲି ମାନେ ତ କିଏ ପୁଣି କ୍ରୂର କହିଥାଏ । ଏହା ବ୍ୟତୀତ ଆହୁରି ଅନେକ ଛୋଟ-ଛୋଟ କଥାରେ ବି ମତଭେଦ ରହିଛି । ଏହା ହିଁ ଧର୍ମ(ମତ)ଗୁଡ଼ିକର ଗୋଟିଏ ଅନ୍ୟଠାରୁ ଭିନ୍ନ ହେବାର କାରଣ । କିନ୍ତୁ ଗୋଟିଏ ବିଷୟରେ ସମସ୍ତ ମତ ପ୍ରାୟତଃ ଏକ ଅଟନ୍ତି ଅର୍ଥାତ୍ ସମସ୍ତେ ଈଶ୍ୱରଙ୍କୁ ସୃଷ୍ଟିକର୍ତ୍ତା ବୋଲି ସ୍ୱୀକାର କରନ୍ତି ।

ଆମେ ଏଠାରେ ଅନ୍ୟ ମତ ସମ୍ପର୍କରେ ବର୍ଣ୍ଣନା ନ କରି କେବଳ ବୈଦିକ ଧର୍ମ ବିଷୟରେ ଆଲୋଚନା କରିବୁ । ସାଧାରଣତଃ ଏହା କୁହାଯାଏ ଯେ ଈଶ୍ୱର ଏକ ଓ ଦୟାଳୁ ହେବାର ବିଚାର ନୂତନ । ପ୍ରାଚୀନ କାଳରେ ଲୋକମାନେ ନା ଈଶ୍ୱର ଏକ ବୋଲି ମାନୁଥିଲେ ନା ତାଙ୍କର ଦୟାଳୁ ସ୍ୱରୂପରେ ବିଶ୍ୱାସ କରୁଥିଲେ । ଏହି ମନ୍ତବ୍ୟ ବହୁଳ ଭାବେ ଖ୍ରୀଷ୍ଟିଆନ୍‌ଭାଇଙ୍କ ଦ୍ୱାରା ଦିଆଯାଇଥାଏ, ଯେଉଁମାନେ କି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ପାଇଁ ପ୍ରତ୍ୟେକ ପୁରୁଣା ବିଚାରକୁ ନୂତନ ତଥା ନିଜର ବୋଲି କହିଥାନ୍ତି । ସେମାନେ ଦାବୀ

କରନ୍ତି ଯେ ଆମ ପୂର୍ବରୁ ସଂସାରରେ ଅନ୍ୟ କେହି ଈଶ୍ୱରଙ୍କୁ ଏକ ବୋଲି ମାନିନାହାନ୍ତି କି ଈଶ୍ୱରଙ୍କୁ ପିତା ରୂପେ ସ୍ୱୀକାର କରିନାହାନ୍ତି । ସେମାନେ କହନ୍ତି କି ପ୍ରଭୁ ଯୀଶୁଖ୍ରୀଷ୍ଟ ହିଁ ସର୍ବପ୍ରଥମେ ଲୋକଙ୍କୁ କହିଲେ ଯେ ଈଶ୍ୱର ଆମର ପିତା । ଆମେ ସେମାନଙ୍କର ସେହି ମନ୍ତବ୍ୟ ସମ୍ବନ୍ଧରେ କିଛି କହିବାକୁ ଚାହୁଁନାହୁଁ । ଏହା ତ ସମସ୍ତଙ୍କର ଅଭିମତ ଯେ ବେଦ ସୃଷ୍ଟିର ପ୍ରାଚୀନତମ ଗ୍ରନ୍ଥ । ଏଣୁ ଆମେ କେବଳ ବେଦ ମନ୍ତ୍ରକୁ ହିଁ ଏଠାରେ ଉଲ୍ଲେଖ କରିବା ପର୍ଯ୍ୟାପ୍ତ ବୋଲି ବିଚାରୁଛୁ ।

ଯଜୁର୍ବେଦର ଚାଳିଶ(୪୦) ଅଧ୍ୟାୟର ପ୍ରଥମ ମନ୍ତ୍ର ହେଉଛି —

**ଈଶା ବାସ୍ୟମିଦଂ ସର୍ବଂ ଯତ୍କିଞ୍ଚ ଜଗତ୍ୟାଂ ଜଗତ୍ । ତେନ ତ୍ୟକ୍ତେନ ଭୁଞ୍ଜୀଥା ମା ଗୃଧଃ କସ୍ୟ ସ୍ୱିଦ୍ଧନମ୍ ॥** (ଯଜୁଃ. ୪୦:୧)

ଏହାର ସରଳ ଅର୍ଥ ହେଉଛି — **(ଈଶା)** ଈଶ୍ୱରଙ୍କ ଦ୍ୱାରା **(ବାସ୍ୟମ୍)** ବାସ ହେବା ଉଚିତ **(ଇଦଂ)**ଏହି **(ସର୍ବଂ)** ସମସ୍ତ **(ଜଗତ୍)** ଜଗତ **(ଯତ୍କିଞ୍ଚ)** ଯାହାକିଛି **(ଜଗତ୍ୟାଂ)** ସୃଷ୍ଟିରେ ଅଛି । **(ତେନ)** ତାଙ୍କ ଦ୍ୱାରା **(ତ୍ୟକ୍ତେନ)** ଦିଆଯାଇଥିବା ବସ୍ତୁକୁ **(ଭୁଞ୍ଜୀଥାଃ)** ଭୋଗକର । **(ମା ଗୃଧଃ)** ନିଅ ନାହିଁ **(କସ୍ୟ ସ୍ୱିତ୍)** କାହାର ବି **(ଧନମ୍)** ଧନକୁ ।

ଏହି ମନ୍ତ୍ରରେ ସଂସାରକୁ 'ଜଗତ୍' କୁହାଯାଇଛି । ଜଗତ୍ କ'ଣ ? 'ଜଗତ୍' ଶବ୍ଦ 'ଗମ୍' ଧାତୁରୁ ଉତ୍ପନ୍ନ, ଯାହାର ଅର୍ଥ ହେଉଛି 'ଚାଲିବା' । 'ଜଗତ୍' କୁ 'ଜଗତ୍' ଏଥିପାଇଁ କୁହାଯାଇଛି ଯେ ଏହା ଗତିଶୀଳ ଅଟେ, ପରିବର୍ତ୍ତନଶୀଳ ଅଟେ, ଗୋଟିଏ ଅବସ୍ଥାରେ ରହେ ନାହିଁ, ଗୋଟିଏ ସ୍ଥାନରେ ରହେ ନାହିଁ । ଯଦି ଧ୍ୟାନପୂର୍ବକ ବିଚାର କରାଯାଏ ତେବେ ସଂସାରର ସମସ୍ତ ବସ୍ତୁ ଗତିଶୀଳ ଜଣାଯାଆନ୍ତି । ସୂର୍ଯ୍ୟ ଗତି କରୁଛି, ପୃଥିବୀ ଘୂରୁଛି, ତାରାଗଣ ବି ଗତି କରୁଛନ୍ତି । ପୁଣି ସଂସାରର ସମସ୍ତ ବସ୍ତୁ ଗତିଶୀଳ ଅଟନ୍ତି । ଯାହାକୁ ଆମେ ସ୍ଥାବର କହୁ ତାହା ବି ବସ୍ତୁତଃ ସ୍ଥାବର ନୁହେଁ । ସ୍ଥାବର ଓ ଜଙ୍ଗମ କେବଳ ସାପେକ୍ଷିକ ଶବ୍ଦ ଅର୍ଥାତ୍ ଆମେ ରେଳଗାଡ଼ିକୁ ଗତିଶୀଳ ଏବଂ ପୃଥିବୀକୁ ସ୍ଥିର କହୁ । କିନ୍ତୁ ପୃଥିବୀର ଗତି ରେଳଗାଡ଼ିର ଗତିଠାରୁ ବି ବହୁତ ଅଧିକ । ତା'ଛଡ଼ା ଆପଣ ମନୁଷ୍ୟ କଥା ଚିନ୍ତା କରନ୍ତୁ । ସେ କେବଳ ସ୍ଥାନ ହିଁ ବଦଳାଏ ନାହିଁ, ବରଂ ଅବସ୍ଥା ବି ପରିବର୍ତ୍ତନ କରିଥାଏ — ଆଜି ଶିଶୁ, କାଲି କିଶୋର, ତା'ପର ଦିନ ଯୁବକ, ପୁଣି ବୃଦ୍ଧ ଏବଂ ତତ୍ପଶ୍ଚାତ୍ ମୃତ୍ୟୁ । ଏହି ପରି ପଶୁ, ପକ୍ଷୀ ତଥା ବୃକ୍ଷ ଆଦି ବି ଅଟନ୍ତି । ଏମାନେ କେବେ ବି ଗୋଟିଏ ଅବସ୍ଥାରେ ରହନ୍ତି ନାହିଁ । ଏସବୁର ପରମାଣୁଗୁଡ଼ିକର ସ୍ଥିତି ଏହା ଯେ ପ୍ରତି ମୁହୂର୍ତ୍ତରେ ସ୍ଥାନ ତଥା ଅବସ୍ଥାରେ ପରିବର୍ତ୍ତନ ଘଟିଥାଏ । ଏହା ବ୍ୟତୀତ ଆପଣ ଜଳବିନ୍ଦୁ କଥା ବିଚାରକୁ ନିଅନ୍ତୁ । ଯେଉଁ ଜଳ ଆଜି ଆପଣଙ୍କ ଡାଳରେ ଅଛି, କିଛି ଦିନ ପୂର୍ବେ ତାହା ସମୁଦ୍ରରେ ଥିଲା । ସେଠାରୁ ବାଷ୍ପ ହୋଇ ଉପରକୁ ଗଲା । ସେଠାରେ ମେଘ ସୃଷ୍ଟି ହେଲା । ମେଘ ବର୍ଷା ହେଲା ଏବଂ ବର୍ଷା ହୋଇ ନଦୀ, କୂଅ ଅଥବା ପୋଖରୀ ଦେଇ ଲୋଟାକୁ ଆସିଲା । ହେଲେ ଆପଣ କ'ଣ ଭାବୁଛନ୍ତି କି ଏହା ଡାଳରେ ରହିବ ? ନା; ଏହା ପୁଣି ରୂପ ପରିବର୍ତ୍ତନ କରି ସେହି ସମୁଦ୍ରରେ ପହଞ୍ଚିଯିବ, ଯେଉଁଠାରୁ ଏହା ପ୍ରଥମେ ଆସିଥିଲା ।

ବାସ୍, ଏହି ଜଳବିନ୍ଦୁଗୁଡ଼ିକର ଅବସ୍ଥା ଯାହା, ସଂସାରର ସମସ୍ତ ପଦାର୍ଥର ଅବସ୍ଥା ମଧ୍ୟ ସେଇଆ । ଏଣୁ ସଂସ୍କୃତରେ ଏହାକୁ 'ସଂସାର-ଚକ୍ର' କୁହାଯାଏ । ଚକ୍ରର ଅର୍ଥ ଚକ । ଚକ ଗୋଲ ହୋଇଥାଏ । ସଂସାର ବି ଗୋଲ ଅଟେ ଅର୍ଥାତ୍ ଚକ ପରି ଘୂର୍ଣ୍ଣାୟମାନ ଅଟେ ।

ଏହି ପରିବର୍ତ୍ତନଶୀଳ ସଂସାରକୁ ସ୍ଥିର ରଖିବାକୁ ଏପରି ଏକ ବସ୍ତୁ ଆବଶ୍ୟକ ଯାହା ସ୍ୱୟଂ ପରିବର୍ତ୍ତନଶୀଳ ହୋଇ ନ ଥିବ । ଗତିଶୀଳ ପଦାର୍ଥଗୁଡ଼ିକର ନିଶ୍ଚୟ

କୌଣସି ନା କୌଣସି ଗତିଶୂନ୍ୟ ଆଧାର ଥିବା ଆବଶ୍ୟକ, ନଚେତ୍ ସେହି ବସ୍ତୁ ରହିପାରିବ ନାହିଁ । ଉଦାହରଣସ୍ୱରୂପ ଆପଣ ରେଳଗାଡ଼ି କଥା ବିଚାରକୁ ନିଅନ୍ତୁ । ରେଳପଥ ଯଦି ରେଳଗାଡ଼ି ପରି ଗତିଶୀଳ ହୁଏ, ତେବେ ତାହା ଉପରେ ରେଳ ଚାଲିପାରିବ ନାହିଁ । ଗତିଶୀଳ ରେଳ ପାଇଁ ଏକ ଗତିଶୂନ୍ୟ ରେଳପଥ ଆବଶ୍ୟକ । ସେହିପରି ବହୁଥିବା ଜଳ ପ୍ରବାହ ପାଇଁ ସ୍ଥିର ଧରାପୃଷ୍ଠ ଆବଶ୍ୟକ ହୋଇଥାଏ । ଯେଉଁ ବସ୍ତୁ ନିଜେ ପରିବର୍ତ୍ତନଶୀଳ ସେ ଅନ୍ୟ କୌଣସି ପରିବର୍ତ୍ତନଶୀଳ ବସ୍ତୁକୁ ଧାରଣ କରିପାରିବ ନାହିଁ । ଏଣୁ ବେଦରେ କୁହାଯାଇଛି ଯେ 'ଜଗତ୍ ଅର୍ଥାତ୍ ପରିବର୍ତ୍ତନଶୀଳ ସୃଷ୍ଟି ନିମନ୍ତେ ଏପରି କୌଣସି ଶକ୍ତି ବା ଆଧାର ରହିବା ଆବଶ୍ୟକ, ଯିଏ ନିଜେ ଅଚଳ ହୋଇଥିବ ।' ଏହି ଶକ୍ତିର ନାମ 'ଈଶ' ।

## ସେ ପ୍ରଭୁ ପରିବର୍ତ୍ତନଶୀଳ ନୁହନ୍ତି

'ଈଶ' ର ଅର୍ଥ କ'ଣ ? ଈଶ ସେହି ଶକ୍ତି ଯାହା ସମସ୍ତ ପ୍ରକାର କ୍ରିୟା ଉପରେ ନିଜର ଆଧିପତ୍ୟ ରଖିଥାଏ । ନିୟମରେ ବାନ୍ଧି ରଖୁଥିବା ନିୟାମକଙ୍କୁ ଈଶ କୁହାଯାଏ । ସିଏ ଈଶ୍ୱର ଅଟନ୍ତି, ଯିଏ ସଂସାରର ସମସ୍ତ ଗତି ବା କାର୍ଯ୍ୟକୁ ନିୟମରେ ବାନ୍ଧି ରଖନ୍ତି । ସୃଷ୍ଟିକର୍ତ୍ତା ବି ତାଙ୍କର ହିଁ ନାମ । କର୍ତ୍ତା ତାଙ୍କୁ କୁହାଯାଏ, ଯିଏ କ୍ରିୟା ଉପରେ ଆଧିପତ୍ୟ ରଖନ୍ତି । କୌଣସି କ୍ରିୟା ଆପେ ହୁଏ ନାହିଁ; ବରଂ କର୍ତ୍ତାଙ୍କର ଅଧୀନରେ ହୋଇଥାଏ । କର୍ତ୍ତା କ୍ରିୟାର କେବଳ କାରଣ ମାତ୍ର ନୁହନ୍ତି, ବରଂ ତାହାର ନିୟନ୍ତା ମଧ୍ୟ ଅଟନ୍ତି । ସମସ୍ତ କ୍ରିୟା କର୍ତ୍ତାଙ୍କ ଦ୍ୱାରା ଆରମ୍ଭ ହୋଇଥାଏ । କର୍ତ୍ତା ହିଁ କ୍ରିୟାର ପରିମାଣକୁ ନିର୍ଦ୍ଧାରଣ କରିଥାନ୍ତି । ସେ ହିଁ ପ୍ରୟୋଜନକୁ ଦୃଷ୍ଟିରେ ରଖି କ୍ରିୟାକୁ ନିୟମିତ ସମ୍ପାଦନ କରିଥାନ୍ତି । ସର୍ବ ପ୍ରଥମେ ଯେଉଁ ବିଚାର ଏହି ବେଦ ମନ୍ତ୍ରରେ ପ୍ରକଟ କରାଯାଇଛି, ତାହା ହେଲା — ଈଶ୍ୱର ସମସ୍ତ କ୍ରିୟାର ନିୟାମକ ଅଟନ୍ତି ।

## ବିଶ୍ୱ ତାଙ୍କର ଅଧୀନରେ

ନିୟାମକ ଶକ୍ତି ପାଇଁ ଆଉ କ'ଣ ଆବଶ୍ୟକ ? ସର୍ବ ପ୍ରଥମେ ତ ନିୟାମକ ଶକ୍ତିରେ ସାମର୍ଥ୍ୟ ରହିବା ଆବଶ୍ୟକ । ସାମର୍ଥ୍ୟ ବିନା ନିୟନ୍ତ୍ରଣ ହୋଇ ହିଁ ପାରିବ ନାହିଁ । ଏଣୁ ଏହି ଶକ୍ତି ପାଇଁ 'ଈଶ' ଶବ୍ଦର ପ୍ରୟୋଗ ହୋଇଛି ଅର୍ଥାତ୍ ଈଶ୍ୱର ସିଏ ଅଟନ୍ତି, ଯିଏକି ଅନ୍ୟ ସମସ୍ତ ବସ୍ତୁକୁ ନିଜ ନିୟନ୍ତ୍ରଣରେ ରଖିବାରେ ସମର୍ଥ । 'ଈଶ'ର ଅର୍ଥ ହିଁ ଏଇଆ । ଯିଏ ଶକ୍ତିସମ୍ପନ୍ନ ନୁହନ୍ତି, ସିଏ ଈଶ ନୁହନ୍ତି । ଅନ୍ୟ ଏକ ବେଦ ମନ୍ତ୍ରରେ ଏହାକୁ 'ବଶୀ'* କୁହାଯାଇଛି । ସଂସାରରେ ରାଜା ବା ଶାସକଙ୍କୁ ମଧ୍ୟ 'ଈଶ' କୁହାଯାଏ, କାରଣ ରାଜା ପ୍ରଜାଙ୍କଠାରୁ ଅଧିକ ଶକ୍ତିଶାଳୀ ହୋଇଥାନ୍ତି । କିନ୍ତୁ ରାଜାଙ୍କ ପାଇଁ 'ଈଶ' ଶବ୍ଦ ଗୌଣ ରୂପେ ପ୍ରଯୁକ୍ତ ହୁଏ, କାରଣ ରାଜାଙ୍କ ଶକ୍ତି ସୀମିତ ଅଟେ । ବସ୍ତୁତଃ ଏହି ଶବ୍ଦ ଈଶ୍ୱରଙ୍କ ପାଇଁ ଯଥାର୍ଥ ଓ ମୁଖ୍ୟ ରୂପେ ପ୍ରଯୁଜ୍ୟ, କାରଣ ଈଶ୍ୱରଙ୍କ ଶକ୍ତି ସସୀମ ନୁହେଁ ।

## ଜଗତର ପ୍ରତି ଅଣୁ-ପରମାଣୁରେ ବ୍ୟାପକ

ସାମର୍ଥ୍ୟ ବ୍ୟତୀତ ଈଶ୍ୱରଙ୍କଠାରେ ବ୍ୟାପକତା ବି ରହିବା ଉଚିତ । ଏହି ଗୁଣ ଅଭାବରୁ ସାଂସାରିକ ରାଜାମାନେ ନିଜର ପ୍ରଜାଙ୍କ ନିକଟରେ ସିଧା ପହଞ୍ଚି ପାରନ୍ତି ନାହିଁ ଏବଂ ଶାସନ ନିମନ୍ତେ ଅନେକ ସହାୟକ ରଖିଥାନ୍ତି, ଯେଉଁମାନେ କି ବହୁଧା ଶାସକଙ୍କ ସହ ବିଶ୍ୱାସଘାତ ବି କରିଥାନ୍ତି । ଯଦି ଈଶ୍ୱର ବି ଲୌକିକ ରାଜାମାନଙ୍କ ପରି ଏକଦେଶୀ ହେବେ ଏବଂ ନିଜର ଅଧୀନରେ ଅନ୍ୟ ଛୋଟ-ଛୋଟ ଅଧିକାରୀ ନିଯୁକ୍ତ କରିବେ ତେବେ ତାଙ୍କର ଶାସନକୁ ପୂର୍ଣ୍ଣ କୁହାଯାଇ ପାରିବ

* **ଅହୋରାତ୍ରାଣି ବିଦଧଦ୍ ବିଶ୍ୱସ୍ୟ ମିଷତୋ ବଶୀ ।** (ଋକ୍. ୧୦:୧୯୦:୨)

ନାହିଁ । ଶାସକମାନେ ଏକାକୀ ନିୟନ୍ତ୍ରଣରେ ଅସମର୍ଥ ହେବା ଯୋଗୁଁ ଅନ୍ୟଙ୍କୁ ସହାୟକ ରଖିଥାନ୍ତି । ଈଶ୍ୱର ଏପରି ନୁହନ୍ତି । ପୂର୍ଣ୍ଣ ନିୟନ୍ତା ପ୍ରତ୍ୟେକ ପରମାଣୁ ଭିତରେ ବ୍ୟାପକ ହେବା ଆବଶ୍ୟକ । ଏଣୁ ବେଦମନ୍ତ୍ରରେ କୁହାଯାଇଛି 'ବାସ୍ୟମ୍' ଅର୍ଥାତ୍ ଈଶ୍ୱର ସମସ୍ତ ସଂସାର ଭିତରେ ବ୍ୟାପକ ଅଟନ୍ତି । କେବଳ ପ୍ରତ୍ୟେକ ବସ୍ତୁ ଭିତରେ ହିଁ ନୁହନ୍ତି, ବରଂ ପ୍ରତ୍ୟେକ କ୍ରିୟା ଓ ଗତିରେ ବି ବ୍ୟାପକ । ଅନ୍ୟ ଏକ ବେଦମନ୍ତ୍ରରେ କୁହାଯାଇଛି —

**ତଦେଜତି ତନ୍ନୈଜତି ତଦ୍ଦୂରେ ତଦ୍ୱନ୍ତିକେ ।**
**ତଦନ୍ତରସ୍ୟ ସର୍ବସ୍ୟ ତଦୁ ସର୍ବସ୍ୟାସ୍ୟ ବାହ୍ୟତଃ ॥** (ଯଜୁଃ. ୪୦:୫)

ସେ ଅନ୍ୟମାନଙ୍କୁ ଗତି ଦିଅନ୍ତି ; କିନ୍ତୁ ସ୍ୱୟଂ ଚଳାୟମାନ ନୁହନ୍ତି । ସେ ଦୂରରେ ବି ଅଛନ୍ତି ଏବଂ ସମୀପରେ ମଧ୍ୟ । ସେ ସମସ୍ତଙ୍କ ବାହାରେ ଏବଂ ଭିତରେ ବି ରହିଛନ୍ତି ।

## ଜଣେ ହିଁ ନିୟନ୍ତା

ସାମର୍ଥ୍ୟ ଓ ବ୍ୟାପକତା ଉଭୟ ଗୁଣ ପାଇଁ ଏକ ତୃତୀୟ ଗୁଣ ଆବଶ୍ୟକ । ତାହା ହେଉଛି ଏକତ୍ୱ । ଯଦି ଦୁଇଟି ବସ୍ତୁ ରହିବେ ତେବେ ଉଭୟ ସମାନ ସାମର୍ଥ୍ୟଯୁକ୍ତ ହୋଇପାରିବେ ନାହିଁ । ଯଦି ସାମର୍ଥ୍ୟ ଅସମାନ ହୁଏ, ତେବେ ଯିଏ ଅଧିକ ସାମର୍ଥ୍ୟଯୁକ୍ତ ହେବ ସିଏ ଅଳ୍ପ ସାମର୍ଥ୍ୟ ସମ୍ପନ୍ନ ବସ୍ତୁକୁ ଦବେଇ ଦେବ । ଏହାଦ୍ୱାରା ନିୟନ୍ତ୍ରଣରେ ପାର୍ଥକ୍ୟ ହେବ । ମନୁଷ୍ୟର ଶରୀରରେ ଦୁଇଟି ହାତ ରହିଛି, ଦୁଇଟି ପାଦ ରହିଛି, ଦାନ୍ତ ବତିଶିଟି ରହିଛି ଏବଂ ଅନେକ ଶିରା-ପ୍ରଶିରା ରହିଛି । କିନ୍ତୁ ମୁଣ୍ଡ ଗୋଟିଏ ହିଁ ଅଛି । କାହିଁକି ? ଏଇଥିପାଇଁ ଯେ ମସ୍ତିଷ୍କର କାର୍ଯ୍ୟ ହେଉଛି ନିୟନ୍ତ୍ରଣ । ଜଣେ ହିଁ ଠିକ୍ ରୂପେ ନିୟନ୍ତ୍ରଣ କରିପାରେ । ଦୁଇ ଜଣ କରିପାରିବେ ନାହିଁ । ଯଦି ଏକାଧିକ ମସ୍ତିଷ୍କ ହୋଇଥାନ୍ତା, ତେବେ ଶରୀରର ସମସ୍ତ କାର୍ଯ୍ୟ ବନ୍ଦ ହୋଇଯାଇଥାନ୍ତା । ସେହିଭଳି କୌଣସି ଦେଶରେ ପ୍ରଜା ବହୁତ ଥାଆନ୍ତି । ଚାକର-ବାକର ବି ବହୁତ ଥାଆନ୍ତି । କିନ୍ତୁ ରାଜା ଜଣେ ଥାଆନ୍ତି । ଗୋଟିଏ ଦେଶରେ ଏକାଧିକ ରାଜାଙ୍କ ପ୍ରଶ୍ନ ହିଁ ଉଠୁ ନାହିଁ । ଗୋଟିଏ ଦେଶରେ ଏକାଧିକ ରାଜା ରହିବା ଦେଶର ବିନାଶର କାରଣ ହୋଇଥାଏ । କୌଣସି ସେନାର ସେନାପତି ଜଣେ ହିଁ ହୋଇପାରେ । ହଁ, ସୈନିକ ଅନେକ ହୋଇପାରନ୍ତି । ଏକାଧିକ ସେନାପତି ରଖିଦିଅନ୍ତୁ, ସେନାବାହିନୀରେ ବିଶୃଙ୍ଖଳା ସୃଷ୍ଟି ହୋଇଯିବ । ଏଣୁ ଜଗତର ସେହି ନିୟନ୍ତା, ଯାହାଙ୍କୁ ବେଦମନ୍ତ୍ରରେ 'ଈଶ' କୁହାଯାଇଛି, ସିଏ ଏକ ହେବା ଆବଶ୍ୟକ ।

## ଏକ ହିଁ ସବୁଥିରେ ବ୍ୟାପକ

ବ୍ୟାପକତା ବି ଏକତ୍ୱର ପୋଷକ ଅଟେ । ଯେଉଁ ଶକ୍ତି ସମଗ୍ର ସଂସାରରେ ବ୍ୟାପୀ ରହିଛି, ସେ ଏକ ହିଁ ହୋଇପାରେ । ବ୍ୟାପ ବସ୍ତୁ ଅନେକ ହୋଇପାରନ୍ତି; କିନ୍ତୁ ବ୍ୟାପକ ବସ୍ତୁ ଏକ ହିଁ ହୋଇଥାଏ । ବ୍ୟାପକ ସେହି ବସ୍ତୁ ଅଟେ, ଯାହା କି ବ୍ୟାପ୍ୟ ଠାରୁ ସୂକ୍ଷ୍ମ ହୋଇଥିବ । ଏହିପରି ଭାବେ ଯାହା ସୂକ୍ଷ୍ମତମ ବସ୍ତୁ ହୋଇଥିବ, ତାହା ସବୁଥିରେ ବ୍ୟାପକ ହେବ । ଯଦି ଦୁଇଟି ବସ୍ତୁ ରହିଛି ତେବେ ସେମାନଙ୍କ ମଧ୍ୟରେ ସୂକ୍ଷ୍ମତାର ମାତ୍ରା ସମାନ ହୋଇ ନ ପାରେ । ସମାନ ସୂକ୍ଷ୍ମତା ବିଶିଷ୍ଟ ଏକାଧିକ ବସ୍ତୁ ଏକା ସମୟରେ ଏକା ସ୍ଥାନରେ ରହିବା ଅସମ୍ଭବ ଏବଂ ଯଦି ଏକାଧିକ ତଥା ଭିନ୍ନ-ଭିନ୍ନ ସୂକ୍ଷ୍ମତା ବିଶିଷ୍ଟ ବସ୍ତୁ ରହନ୍ତି ତେବେ ଯେ ଅଧିକ ସୂକ୍ଷ୍ମ ହେବ ସେ କମ୍ ସୂକ୍ଷ୍ମ ବସ୍ତୁରେ ବ୍ୟାପକ ହୋଇଯିବ । ଏହିପରି ଭାବେ ଶେଷରେ ସୂକ୍ଷ୍ମତମ ବସ୍ତୁ ଏକ ହିଁ ରହିବ ଏବଂ ତାହା ସବୁ ପଦାର୍ଥରେ ବ୍ୟାପକ ହେବ । ଅତଃ ବ୍ୟାପକତା ପାଇଁ ମଧ୍ୟ ଏକତ୍ୱ ଆବଶ୍ୟକ । ଏଣୁ ବେଦମନ୍ତ୍ରରେ 'ଈଶ' ଶବ୍ଦ ଏକବଚନ ରହିଛି । ତାତ୍ପର୍ଯ୍ୟ ଏହା ଯେ ଏହି ପରିବର୍ତ୍ତନଶୀଳ ଜଗତର ପ୍ରତ୍ୟେକ ଗତିରେ ଏକ ମହତୀ

ଶକ୍ତି ବ୍ୟାପକ ରୂପେ ରହିଛି । ସେହି ଶକ୍ତି ଏକ ହିଁ ଅଟେ । ଏଣୁ 'ଈଶା' ତୃତୀୟା ବିଭକ୍ତି ଏକ ବଚନ ରହିଛି ।

## ସେ ପ୍ରଭୁ ଏକ ଅଟନ୍ତି, ଏକ ଅଟନ୍ତି, ଏକ ହିଁ ଅଟନ୍ତି

ବେଦରେ ଈଶ୍ୱରଙ୍କ ଏକତ୍ୱକୁ ପ୍ରତିପାଦନ କରିବା ନିମନ୍ତେ କେବଳ ଏହି ଗୋଟିଏ ହିଁ ଶବ୍ଦ ନାହିଁ । ଆମେ ଏଠାରେ କେତେକ ମନ୍ତ୍ର ଉଲ୍ଲେଖ କରୁଛୁ ଯେଉଁଥିରେ କୁହାଯାଇଛି ଯେ ଈଶ୍ୱର ଏକ ହିଁ ଅଟନ୍ତି —

**ଅହଂ ଭୁବଂ ବସୁନଃ ପୂର୍ବ୍ୟସ୍ପତିରହଂ ଧନାନି ସଂ ଜୟାମି ଶାଶ୍ୱତଃ । ମାଂ ହବନ୍ତେ ପିତରଂ ନ ଜନ୍ତବୋଽହଂ ଦାଶୁଷେ ବି ଭଜାମି ଭୋଜନମ୍ ॥**

(ଋକ୍. ୧୦:୪୮:୧)

ମୁଁ ସମସ୍ତ ପଦାର୍ଥର ସର୍ବପ୍ରଥମ ସ୍ୱାମୀ ଅଟେ । ମୁଁ ଚିରସ୍ଥାୟୀ ଧନକୁ ପ୍ରାପ୍ତ କରାଏ । ମୋତେ ପ୍ରାଣୀଗଣ ପିତାତୁଲ୍ୟ ମାନିଥାନ୍ତି । ମୁଁ ଉପାସକଙ୍କୁ ଭୋଜନ ଦିଏ ।

ଏହି ମନ୍ତ୍ରରେ 'ଅହଂ' ଏକ ବଚନ ଅଟେ । ଈଶ୍ୱର କହନ୍ତି ଯେ ମୁଁ ସମସ୍ତ ଜୀବମାନଙ୍କ ପିତା ତୁଲ୍ୟ ।

**ଅହମିନ୍ଦ୍ରୋ ନ ପରା ଜିଗ୍ୟ ଇଦ୍ଧନଂ ନ ମୃତ୍ୟବେଽବ ତସ୍ଥେ କଦା ଚନ । ସୋମମିନ୍ମା ସୁନ୍ୱନ୍ତୋ ଯାଚତା ବସୁ ନ ମେ ପୂରବଃ ସଖ୍ୟେ ରିଷାଥନ ॥** (ଋକ୍. ୧୦:୪୮:୫)

ମୁଁ ଶକ୍ତିଶାଳୀ ଅଟେ । ମୋର ଧନକୁ କେହି ମୋଠାରୁ ଜିତିପାରିବନି । ମୋତେ କେବେ ମୃତ୍ୟୁ ଗ୍ରାସ କରେ ନାହିଁ । ଉପାସକମାନେ ମୋତେ ହିଁ ଧନର ଯାଚନା କରନ୍ତି । ମୋତେ ପ୍ରେମ କରୁଥିବା ବ୍ୟକ୍ତି କେବେ କ୍ଷତିର ସମ୍ମୁଖୀନ ହୁଅନ୍ତି ନାହିଁ ।

**ଏକ ଏବାଗ୍ନିର୍ବହୁଧା ସମିଦ୍ଧ ଏକଃ ସୂର୍ଯ୍ୟୋ ବିଶ୍ୱମନୁ ପ୍ରଭୂତଃ । ଏକୈବୋଷା ସର୍ବମିଦଂ ବି ଭାତ୍ୟେକଂ ବା ଇଦଂ ବି ବଭୂବ ସର୍ବମ୍ ॥**

(ଋକ୍. ୮:୫୮:୨)

ଏହି ବେଦମନ୍ତ୍ରରେ ଈଶ୍ୱରଙ୍କ ଏକତ୍ୱକୁ ତିନୋଟି ଉଦାହରଣ ଦେଇ ସ୍ପଷ୍ଟ କରାଯାଇଛି । ପ୍ରଥମ ଉଦାହରଣ ଅଗ୍ନିର । ଅଗ୍ନି ଯଦ୍ୟପି ଏକ, ତଥାପି ଅନେକ ବସ୍ତୁ ମାଧ୍ୟମରେ ପ୍ରକାଶିତ ହୁଏ । ଦ୍ୱିତୀୟ ଉଦାହରଣ ସୂର୍ଯ୍ୟର । ସୂର୍ଯ୍ୟ ଏକ, କିନ୍ତୁ ସମସ୍ତ ବିଶ୍ୱରେ ପ୍ରକାଶିତ ହୁଏ । ଏହିପରି ଭାବେ ତୃତୀୟ ପଦାର୍ଥ ଉଷାଦି ବି ଏକ । ଯେପରି ସମସ୍ତ ଭୌତିକ ପଦାର୍ଥ ଏକ ହୋଇ ସୁଦ୍ଧା ଅନେକ ପ୍ରକାରରେ ପ୍ରକାଶିତ ହୋଇଥାନ୍ତି, ସେହିପରି ବ୍ରହ୍ମ ଏକ ଅଟନ୍ତି; କିନ୍ତୁ ସୃଷ୍ଟିରେ ଭିନ୍ନ-ଭିନ୍ନ ପ୍ରକାର କାର୍ଯ୍ୟ କରିଥାନ୍ତି ।

**ହିରଣ୍ୟଗର୍ଭଃ ସମବର୍ତ୍ତତାଗ୍ରେ ଭୂତସ୍ୟ ଜାତଃ ପତିରେକ ଆସୀତ୍ । ସ ଦାଧାର ପୃଥିବୀଂ ଦ୍ୟାମୁତେମାଂ କସ୍ମୈ ଦେବାୟ ହବିଷା ବିଧେମ ॥**

(ଋକ୍. ୧୦:୧୨୧:୧)

ସୃଷ୍ଟି ପୂର୍ବରୁ ଏକ ପ୍ରକାଶ ପୁଞ୍ଜ ବିଦ୍ୟମାନ ଥିଲେ । ସେ ହିଁ ସବୁର ଏକମାତ୍ର ସ୍ୱାମୀ ଥିଲେ । ସେ ପୃଥିବୀ ଏବଂ ଆକାଶର ଧାରକ ଥିଲେ । ସେହି ଈଶ୍ୱରଙ୍କୁ ଆମେ ହୃଦୟର ସହ ଭକ୍ତି କରୁ ।

**ୟଃ ପ୍ରାଣତୋ ନିମିଷତୋ ମହିତ୍ୱୈକ ଇଦ୍ରାଜା ଜଗତୋ ବଭୂବ । ୟ ଈଶେ ଅସ୍ୟ ଦ୍ୱିପଦଶ୍ଚତୁଷ୍ପଦଃ କସ୍ମୈ ଦେବାୟ ହବିଷା ବିଧେମ ॥**

(ଋକ୍. ୧୦:୧୨୧:୩)

ଯିଏ ଚରାଚର ଜଗତର ଏକମାତ୍ର ମହାନ୍ ସ୍ୱାମୀ ଅଟନ୍ତି, ଯିଏ ଦ୍ୱିପଦ ଓ ଚତୁଷ୍ପଦ ପ୍ରାଣୀଙ୍କୁ ନିର୍ମାଣ କରିଛନ୍ତି, ସେହି ପରମେଶ୍ୱରଙ୍କୁ ଆମେ ବିନୟପୂର୍ବକ ଭକ୍ତି କରୁ ।

**ଆପୋ ହ ୟଦ୍ ବୃହତୀର୍ବିଶ୍ୱମାୟନ୍ଗର୍ଭଂ ଦଧାନା ଜନୟନ୍ତୀରଗ୍ନିମ୍ । ତତୋ ଦେବାନାଂ ସମବର୍ତତାସୁରେକଃ କସ୍ମୈ ଦେବାୟ ହବିଷା ବିଧେମ ॥** (ଋକ୍. ୧୦:୧୨୧:୭)

ବିସ୍ତୀର୍ଣ୍ଣ ଜଳରାଶି ଯେତେବେଳେ ବିଶ୍ୱରୂପୀ ଗର୍ଭକୁ ଧାରଣ କଲା ଯେଉଁଥିରେ ଅଗ୍ନି ଉତ୍ପନ୍ନ ହେଲା, ସେହି ସମୟରେ ସମସ୍ତ ଦେବତାଙ୍କର ପ୍ରାଣ ରୂପୀ ଏକ ଈଶ୍ୱର ଥିଲେ । ଆମେ ସେହି ଈଶ୍ୱରଙ୍କୁ ଶ୍ରଦ୍ଧାର ସହ ଭକ୍ତି କରୁ ।

**ଯଶ୍ଚିଦାପୋ ମହିନା ପର୍ଯ୍ୟପଶ୍ୟଦ୍ଦକ୍ଷଂ ଦଧାନା ଜନୟନ୍ତୀର୍ଯଜ୍ଞମ୍ । ଯୋ ଦେବେଷ୍ୱଧି ଦେବ ଏକ ଆସୀତ୍ କସ୍ମୈ ଦେବାୟ ହବିଷା ବିଧେମ ॥**

(ଋକ୍. ୧୦:୧୨୧:୮)

ଯିଏ ଜଳକୁ ନିଜର ବିଶାଳ ଶକ୍ତିରେ ଦେଖିଲେ ଏବଂ ସେହି ଶକ୍ତି ଧାରଣ କଲେ ଯେଉଁଥିରୁ କି ଯଜ୍ଞ ଉତ୍ପନ୍ନ ହେଲା, ଯିଏ ଦେବତାଙ୍କର ଅଧ୍ୟକ୍ଷ ଏକ ଦେବତା ଥିଲେ । ସେହି ଈଶ୍ୱରଙ୍କୁ ଆମେ ଶ୍ରଦ୍ଧା ସହ ଭକ୍ତି କରୁ ।

**ପ୍ରଜାପତେ ନ ତ୍ୱଦେତାନ୍ୟନ୍ୟୋ ବିଶ୍ୱା ଜାତାନି ପରି ତା ବଭୂବ । ଯତ୍କାମାସ୍ତେ ଜୁହୁମସ୍ତନ୍ନୋ ଅସ୍ତୁ ବୟଂ ସ୍ୟାମ ପତୟୋ ରୟୀଣାମ୍ ॥** (ଋକ୍. ୧୦:୧୨୧:୧୦)

ହେ ପ୍ରଜାମାନଙ୍କ ସ୍ୱାମିନ୍ ! ତୁମ ବ୍ୟତୀତ ଅନ୍ୟ କେହି ଏ ସମସ୍ତ ଉତ୍ପନ୍ନ ହୋଇଥିବା ପଦାର୍ଥର ଜ୍ଞାତା ନାହାନ୍ତି । ଆମର ଯାହା କିଛି କାମନା ରହିଛି ତାହା ଆମକୁ ପ୍ରାପ୍ତ ହେଉ । ଆମେ ଧନପତି ହେଉ ।

**ଇନ୍ଦ୍ରଂ ମିତ୍ରଂ ବରୁଣମଗ୍ନିମାହୁରଥୋ ଦିବ୍ୟଃ ସ ସୁପର୍ଣ୍ଣୋ ଗରୁତ୍ମାନ୍ । ଏକଂ ସଦ୍ୱିପ୍ରା ବହୁଧା ବଦନ୍ତ୍ୟଗ୍ନିଂ ଯମଂ ମାତରିଶ୍ୱାନମାହୁଃ ॥**

(ଋକ୍. ୧:୧୬୪:୪୬)

ବ୍ରହ୍ମ ଏକ ଅଟନ୍ତି, କିନ୍ତୁ ତାଙ୍କର ଅନେକ ଗୁଣ କାରଣରୁ ବିଦ୍ୱାନ୍‌ଗଣ ତାଙ୍କୁ ଭିନ୍ନ-ଭିନ୍ନ ନାମରେ ସମ୍ବୋଧନ କରନ୍ତି ଅର୍ଥାତ୍ ଇନ୍ଦ୍ର, ମିତ୍ର, ବରୁଣ, ଅଗ୍ନି, ଦିବ୍ୟ, ସୁପର୍ଣ୍ଣ, ଗରୁତ୍ମାନ୍, ଯମ, ମାତରିଶ୍ୱା ଇତ୍ୟାଦି ।

ଯେଉଁମାନେ ମନେକରନ୍ତି ଯେ ବେଦରେ ଏକ ଈଶ୍ୱରଙ୍କ ପୂଜା ନାହିଁ, ବରଂ ଅଗ୍ନି, ମିତ୍ର ଆଦି ଦେବତାମାନଙ୍କର ପୂଜା ରହିଛି, ସେମାନେ ଏହି ମନ୍ତ୍ରର ଶବ୍ଦଗୁଡ଼ିକ ଉପରେ ବିଚାର କରିବା ଆବଶ୍ୟକ । ଏଥିରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଈଶ୍ୱର ଏକ ଅଟନ୍ତି । କେବଳ **'ବିପ୍ରାଃ ବହୁଧା ବଦନ୍ତି'** ଅର୍ଥାତ୍ ବିଦ୍ୱାନ୍‌ମାନେ ତାଙ୍କୁ ଭିନ୍ନ-ଭିନ୍ନ ନାମ ଦିଅନ୍ତି । ଏଥିରେ ଈଶ୍ୱରଙ୍କ ଅନେକ ନାମ ଥିବା କଥା କୁହାଯାଇଛି, ଅନେକ ଈଶ୍ୱର ଥିବା କଥା କୁହାଯାଇନାହିଁ; ଏବଂ ଅନେକ ଗୁଣ କାରଣରୁ ନାମ ତ ଭିନ୍ନ-ଭିନ୍ନ ହେବା ହିଁ ଉଚିତ । ଯଦି ଅନେକ ନାମ କାରଣରୁ ଅନେକ ଈଶ୍ୱର ଅଛନ୍ତି ବୋଲି ବୁଝାଯାଏ, ତେବେ କୌଣସି ଧର୍ମ ବି ଏକେଶ୍ୱରବାଦୀ ହୋଇପାରିବେ ନାହିଁ, କାରଣ କେବଳ ଭିନ୍ନ-ଭିନ୍ନ ଭାଷାରେ ହିଁ ଈଶ୍ୱରଙ୍କର ଭିନ୍ନ-ଭିନ୍ନ ନାମ ହୋଇ ନ ଥାଏ, ବରଂ ଗୋଟିଏ ଭାଷାରେ ବି ଈଶ୍ୱରଙ୍କୁ ଅନେକ ନାମରେ ସମ୍ବୋଧନ କରାଯାଇଛି । ଏହା ସ୍ୱାଭାବିକ । କାରଣ ମନୁଷ୍ୟର ଭାବ ଈଶ୍ୱରଙ୍କ ପ୍ରତି ଭିନ୍ନ-ଭିନ୍ନ ଅବସ୍ଥାରେ ଭିନ୍ନ-ଭିନ୍ନ ହୋଇଥାଏ ଏବଂ ସେ ତତ୍-ତତ୍ ଭାବ ଅନୁସାରେ ଈଶ୍ୱରଙ୍କୁ ସମ୍ବୋଧନ କରିଥାଏ । ଯଥା — ଜଣେ ରୋଗୀ ଈଶ୍ୱରଙ୍କୁ ଚିକିତ୍ସକ ରୂପେ ଦେଖିଥାଏ ଓ ଜଣେ ଗରୀବ ଧନଦାତା ରୂପରେ ଦେଖେ ।

**କେନେୟଂ ଭୂମିର୍ବିହିତା କେନ ଦ୍ୟୌରୁତ୍ତରା ହିତା । କେନେଦମୂର୍ଦ୍ଧ୍ୱଂ ତିର୍ଯ୍ୟକ୍‌ଚାନ୍ତରିକ୍ଷଂ ବ୍ୟଚୋ ହିତମ୍ ॥**

**ବ୍ରହ୍ମଣା ଭୂମିର୍ବିହିତା ବ୍ରହ୍ମ ଦ୍ୟୌରୁତ୍ତରା ହିତା । ବ୍ରହ୍ମେଦମୂର୍ଦ୍ଧ୍ୱଂ ତିର୍ଯ୍ୟକ୍‌ଚାନ୍ତରିକ୍ଷଂ ବ୍ୟଚୋ ହିତମ ॥** (ଅଥର୍ବ. ୧୦:୨:୨୪,୨୫)

ପ୍ରଥମ ମନ୍ତ୍ରରେ ପ୍ରଶ୍ନ ରହିଛି ଏବଂ ଦ୍ୱିତୀୟ ମନ୍ତ୍ରରେ ତା'ର ଉତ୍ତର । ଏହି ଭୂମିକୁ କିଏ ଧାରଣ କରିଛନ୍ତି ଏବଂ ସେହି ଦ୍ୟୌକୁ କିଏ ? କିଏ ଏହି ତିର୍ଯ୍ୟକ୍, ବ୍ୟାପକ ଅନ୍ତରିକ୍ଷକୁ ଧାରଣ କରିଛନ୍ତି ? ଏସବୁକୁ ବ୍ରହ୍ମ ହିଁ ଧାରଣ କରିଛନ୍ତି ।

**କୀର୍ତିଶ୍ଚ ଯଶଶ୍ଚାମ୍ଭଶ୍ଚ ନଭଶ୍ଚ ବ୍ରାହ୍ମଣବର୍ଚସଂ ଚାନ୍ନଂ ଚାନ୍ନାଦ୍ୟଂ ଚ ॥ ୟ ଏତଂ ଦେବମେକବୃତଂ ବେଦ ॥** (ଅଥର୍ବ. ୧୩:୪:୧୪,୧୫)

ସେହି ପୁରୁଷକୁ କୀର୍ତ୍ତି, ଯଶ, ବିସ୍ତାର, ବ୍ରହ୍ମବର୍ଚ୍ଚସ୍, ଅନ୍ନ ତଥା ଅନ୍ନ ଭକ୍ଷଣ କରିବାର ଶକ୍ତି ପ୍ରାପ୍ତ ହୋଇଥାଏ, ଯିଏ ସେହି ଈଶ୍ୱରଙ୍କୁ ଏକ ତଥା ଏକରସ ବୋଲି ମାନିଥାଏ ।

**ସ ଏଷ ଏକ ଏକବୃଦେକ ଏବ ।**

(ଅଥର୍ବ. ୧୩:୪:୨୦)

ସେ ଏକ ହିଁ ଅଟନ୍ତି । ଏକରସ ହିଁ ଅଟନ୍ତି ।

ଏପରି ସ୍ପଷ୍ଟ ଉଲ୍ଲେଖ ଥିବା ମନ୍ତ୍ରକୁ ପଢ଼ି ମଧ୍ୟ ଯିଏ କହେ ଯେ ବେଦରେ ଏକ ଈଶ୍ୱରଙ୍କର ପ୍ରତିପାଦନ ନାହିଁ ଅଥବା ଈଶ୍ୱରଙ୍କ ଏକତ୍ୱର ବିଚାର ନବୀନ, ସିଏ ନିଜ ପ୍ରତି ନ୍ୟାୟ କରେ ନାହିଁ କି ସଂସାର ପ୍ରତି ମଧ୍ୟ ନୁହେଁ ।

ସାମର୍ଥ୍ୟବାନ୍ ତଥା ବ୍ୟାପକ ଈଶ୍ୱରଙ୍କ ପାଇଁ, ଯିଏକି ଏକ ଏବଂ ଅଦ୍ୱିତୀୟ ଅଟନ୍ତି, ଆଉ କ'ଣ ଗୁଣ ଆବଶ୍ୟକ ? ଯଜୁର୍ବେଦର ଚାଳିଶ(୪୦) ଅଧ୍ୟାୟରେ ଏହିପରି ବର୍ଣ୍ଣନା କରାଯାଇଛି —

**ସ ପର୍ୟ୍ୟଗାଚ୍ଛୁକ୍ରମକାୟମବ୍ରଣମସ୍ନାବିରଂ ଶୁଦ୍ଧମପାପବିଦ୍ଧମ୍ । କବିର୍ମନୀଷୀ ପରିଭୂଃସ୍ୱୟଂଭୂ-ର୍ୟାଥାତଥ୍ୟତୋଽର୍ଥାନ୍ବ୍ୟଦଧାଚ୍ଛାଶ୍ୱତୀଭ୍ୟଃ ସମାଭ୍ୟଃ ॥**

(ଯଜୁଃ. ୪୦:୮)

ସେ ଈଶ୍ୱର କିପରି ଅଟନ୍ତି **— ୧. ପର୍ୟ୍ୟଗାତ୍** - ବ୍ୟାପକ, ୨. **ଶୁକ୍ରମ୍** - ସମସ୍ତଙ୍କ କଲ୍ୟାଣକାରୀ, ୩. **ଅକାୟମ୍** - ଶରୀର-ରହିତ, ୪. **ଅବ୍ରଣମ୍** - ପୂର୍ଣ୍ଣ ଅର୍ଥାତ୍ ତ୍ରୁଟି ରହିତ, ୫. **ଅସ୍ନାବିରମ୍** - ବିଭାଗ ରହିତ ଅର୍ଥାତ୍ ଅଖଣ୍ଡ, ୬. **ଶୁଦ୍ଧ** - ପବିତ୍ର, ୭. **ଅପାପବିଦ୍ଧମ୍** - ପାପରହିତ, ୮. **କବିଃ** - ଜ୍ଞାନବାନ୍, ୯. **ମନୀଷୀ** - ବୁଦ୍ଧିମାନ୍, ୧୦. **ପରିଭୂଃ** - ସମସ୍ତଙ୍କ ଅଧ୍ୟକ୍ଷ, ୧୧. **ସ୍ୱୟଂଭୂଃ** - ନିଜେ ନିଜର ଶକ୍ତି ଦ୍ୱାରା ପ୍ରକାଶିତ ହୁଅନ୍ତି ଏବଂ ନିଜର ଅସ୍ତିତ୍ୱ ପାଇଁ ଅନ୍ୟ କୌଣସି ସତ୍ତାର ଆଶ୍ରୟ ଚାହାନ୍ତି ନାହିଁ । ଈଶ୍ୱର ଏପରି ଅଟନ୍ତି । ଏହି ଈଶ୍ୱର ନିଜର ଶାଶ୍ୱତ ପ୍ରଜା ଅର୍ଥାତ୍ ଜୀବ ମାନଙ୍କୁ ସେମାନଙ୍କ ଯୋଗ୍ୟତା ତଥା ଅଧିକାର ଅନୁସାରେ ଫଳ ଅର୍ଥାତ୍ ଭୋଗ୍ୟ ପଦାର୍ଥ ପ୍ରଦାନ କରନ୍ତି ଅର୍ଥାତ୍ ଈଶ୍ୱର ଦୟାଳୁ ଓ ନ୍ୟାୟକାରୀ ଉଭୟ ଅଟନ୍ତି ।

## ଦୟାଳୁ ପ୍ରଭୁ

ବେଦରେ ଈଶ୍ୱରଙ୍କ ଦୟାଳୁତା ବିଷୟରେ ପ୍ରତି ପଦେ-ପଦେ ହୋଇଥିବା ବର୍ଣ୍ଣନାକୁ ପଢ଼ନ୍ତୁ —

**ଅହଂ ଭୁବଂ ବସୁନଃ ପୂର୍ବ୍ୟସ୍ପତିରହଂ ଧନାନି ସଂ ଜୟାମି ଶାଶ୍ୱତଃ । ମାଂ ହବନ୍ତେ ପିତରଂ ନ ଜନ୍ତବୋଽହଂ ଦାଶୁଷେ ବିଭଜାମି ଭୋଜନମ୍ ॥**

(ଋକ୍. ୧୦:୪୮:୧)

ଈଶ୍ୱର କହନ୍ତି ଯେ ମୁଁ ସମସ୍ତ ସୁଖପ୍ରଦ ପଦାର୍ଥର ଚିରନ୍ତନ ସ୍ୱାମୀ । ସମସ୍ତ ଧନ ମୋର ଅଧୀନରେ ରହିଛି । ପ୍ରାଣୀଗଣ ମୋତେ ଏପରି ପ୍ରାପ୍ତ କରିଥାନ୍ତି ଯେପରିକି ପିତାଙ୍କୁ ପୁତ୍ର । ମୁଁ ଭକ୍ତମାନଙ୍କୁ ଭୋଜନ ଦେଇଥାଏ ।

**ୟୋ ଅଦଧାଜ୍ ଜ୍ୟୋତିଷି ଜ୍ୟୋତିରନ୍ତର୍ୟୋ ଅସୃଜନ୍ମଧୁନା ସଂ ମଧୂନି । ଅଧ ପ୍ରିୟଂ ଶୂଷମିନ୍ଦ୍ରାୟ ମନ୍ମ ବ୍ରହ୍ମକୃତୋ ବୃହଦୁକ୍ଥାଦବାଚି ॥**

(ଋକ୍. ୧୦:୫୪:୬)

ସିଏ ଈଶ୍ୱର ଅଟନ୍ତି, ଯିଏ ପ୍ରକାଶମାନ୍ ପଦାର୍ଥଗୁଡ଼ିକରେ ନିଜର ପ୍ରକାଶକୁ ରଖିଛନ୍ତି, ଯିଏ ମଧୁର ଅର୍ଥାତ୍ ଆନନ୍ଦଦାୟକ ବସ୍ତୁଗୁଡ଼ିକୁ ସୃଷ୍ଟି କରିଛନ୍ତି । ସେହି ଈଶ୍ୱର ସମସ୍ତଙ୍କ ପ୍ରିୟ ଅଟନ୍ତି । ବ୍ରହ୍ମଙ୍କର ପ୍ରିୟ ଭକ୍ତଗଣ ଏପରି ଈଶ୍ୱରଙ୍କର ହିଁ ଭକ୍ତି ଭାବରେ ପ୍ରଶଂସା ବା ଗୁଣ ଗାନ କରନ୍ତି ।

**ନମଃ ଶମ୍ଭବାୟ ଚ ମୟୋଭବାୟ ଚ ନମଃ ଶଙ୍କରାୟ ଚ ମୟସ୍କରାୟ ଚ ନମଃ ଶିବାୟ ଚ ଶିବତରାୟ ଚ ॥** (ଯଜୁଃ. ୧୬:୪୧)

ସେହି ଈଶ୍ୱରଙ୍କୁ ନମସ୍କାର ଯିଏ — ୧. **ଶମ୍ଭବ** - କଲ୍ୟାଣକାରୀ, ୨. **ମୟୋଭବ** - ସୁଖକାରକ, ୩. **ଶଙ୍କର** - ଶାନ୍ତିପ୍ରଦାତା, ୪. **ମୟସ୍କର** - ମୋକ୍ଷଦାତା, ୫. **ଶିବ** - ସୁଖସ୍ୱରୂପ, ୬. **ଶିବତର** - ଅତ୍ୟନ୍ତ ସୁଖସ୍ୱରୂପ ଅଟନ୍ତି । ଯେଉଁ ଲୋକ କହନ୍ତି ଯେ ପ୍ରାଚୀନ କାଳରେ ଲୋକମାନେ ଈଶ୍ୱରଙ୍କୁ ଭୟଙ୍କର ବୋଲି ଭାବୁଥିଲେ ଅର୍ଥାତ୍ ସେମାନେ ତାଙ୍କୁ ଡରୁଥିଲେ, ପ୍ରେମ-ପ୍ରୀତି କରୁନଥିଲେ, ସେମାନେ ଉପରୋକ୍ତ ମନ୍ତ୍ରଗୁଡ଼ିକ ଉପରେ ବିଚାର କରନ୍ତୁ । ଈଶ୍ୱରଙ୍କୁ ଆନନ୍ଦସ୍ୱରୂପ ଏବଂ ପ୍ରିୟ ଠାରୁ ବି ପ୍ରିୟ ବୋଲି କୁହାଯାଇଛି । ଅନ୍ୟ ଏକ ମନ୍ତ୍ର ଦେଖନ୍ତୁ —

**ସ ନଃ ପିତେବ ସୂନବେଽଗ୍ନେ ସୂପାୟନୋ ଭବ । ସଚସ୍ୱା ନଃ ସ୍ୱସ୍ତୟେ ॥** (ଋକ୍. ୧:୧:୯)

ସେ ଈଶ୍ୱର ସେହିପରି ଆମ ସମସ୍ତଙ୍କୁ ସହଜରେ ପ୍ରାପ୍ତ ହୁଅନ୍ତି ଯେପରିକି ପୁତ୍ରକୁ ପିତା । ସେ ଆମର ସର୍ବଦା କଲ୍ୟାଣ କରିଥାନ୍ତି ।

ଆମେ ଏଠାରେ ସ୍ଥାନାଭାବରୁ ଅଧିକ ମନ୍ତ୍ର ଦେଉ ନାହୁଁ । ବେଦରେ ଈଶ୍ୱରଙ୍କ ଗୁଣର ପ୍ରତିପାଦନ କରିବା ପାଇଁ ଅନେକ ମନ୍ତ୍ର ରହିଛି ଯେଉଁଥିରୁ ଏହା ସ୍ପଷ୍ଟ ହୋଇଯାଏ ଯେ ଆଧୁନିକ ସମ୍ପ୍ରଦାୟଗୁଡ଼ିକରେ ଈଶ୍ୱରଙ୍କ ପ୍ରତି ଯେଉଁ ଭାବ ପ୍ରକଟ କରାଯାଇଛି, ସେଥିରେ ଏପରି କୌଣସି ଯଥାର୍ଥ ଏବଂ ଉଚିତ ଭାବ ନାହିଁ ଯାହା ବୈଦିକ କାଳରେ ନ ଥିଲା । ଏହା କହିବା ଏକ ପ୍ରକାର ଉଚିତ ହେବ ଯେ ବୈଦିକ କାଳ ପରେ ସଂସାରରେ ଲୋକମାନେ ନିଜର ଈଶ୍ୱର ସମ୍ବନ୍ଧୀୟ ବିଚାରରେ କୌଣସି ଉନ୍ନତି କରିନାହାନ୍ତି । ହଁ, ବେଦର ପ୍ରଚାର କମ୍ ହେବା କାରଣରୁ ଲୋକେ ଅବଶ୍ୟ ଅନେକ କଥା ଭୁଲିଗଲେ । କେତେକ ସ୍ଥାନରେ ତ ଈଶ୍ୱରଙ୍କ କଳ୍ପିତ ବୀଭତ୍ସ ରୂପକୁ ପୂଜା କରିବାରେ ଲାଗିଲେ । ବାଇବେଲ, କୋରାନ୍ ତଥା ଅନ୍ୟ ସାମ୍ପ୍ରଦାୟିକ ଗ୍ରନ୍ଥମାନଙ୍କରେ ଈଶ୍ୱରଙ୍କ ବିଷୟରେ ଯାହା କିଛି କୁହାଯାଇଛି ସେଗୁଡ଼ିକ କେତେକାଂଶରେ ଯଥାର୍ଥ ହେବା ସତ୍ତ୍ୱେ ଅନିଶ୍ଚିତ ଓ ଅସମ୍ପୂର୍ଣ୍ଣ ଏବଂ ଅନେକାଂଶରେ ଅଯଥାର୍ଥ ମଧ୍ୟ । କିନ୍ତୁ ଯଦି ବି ସ୍ୱୀକାର କରିନିଆଯାଏ ଯେ ଏ ପୁସ୍ତକଗୁଡ଼ିକରେ ଈଶ୍ୱରଙ୍କ ସ୍ୱରୂପର ଯଥାର୍ଥ ନିରୂପଣ କରାଯାଇଛି, ତେବେ ବି କହିବାକୁ ହେବ ଯେ ଏଥିରେ କୌଣସି ବିଶେଷତା ବା ନବୀନତା ନାହିଁ, କାରଣ ତାହାର ଯଥେଷ୍ଟ ପୂର୍ବରୁ ଏ ସମସ୍ତ ବିଚାର ବେଦ ତଥା ବୈଦିକ ସାହିତ୍ୟରେ ଅଧିକ ପ୍ରାଞ୍ଜଳ ଭାବେ ଉଲ୍ଲେଖ ହୋଇରହିଛି । ସାରାଂଶରେ କହିଲେ ବେଦରେ ଈଶ୍ୱରଙ୍କ ସ୍ୱରୂପ ନିମ୍ନ ରୂପେ ଉଲ୍ଲେଖ ରହିଛି —

୧. ଈଶ୍ୱର ଏକ ସୂକ୍ଷ୍ମଶକ୍ତି, ଯିଏକି ପ୍ରତି ଅଣୁ-ପରମାଣୁରେ ବ୍ୟାପକ ।

୨. ଏହି ଶକ୍ତି ଜ୍ଞାନଯୁକ୍ତ ତଥା ଦୟାପୂର୍ଣ୍ଣ ।

୩. ଏହି ଶକ୍ତି ଅଖଣ୍ଡ ତଥା ଏକରସ ଅଟନ୍ତି । ସେଥିରେ କୌଣସି ପ୍ରକାର ବି ପରିବର୍ତ୍ତନ ହୁଏ ନାହିଁ ।

୪. ଏହି ଶକ୍ତି ଆନନ୍ଦସ୍ୱରୂପ ଅଟନ୍ତି ଏବଂ ତାହାଙ୍କର ପ୍ରାପ୍ତି ଦ୍ୱାରା ହିଁ ଜୀବନରେ ପ୍ରକୃତ ଆନନ୍ଦ ପ୍ରାପ୍ତି ହୋଇପାରେ ।

ଭାଷାନ୍ତର
**ପଦ୍ମନାଭ ସ୍ୱାଇଁ**

❖❖❖

**ସତ୍ୟାର୍ଥ ପ୍ରକାଶ:**

# ଅଥୈକାଦଶସମୁଲ୍ଲାସାରମ୍ଭଃ

## ଅଥାଽଽର୍ୟ୍ୟାବର୍ତ୍ତୀୟମତଖଣ୍ଡନମଣ୍ଡନେ ବିଧାସ୍ୟାମଃ

**ପୂର୍ବାନୁକ୍ରମିକ...** **ମହର୍ଷି ଦୟାନନ୍ଦ ସରସ୍ୱତୀ**

### ବୈଷ୍ଣବମତ ସମୀକ୍ଷା

**ପ୍ରଶ୍ନ —** ଆଚ୍ଛା ! ବାମମାର୍ଗୀ ଓ ଶୈବମାନେ ତ ଭଲ ନୁହନ୍ତି । କିନ୍ତୁ **ବୈଷ୍ଣବ**ମାନେ ତ ଭଲ ।

**ଉତ୍ତର —** ଏମାନେ ମଧ୍ୟ ବେଦବିରୋଧୀ ହୋଇଥିବାରୁ ସେମାନଙ୍କଠାରୁ ଅଧିକ ଖରାପ ଅଟନ୍ତି ।

**ପ୍ରଶ୍ନ — 'ନମସ୍ତେ ରୁଦ୍ର ମନ୍ୟବେ'** (ଯଜୁଃ. ୧୬:୧), **'ଶିବାୟ ଚ ଶିବତରାୟ ଚ'** (ଯଜୁଃ. ୧୬:୪୧), **'ବୈଷ୍ଣବମସି'** (ଯଜୁଃ. ୫:୨୧), **'ବାମନାୟ ଚ'** (ଯଜୁଃ. ୧୬:୩୦), **'ଗଣାନାଂ ତ୍ୱା ଗଣପତିଂ ହବାମହେ'** (ଯଜୁଃ. ୨୩:୧୯), **'ଭଗବତୀ ହି ଭୂୟାଃ'** (ଅଥର୍ବ. ୯:୧୦:୨୦), **'ସୂର୍ଯ୍ୟ ଆତ୍ମା ଜଗତସ୍ତସ୍ଥୁଷଶ୍ଚ'** (ଯଜୁଃ. ୧୩:୪୬) ଇତ୍ୟାଦି ବେଦର ପ୍ରମାଣ ଦ୍ୱାରା ଶୈବାଦି ମତ ସିଦ୍ଧ ହୁଏ । ପୁଣି କାହିଁକି ଖଣ୍ଡନ କରୁଛ ?

**ଉତ୍ତର —** ଏସବୁ ବେଦ-ବଚନରୁ ଶୈବାଦି ସମ୍ପ୍ରଦାୟ ସିଦ୍ଧ ହେଉନାହିଁ । କାରଣ **'ରୁଦ୍ର'** ହେଉଛି ପରମେଶ୍ୱର, ପ୍ରାଣାଦି ବାୟୁ, ଜୀବ, ଅଗ୍ନି ଆଦିର ନାମ । ଅତଃ **'ନମସ୍ତେ ରୁଦ୍ର ମନ୍ୟବେ'**ର ଅର୍ଥ ମନ୍ୟୁକର୍ତ୍ତା ରୁଦ୍ର ଅର୍ଥାତ୍ ଦୁଷ୍ଟମାନଙ୍କୁ ଦଣ୍ଡ ଦେଇ ରୋଦନ କରାଉଥିବା ପରମାତ୍ମାଙ୍କୁ ନମସ୍କାର କରିବା । ସେହିପରି ଏହାର ଆଉ ଏକ ଅର୍ଥ ହେଲା ପ୍ରାଣ ଓ ଜଠରାଗ୍ନି ନିମିତ୍ତ ଅନ୍ନ ଦେବା ଉଚିତ, ଯେହେତୁ କି 'ନମ' ଅନ୍ନକୁ ବି କହନ୍ତି — **'ନମ ଇତି ଅନ୍ନନାମ'** (ନିଘଣ୍ଟୁ. ୨:୭) । ଯିଏ ମଙ୍ଗଳକାରୀ, ସକଳ ସଂସାରର ଅତ୍ୟନ୍ତ କଲ୍ୟାଣକାରୀ ସେହି **'ଶିବ'** ପରମାତ୍ମାଙ୍କୁ ନମସ୍କାର କରିବା ଉଚିତ । **'ଶିବସ୍ୟ ପରମେଶ୍ୱରସ୍ୟାୟଂ ଭକ୍ତଃ ଶୈବଃ ।' 'ବିଷ୍ଣୋଃ ପରମାତ୍ମନୋଽୟଂ ଭକ୍ତୋ ବୈଷ୍ଣବଃ ।' 'ଗଣପତେଃ ସକଳଜଗତ୍ସ୍ୱାମିନୋଽୟଂ ସେବକୋ ଗାଣପତଃ ।' 'ଭଗବତ୍ୟା ବାଣ୍ୟା ଅୟଂ ସେବକୋ ଭାଗବତଃ ।' 'ସୂର୍ଯ୍ୟସ୍ୟ ଚରାଚରାତ୍ମନୋଽୟଂ ସେବକଃ ସୌରଃ ।'** ରୁଦ୍ର, ଶିବ, ବିଷ୍ଣୁ, ଗଣପତି, ସୂର୍ଯ୍ୟ - ଏ ସବୁ ହେଉଛି ପରମେଶ୍ୱରଙ୍କ ନାମ ଏବଂ ଭଗବତୀ ହେଲା ସତ୍ୟଭାଷଣଯୁକ୍ତା ବାଣୀର ନାମ । 'ଶିବ' ଅର୍ଥାତ୍ କଲ୍ୟାଣକାରୀ ପରମେଶ୍ୱରଙ୍କ ଭକ୍ତ, ଉପାସକଙ୍କ ନାମ 'ଶୈବ' । 'ବିଷ୍ଣୁ' ଅର୍ଥାତ୍ ବ୍ୟାପକ ସ୍ୱରୂପ ପରମାତ୍ମାଙ୍କ ଭକ୍ତ, ଉପାସକଙ୍କ ନାମ 'ବୈଷ୍ଣବ' । 'ଗଣପତି' ଅର୍ଥାତ୍ ସମସ୍ତ ଚରାଚର ପଦାର୍ଥସମୂହର ସ୍ୱାମୀ ପରମାତ୍ମାଙ୍କ ସେବକ, ଉପାସକଙ୍କ ନାମ 'ଗାଣପତ' । 'ଭଗବତୀ' ଅର୍ଥାତ୍ ସତ୍ୟଭାଷଣଯୁକ୍ତା ବାଣୀ ଅଥବା ବେଦବାଣୀର ସେବକ, ଉପାସକଙ୍କ ନାମ 'ଭାଗବତ' । 'ସୂର୍ଯ୍ୟ' ଅର୍ଥାତ୍ ଚର-ଅଚର ଜଗତର ଉତ୍ପତ୍ତିକର୍ତ୍ତା ପରମାତ୍ମାଙ୍କ ସେବକ, ଉପାସକଙ୍କ ନାମ 'ସୌର' । ବେଦଜ୍ଞାନହୀନ ଲୋକମାନେ ବେଦ-ବଚନର ଯଥାର୍ଥ ଅର୍ଥ ନ ବୁଝି ଭିନ୍ନ-ଭିନ୍ନ ସମ୍ପ୍ରଦାୟ ଗଠନ କରି ଅଯଥା ଝଗଡ଼ାରେ ମାତିଛନ୍ତି ।

ଏହା ବୁଝିବା ପାଇଁ ସୁନ୍ଦର ଦୃଷ୍ଟାନ୍ତଟିଏ ଅଛି । ଜଣେ ବୈରାଗୀ ଥିଲେ । ତାଙ୍କର ଦୁଇ ଜଣ ଚେଲା ଥିଲେ । ସେ ଦୁହେଁ ପ୍ରତିଦିନ ଗୁରୁଙ୍କ ଗୋଡ଼ ଘଷନ୍ତି । ଜଣେ ଡାହାଣ ଗୋଡ଼ ଓ ଅନ୍ୟ ଜଣେ ବାଆଁ ଗୋଡ଼ ଘଷିବାର କାମ ବାଣ୍ଟି

ନେଇଥାନ୍ତି । ଦିନେ ଜଣେ ଚେଲା କାର୍ଯ୍ୟବଶତଃ କୁଆଡ଼େ ଯାଇଥିଲା । ଗୋଡ଼ ଘଷିବା ସମୟ ହୋଇଯିବାରୁ ଅନ୍ୟ ଚେଲା ଜଣକ ନିଜ ଭାଗର ଗୋଡ଼ ଘଷୁଥାଏ । ଏତିକି ବେଳେ ଗୁରୁଦେବ କଡ଼ ଲେଉଟାଇଲେ । ତେଣୁ ସେ ସମୟରେ ସେବା କରୁଥିବା ଚେଲାର ଭାଗର ଗୋଡ଼ ଉପରେ ତା' ଗୁରୁଭାଇର ଭାଗରେ ପଡ଼ିଥିବା ଗୋଡ଼ ପଡ଼ିଗଲା । ତା' ଦେଖି ଏ ଚେଲା ଜଣକ ରାଗିଗଲା । ଠେଙ୍ଗାଟିଏ ଆଣି ଅନ୍ୟ ଚେଲାର ଭାଗରେ ଥିବା ସେ ଗୋଡ଼ ଉପରେ ଧଡ଼ା-ଧଡ଼ ଦି-ଚାରି ପାହାର ବସେଇ ଦେଲା । ଗୁରୁ ଯନ୍ତ୍ରଣାରେ ଚିତ୍କାର କରିଉଠିଲେ । କହିଲେ — 'ଆରେ ଦୁଷ୍ଟ ! ଏ କ'ଣ କଲୁ ?' ଚେଲା ଉତ୍ତର ଦେଲା — 'ମୋର ସେବ୍ୟ ଗୋଡ଼ ଉପରକୁ ଏ ଗୋଡ଼ କାହିଁକି ଆସିଲା ?' କିଛି ସମୟ ପରେ ଅନ୍ୟ ଚେଲାଟି ଆସି ପହଞ୍ଚିଲା । ନିତ୍ୟକର୍ମ ହିସାବରେ ସେ ତା'ର ଭାଗର ଗୋଡ଼କୁ ଘଷିବାକୁ ଗଲା । ଘଷିବା ବେଳକୁ ଦେଖିଲା ଯେ ସେ ଗୋଡ଼ଟି ଫୁଲିଯାଇଛି । ଗୁରୁଙ୍କୁ ପଚାରିଲା — 'ଗୁରୁଦେବ ! ମୋର ଏହି ସେବ୍ୟ ଗୋଡ଼ର ଅବସ୍ଥା ଏମିତି କାହିଁକି ହୋଇଛି ?' ଗୁରୁ ଆମୂଳଚୂଳ ସକଳ ବୃତ୍ତାନ୍ତ ଶୁଣାଇଦେଲେ । ସେ ମୂର୍ଖ ମଧ୍ୟ ଆଉ ଆଗ-ପଛ କିଛି ବିଚାର କଲାନି । ଚୁପ୍‌ଚାପ୍ ଉଠିଲା ଏବଂ ଠେଙ୍ଗା ଉଠାଇ ପୂରା ଶକ୍ତି ଲଗାଇ ଆର ଗୋଡ଼ ଉପରେ ପାହାର ବସେଇଦେଲା । ଗୁରୁ ଚିତ୍କାର କରି ଉଠିଲେ । ତା' ଦେଖି ପ୍ରଥମ ଚେଲା ବି ଠେଙ୍ଗା ଧରି ହାଜର ହୋଇଗଲା । ତା'ପରେ ଦୁହେଁ ଗୁରୁଙ୍କର ଦୁଇ ଗୋଡ଼କୁ ଅର୍ଥାତ୍ ଜଣେ ଅନ୍ୟ ଜଣର ସେବ୍ୟ ଗୋଡ଼କୁ ନିର୍ଘାତ ପିଟିବାକୁ ଲାଗିଲେ । ଗୁରୁ ବଡ଼ ବିକଳରେ ରଡ଼ି ଛାଡ଼ିବାକୁ ଲାଗିଲେ । ସେ ଆଡ଼କୁ ଏ ଦୁଇ ଜଣଙ୍କର ଆଦୌ ନଜର ନାହିଁ । ବଡ଼ କୋଳାହଳ ହେଲା ଓ କୋଳାହଳ ଶୁଣି ଲୋକେ ରୁଣ୍ଡ ହେଲେ । ବୁଦ୍ଧିମାନ୍ ଲୋକେ ବଡ଼ କଷ୍ଟରେ ଏ ଦୁଇ ମୂର୍ଖ ଚେଲାଙ୍କୁ ଏ କାର୍ଯ୍ୟରୁ ନିବୃତ୍ତ କରି ଉପଦେଶ ଦେଇ କହିଲେ — 'ଆରେ ନିର୍ବୋଧଗଣ ! ଏ ଦୁଇଟି ଯାକ ଗୋଡ଼ ତୁମ ଗୁରୁଙ୍କର । ତେଣୁ ଏ ଦୁଇଟି ଯାକର ସେବା କରିବା ଦ୍ୱାରା ଗୁରୁଙ୍କୁ ହିଁ ସୁଖ ମିଳେ । ଆଉ ଏ ଦୁଇଟିକୁ ଦୁଃଖ ଦେଲେ ଗୁରୁଙ୍କୁ ହିଁ ଦୁଃଖ ମିଳିଥାଏ ।'

ସେହି ଏକ ଗୁରୁଙ୍କୁ ସେବା କରିବାକୁ ଯାଇ ନିର୍ବୋଧ ଚେଲାମାନେ ଯେପରି ଲୀଳା କଲେ, ମହାମୂର୍ଖ ସଂପ୍ରଦାୟୀ ଲୋକେ ସେହିପରି କରୁଛନ୍ତି । **ଏକ ଅଖଣ୍ଡ, ସଚ୍ଚିଦାନନ୍ଦସ୍ୱରୂପ ପରମାତ୍ମାଙ୍କର ବିଷ୍ଣୁ, ରୁଦ୍ରାଦି ଅନେକ ନାମ ଅଛି, ଏସବୁ ନାମର ଅର୍ଥ ମାଧ୍ୟମରେ ତାହା ପ୍ରଥମ ସମୁଲ୍ଲାସରେ ଦର୍ଶାଯାଇଛି ।** ସେହି ସତ୍ୟ ଅର୍ଥକୁ ନ ଜାଣି ଶାକ୍ତ, ଶୈବ, ବୈଷ୍ଣବାଦି ସମ୍ପ୍ରଦାୟର ଲୋକେ ପରସ୍ପର କଳହ, ଜଣେ ଅନ୍ୟର ନାମର ନିନ୍ଦା କରିବାରେ ଲାଗିଛନ୍ତି । ଆଚ୍ଛା, ଏପରି କାମ କରୁଥିବା ଲୋକଙ୍କ ଉପରେ କ'ଣ ଈଶ୍ୱରଙ୍କ କୋପ-କଟାକ୍ଷ ପଡୁନଥିବ ?

ବର୍ତ୍ତମାନ **'ଚକ୍ରାଙ୍କିତ'** ବୈଷ୍ଣବମାନଙ୍କ ଅଦ୍ଭୁତ ମାୟାକୁ ଦେଖନ୍ତୁ —

**ତାପଃ ପୁଣ୍ଡ୍ରଂ ତଥା ନାମ ମାଲା ମନ୍ତ୍ରସ୍ତଥୈବ ଚ ।**
**ଅମୀ ହି ପଞ୍ଚ ସଂସ୍କାରାଃ ପରମୈକାନ୍ତହେତବଃ ॥ ୧ ॥**
**ଅତପ୍ତତନୂର୍ନ ତଦାମୋ ଅଶ୍ନୁତେ । ଇତି ଶ୍ରୁତେଃ ॥** (ଋକ୍. ୯:୮୩:୧)

(ଭରଦ୍ୱାଜସଂହିତା. ପରିଶିଷ୍ଟ. ୨:୨, ରାମାନୁଜପଟଳପଦ୍ଧତି)

**(ତାପଃ)** ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଚିହ୍ନକୁ ଅଗ୍ନିରେ ଉତ୍ତପ୍ତ କରି ଭୁଜମୂଳରେ ଦାଗ ଦିଅନ୍ତି । ତା'ପରେ ସେ ଗରମ କରାଯାଇଥିବା ଚିହ୍ନଗୁଡ଼ିକୁ ଦୁଗ୍ଧପାତ୍ରରେ ବୁଡ଼ାଇ ଶୀତଳ କରନ୍ତି । କେତେକ ଲୋକେ ସେ ଦୁଧକୁ ପିଇଦିଅନ୍ତି । ବର୍ତ୍ତମାନ ବିଚାର କରନ୍ତୁ ! ସେଇ କ୍ଷୀରରେ ମନୁଷ୍ୟ ମାଂସର କିଛି ଅଂଶ ମଧ୍ୟ ନିଶ୍ଚିତ ମିଶିଥିବ । ଏପରି କର୍ମ ଦ୍ୱାରା

ପରମେଶ୍ୱର ପ୍ରାପ୍ତ ହେବାର ଆଶାକରନ୍ତି । ପୁଣି କହନ୍ତି କି ଶଙ୍ଖ, ଚକ୍ରାଦି ଚିହ୍ନ ଦ୍ୱାରା ଶରୀରକୁ ନ ଦାଗିଲେ ଜୀବ ପରମେଶ୍ୱରଙ୍କୁ ପ୍ରାପ୍ତ କରିପାରେ ନାହିଁ । କାରଣ ନ ଦାଗିଲେ ସେ **(ଆମଃ)** କଞ୍ଚା ଅଟେ । ରାଜ୍ୟର ଚପରାସୀ ଆଦି ଚିହ୍ନ ଅର୍ଥାତ୍ ଉଦ୍ଦିଷ୍ଟ ବେଶ-ପୋଷାକ ଧାରଣ କରିଥିଲେ ରାଜକର୍ମଚାରୀ ବୋଲି ଜାଣି ତାଙ୍କୁ ଯେପରି ସାଧାରଣ ଜନତା ଭୟକରନ୍ତି, ସେହିପରି ଶରୀରରେ ଲାଞ୍ଛିତ ବିଷ୍ଣୁଙ୍କ ଶଙ୍ଖ-ଚକ୍ରାଦି ଆୟୁଧର ଚିହ୍ନକୁ ଦେଖି ଯମ ଓ ତାଙ୍କ ଦୂତମାନେ ଭୟକରନ୍ତି । ପୁଣି ସେମାନେ କହନ୍ତି —

**ବାନା ବଡ଼ା ଦୟାଲ୍ କା, ତିଲକ୍ ଛାପ୍ ଔର୍ ମାଲ୍ ।**
**ୟମ୍ ଡ଼ରପେ କାଲୂ କହେ, ଭୟ ମାନେ ଭୂପାଲ୍ ॥** (ଭକ୍ତମାଲ. ନିଷ୍ଠା.୬)

ଭଗବାନଙ୍କ ବାନା ଅର୍ଥାତ୍ ତିଳକ, ଛାପ ଓ ମାଳା ଧାରଣ କରିବା ବହୁତ ବଡ଼ କଥା ଅଟେ, ଏହା ସାମାନ୍ୟ ବିଷୟ ନୁହେଁ । ଯାହାକୁ ଦେଖି ଯମରାଜ ଓ ରାଜା ମଧ୍ୟ ଭୟ କରନ୍ତି ।

**(ପୁଣ୍ଡ୍ରମ୍)** ଲଲାଟରେ ତ୍ରିଶୂଳ ଭଳି ଚିତ୍ର କାଟିବା, **(ନାମ)** ନାରାୟଣଦାସ, ବିଷ୍ଣୁଦାସ ଆଦି ଦାସଶବ୍ଦାନ୍ତ ନାମ ରଖିବା, **(ମାଲା)** ଗଳାରେ ତୁଳସୀ କାଠ ଆଦିର ମାଳା ପିନ୍ଧିବା, ପଞ୍ଚମ ହେଲା **(ମନ୍ତ୍ର)** ବିଭିନ୍ନ ମନ୍ତ୍ର ଜପ କରିବା; ଯଥା —

**ଓଂ ନମୋ ନାରାୟଣାୟ ॥ ୧ ॥** (ପଦ୍ମପୁରାଣ. ଭାଗ. ୬. ଉତ୍ତର. ୭୨:୧୧୭)

ଏହି ମନ୍ତ୍ର ସେମାନେ ସାଧାରଣ ମନୁଷ୍ୟଙ୍କ ପାଇଁ ଧାର୍ଯ୍ୟ କରିଛନ୍ତି । ତଥା —

**ଶ୍ରୀମନ୍ନାରାୟଣଚରଣଂ ଶରଣଂ ପ୍ରପଦ୍ୟେ ॥ ୨ ॥**
**ଶ୍ରୀମତେ ନାରାୟଣାୟ ନମଃ ॥ ୩ ॥**
**ଶ୍ରୀମତେ ରାମାନୁଜାୟ ନମଃ ॥ ୪ ॥** (ଭକ୍ତମାଳ)

ଇତ୍ୟାଦି ମନ୍ତ୍ର ଧନାଢ୍ୟ ଓ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ନିମନ୍ତେ ।

ଦେଖନ୍ତୁ, ଏହା ମଧ୍ୟ ଏକ ଦୋକାନ । ତେଣୁ ଲୋକଙ୍କ ପକେଟକୁ ଚାହିଁ ମନ୍ତ୍ର । କଥାରେ ଅଛି - ଯେମିତି ମୁହଁକୁ ସେମିତି ଚିତା । ଚକ୍ରାଙ୍କିତମାନେ ଏହି ପାଞ୍ଚ ସଂସ୍କାର(ଛାପ, ତିଳକ, ନାମ, ମାଳା, ମନ୍ତ୍ର)କୁ ମୁକ୍ତିର ଉପାୟ ବୋଲି ମାନନ୍ତି । **ଏସବୁ ମନ୍ତ୍ରର ଅର୍ଥ —**

ମୁଁ ନାରାୟଣଙ୍କୁ ନମସ୍କାର କରୁଛି ॥ ୧ ॥
ମୁଁ ଲକ୍ଷ୍ମୀଯୁକ୍ତ ନାରାୟଣଙ୍କ ଚରଣାରବିନ୍ଦରେ ଶରଣ ପଶୁଛି ॥ ୨ ॥
ଶ୍ରୀଯୁକ୍ତ ନାରାୟଣଙ୍କୁ ମୁଁ ନମସ୍କାର କରୁଛି ଅର୍ଥାତ୍ ଶୋଭାଯୁକ୍ତ ନାରାୟଣଙ୍କୁ ମୋର ନମସ୍କାର ॥ ୩ ॥
ଶ୍ରୀଯୁକ୍ତ ରାମାନୁଜଙ୍କୁ ମୋର ନମସ୍କାର ॥ ୪ ॥

**ବାମମାର୍ଗୀ**ମାନେ ଯେପରି ପଞ୍ଚ ମକାର ମାନନ୍ତି, **ଚକ୍ରାଙ୍କିତ**ମାନେ ସେହିପରି ପଞ୍ଚ ସଂସ୍କାର ମାନନ୍ତି । ଶରୀରରେ ଶଙ୍ଖ-ଚକ୍ରାଦି ଦାଗିବା ନିମନ୍ତେ ଏମାନେ ପ୍ରମାଣସ୍ୱରୂପ ଯେଉଁ ବେଦମନ୍ତ୍ର ଉପସ୍ଥାପନ କରନ୍ତି, ସେହି ମନ୍ତ୍ର ଓ ତା'ର ଯଥାଯଥ ଅର୍ଥ ହେଲା —

**ପବିତ୍ରଂ ତେ ବିତତଂ ବ୍ରହ୍ମଣସ୍ପତେ ପ୍ରଭୁର୍ଗାତ୍ରାଣି ପର୍ଯ୍ୟେଷି ବିଶ୍ୱତଃ ।**
**ଅତପ୍ତତନୂର୍ନ ତଦାମୋ ଅଶ୍ନୁତେ ଶୃତାସ ଇଦ୍‌ବହନ୍ତସ୍ତତ୍‌ସମାଶତ ॥ ୧ ॥**

**ତପୋଷ୍ପବିତ୍ରଂ ବିତତଂ ଦିବସ୍ପଦେ ॥ ୨ ॥** (ଋକ୍. ୯:୮୩:୧,୨)

ହେ ବ୍ରହ୍ମାଣ୍ଡ ଓ ବେଦର ପାଳନକର୍ତ୍ତା ପ୍ରଭୁ! ସର୍ବସାମର୍ଥ୍ୟବାନ୍! ସର୍ବଶକ୍ତିମାନ୍! ଆପଣ ସ୍ୱ ବ୍ୟାପ୍ତିରେ ସଂସାରର ସବୁ ଅବୟବକୁ ବ୍ୟାପ୍ତ କରି ରଖିଛନ୍ତି । ଆପଣଙ୍କର ସେହି ପବିତ୍ର ସ୍ୱରୂପକୁ ବ୍ରହ୍ମଚର୍ଯ୍ୟ, ସତ୍ୟଭାଷଣ, ଶମ, ଦମ, ଯୋଗାଭ୍ୟାସ, ଜିତେନ୍ଦ୍ରିୟତା ଓ ସତ୍‌ସଙ୍ଗ ଆଦି ତପଶ୍ଚର୍ଯ୍ୟାରୁ ରହିତ ଅପରିପକ୍ୱ ଆତ୍ମା-ଅନ୍ତଃକରଣଯୁକ୍ତ କୌଣସି ଜୀବ ପ୍ରାପ୍ତ କରିପାରେ ନାହିଁ । ଯେଉଁମାନେ ଉପରୋକ୍ତ ତପଶ୍ଚରଣ ଦ୍ୱାରା ଶୁଦ୍ଧପୂତ ଅଟନ୍ତି, ସେମାନେ ହିଁ ଏହି ତପଶ୍ଚରଣପୂର୍ବକ ଆପଣଙ୍କର ସେହି ଶୁଦ୍ଧସ୍ୱରୂପକୁ ଉତ୍ତମ ରୂପେ ପ୍ରାପ୍ତ କରନ୍ତି ॥ ୧ ॥

ପ୍ରକାଶସ୍ୱରୂପ ପରମେଶ୍ୱରଙ୍କ ସୃଷ୍ଟିରେ ଯେଉଁମାନେ ବିସ୍ତୃତ ପବିତ୍ରାଚରଣ ରୂପକ ତପଃ କରନ୍ତି, କେବଳ ସେମାନେ ହିଁ ପରମାତ୍ମାଙ୍କୁ ଲାଭ କରିବାକୁ ଯୋଗ୍ୟ ହୋଇଥାନ୍ତି ॥ ୨ ॥

ବର୍ତ୍ତମାନ ବିଚାର କରାଯାଉ ଯେ ରାମାନୁଜଙ୍କ ଅନୁଗାମୀ ଆଦି ଲୋକମାନେ ଏହି ମନ୍ତ୍ରର ଅର୍ଥ **'ଚକ୍ରାଙ୍କିତ'** ହେବା ବୋଲି କେମିତି କହୁଛନ୍ତି ? ସେମାନେ ବିଦ୍ୱାନ୍ ଥିଲେ ନା ଅବିଦ୍ୱାନ୍ ? ବାସ୍ତବରେ ଯଦି ବିଦ୍ୱାନ୍ ହୋଇଥାନ୍ତେ ତେବେ ଏହି ମନ୍ତ୍ରର ଏପରି ଅସମ୍ଭବ ଅର୍ଥ କାହିଁକି କରିଥାନ୍ତେ ? କାରଣ ଏ ମନ୍ତ୍ରରେ **'ଅତପ୍ତତନୂଃ'** ଶବ୍ଦ ଅଛି, କିନ୍ତୁ **'ଅତପ୍ତଭୁଜୈକଦେଶଃ'** ଶବ୍ଦ ତ ନାହିଁ । ତନୂର ଅର୍ଥ ନଖରୁ ଶିଖ ପର୍ଯ୍ୟନ୍ତ ସମଗ୍ର ଶରୀର । **'ଅତପ୍ତତନୂଃ'** କୁ ପ୍ରମାଣ ରୂପେ ମାନି ଶରୀରକୁ ଅଗ୍ନିରେ ତପ୍ତ କରିବା ଅର୍ଥ ଯଦି ଚକ୍ରାଙ୍କିତମାନେ ସ୍ୱୀକାର କରନ୍ତି, ତେବେ ନିଜ-ନିଜ ଶରୀରକୁ ଚୁଲିରେ ପୂରାଇ ପୂରା ଶରୀରକୁ ପୋଡ଼ି ଦିଅନ୍ତୁ । ଆଉ ଯଦି ଏପରି ବି କରନ୍ତି ତେବେ ମଧ୍ୟ ସେମାନଙ୍କ କାର୍ଯ୍ୟ ଏହି ମନ୍ତ୍ରର ବାସ୍ତବିକ ଅର୍ଥର ବିରୁଦ୍ଧ । **କାରଣ ଏହି ମନ୍ତ୍ରରେ ସତ୍ୟଭାଷଣାଦି ପବିତ୍ର କର୍ମ କରିବାକୁ 'ତପଃ' ବୋଲି ଗ୍ରହଣ କରାଯାଇଛି ।**

**ଋତଂ ତପଃ ସତ୍ୟଂ ତପୋ ଦମସ୍ତପଃ ସ୍ୱାଧ୍ୟାୟସ୍ତପଃ ।** (ତୈ.ଆ. ୧୦:୮)

**(ଋତଂ ତପଃ)** ଯଥାର୍ଥ ଶୁଦ୍ଧଭାବ, **(ସତ୍ୟଂ ତପଃ)** ସତ୍ୟ ମାନିବା, ସତ୍ୟ କହିବା, ସତ୍ୟାଚରଣ କରିବା, **(ଦମଃ ତପଃ)** ମନକୁ ଅଧର୍ମ ମାର୍ଗରେ ଯିବାକୁ ନ ଦେବା, ବାହ୍ୟ ଇନ୍ଦ୍ରିୟମାନଙ୍କୁ ଅନ୍ୟାୟାଚରଣରୁ ରୋକିବା, ଇନ୍ଦ୍ରିୟ ଓ ମନ ଦ୍ୱାରା ଶୁଭ କର୍ମ ଅନୁଷ୍ଠାନ କରିବା, **(ସ୍ୱାଧ୍ୟାୟଃ ତପଃ)** ବେଦାଦି ସତ୍ୟବିଦ୍ୟା ପଢ଼ିବା-ପଢ଼ାଇବା, ବେଦାନୁସାରେ ଆଚରଣ କରିବା ଆଦି ଉତ୍ତମ ଧର୍ମଯୁକ୍ତ କର୍ମର ନାମ **'ତପ'** । **ଧାତୁ ଦ୍ରବ୍ୟକୁ ଉତ୍ତପ୍ତ କରି ଶରୀରକୁ ଜଳାଇବାକୁ 'ତପ' କୁହାଯାଏ ନାହିଁ ।**

ଦେଖ! **'ଚକ୍ରାଙ୍କିତ'** ଲୋକେ ନିଜକୁ ବଡ଼ ବୈଷ୍ଣବ ବୋଲି ମାନନ୍ତି । କିନ୍ତୁ ନିଜ ପରମ୍ପରା ଓ କୁକର୍ମ ପ୍ରତି ଦୃଷ୍ଟିପାତ କରନ୍ତି ନାହିଁ ଯେ ଏମାନଙ୍କ ମୂଳପୁରୁଷ ହେଲେ **'ଶଠକୋପ';** ଯାହାଙ୍କ ବିଷୟରେ ଚକ୍ରାଙ୍କିତଙ୍କ ହିଁ ଗ୍ରନ୍ଥରେ ଓ ନାଭା ଡୁମଙ୍କ ରଚିତ 'ଭକ୍ତମାଳ' ଗ୍ରନ୍ଥରେ ଲେଖାଅଛି **— 'ବିକ୍ରୀୟ ଶୂର୍ପଂ ବିଚଚାର ଯୋଗୀ'** (ଦିବ୍ୟସୂରୀଚରିତକାବ୍ୟ ସର୍ଗ୨:୫୨) ଇତ୍ୟାଦି ବଚନ । ଅର୍ଥାତ୍ ଶଠକୋପ ଯୋଗୀ କୁଲା ତିଆରି ଓ ବିକ୍ରି କରି ବିଚରଣ କରୁଥିଲେ, ଜୀବିକା ନିର୍ବାହ କରୁଥିଲେ । ଏଥିରୁ ଜଣାଯାଏ କୁଲା-ଟୋକେଇ ଆଦି ତିଆରି କରୁଥିବା କୁଳରେ ସେ ଜନ୍ମ ହୋଇଥିଲେ । ସେ ଯେତେବେଳେ ପଢ଼ା-ଶୁଣା କରିବା ପାଇଁ ବ୍ରାହ୍ମଣଙ୍କ ନିକଟକୁ ଯାଇଥିବେ, ହୁଏତ ବ୍ରାହ୍ମଣମାନେ ତିରସ୍କାର କରି ବାହାର କରିଦେଇଥିବେ । ତେଣୁ ବ୍ରାହ୍ମଣଙ୍କ ବିରୁଦ୍ଧରେ ସେ ଏକ ସମ୍ପ୍ରଦାୟ ଆରମ୍ଭ କରି ତିଳକ, ଛାପ ଆଦି ଯାହା ତାଙ୍କ ମନକୁ ଆସିଲା ସେ ଶାସ୍ତ୍ରବିରୁଦ୍ଧ କଥା ସବୁ ପ୍ରଚଳନ କରିଥିବେ । ତାଙ୍କର ଚେଲା ହେଲେ

**'ମୁନିବାହନ'** ଯିଏକି ଚଣ୍ଡାଳ କୁଳରେ ଜନ୍ମ ହୋଇଥିଲେ । ମୁନିବାହନଙ୍କ ଚେଲା ହେଲେ **'ଯାବନାଚାର୍ଯ୍ୟ'** ଯିଏକି ଯବନ କୁଳରେ ଜନ୍ମ ହୋଇଥିଲେ । ତାଙ୍କ ନାମକୁ ପରିବର୍ତ୍ତନ କରି କେହି-କେହି **'ଯାମୁନାଚାର୍ଯ୍ୟ'** ବୋଲି ମଧ୍ୟ କହନ୍ତି । ତାଙ୍କ ପରେ ବ୍ରାହ୍ମଣ କୁଳରେ ଜାତ ହୋଇଥିବା **'ରାମାନୁଜ'** ଚକ୍ରାଙ୍କିତ ହେଲେ । ରାମାନୁଜଙ୍କ ପୂର୍ବରୁ ଚକ୍ରାଙ୍କିତ ବୈଷ୍ଣବ ସମ୍ପ୍ରଦାୟର ଆଚାର୍ଯ୍ୟମାନଙ୍କ ଦ୍ୱାରା ଲୋକଙ୍କ କଥିତ ଭାଷାରେ କିଛି ଗ୍ରନ୍ଥ ରଚିତ ହୋଇଥିଲା । ରାମାନୁଜ କିଛି-କିଛି ସଂସ୍କୃତ ପଢ଼ି ସଂସ୍କୃତରେ ଶ୍ଳୋକବଦ୍ଧ ଗ୍ରନ୍ଥ ରଚନା କଲେ ତଥା 'ଶାରୀରକ-ସୂତ୍ର' ଓ ଉପନିଷଦର ଶଙ୍କରାଚାର୍ଯ୍ୟ କରିଥିବା ଟୀକାର ବିରୁଦ୍ଧ ରୂପେ ନିଜେ ଟୀକା ଲେଖିଲେ ଏବଂ ଶଙ୍କରାଚାର୍ଯ୍ୟଙ୍କ ବହୁତ ନିନ୍ଦା ବି କରିଛନ୍ତି । ଯେମିତିକି ଶଙ୍କରାଚାର୍ଯ୍ୟଙ୍କ ମତ ହେଲା — 'ଜୀବ ଓ ବ୍ରହ୍ମ ଏକ ହିଁ ଅଟନ୍ତି । ଜଗତ୍ ପ୍ରପଞ୍ଚ, ସବୁ ମିଥ୍ୟା-ମାୟା ରୂପ ଅନିତ୍ୟ ।' ଏହାର ବିରୁଦ୍ଧ ରାମାନୁଜଙ୍କ ମତ ହେଲା — 'ଜୀବ, ବ୍ରହ୍ମ ଓ ମାୟା ଏ ତିନୋଟି ଯାକ ନିତ୍ୟ ।' ଏଠାରେ ଶଙ୍କରାଚାର୍ଯ୍ୟଙ୍କ ମତ ହେଲା — 'ଅଦ୍ୱୈତ ଅର୍ଥାତ୍ ଜୀବ ଓ ବ୍ରହ୍ମ ଏକ ହିଁ ଅଟନ୍ତି, କେବଳ ବ୍ରହ୍ମ ହିଁ ଅଛନ୍ତି, ବ୍ରହ୍ମଙ୍କ ବ୍ୟତୀତ ଅନ୍ୟ କୌଣସି ପଦାର୍ଥ ବାସ୍ତବିକ ନୁହେଁ ।' 'ବ୍ରହ୍ମ ବ୍ୟତୀତ ଜୀବ ଓ ଜଗତର କାରଣ ବସ୍ତୁକୁ ନ ମାନିବା' ରୂପକ ଶଙ୍କରାଚାର୍ଯ୍ୟଙ୍କ ମତ ଠିକ୍ ନୁହେଁ । ରାମାନୁଜଙ୍କ ବିଶିଷ୍ଟାଦ୍ୱୈତ ମତରେ ଜୀବ ଓ ମାୟା ସହିତ ପରମେଶ୍ୱର ଏକ ଅଟନ୍ତି । ଏଣେ ଜୀବ, ବ୍ରହ୍ମ ଓ ମାୟା ଏ ତିନୋଟିକୁ ମାନିବା, ତେଣେ ପୁଣି ଅଦ୍ୱୈତ ବୋଲି କହିବା ଏ ଦୃଷ୍ଟିରୁ ରାମାନୁଜଙ୍କ କଥନ ନିରର୍ଥକ । ଜୀବକୁ ସର୍ବଥା ଈଶ୍ୱରଙ୍କ ଅଧୀନ, ପରତନ୍ତ୍ର ବୋଲି ମାନିବା; କଣ୍ଠି, ତିଳକ, ମାଳା, ମୂର୍ତ୍ତିପୂଜା ଇତ୍ୟାଦି ପାଖଣ୍ଡ କୃତ୍ୟ କରିବା ଆଦି ଭୁଲ କାମ **'ଚକ୍ରାଙ୍କିତ'** ଆଦି ସମ୍ପ୍ରଦାୟରେ ରହିଛି । 'ଚକ୍ରାଙ୍କିତ' ଆଦି ବୈଷ୍ଣବମାନେ ଯେତେ ଦୂର ବେଦବିରୋଧୀ, ଶଙ୍କରାଚାର୍ଯ୍ୟଙ୍କ ମତସ୍ଥ ଲୋକେ ସେତେ ବେଦବିରୋଧୀ ନୁହନ୍ତି ।

## ମୂର୍ତ୍ତିପୂଜା ସମୀକ୍ଷା

**ପ୍ରଶ୍ନ —** ମୂର୍ତ୍ତିପୂଜାର ପ୍ରଚଳନ କେଉଁଠାରୁ ଆରମ୍ଭ ହେଲା ?

**ଉତ୍ତର —** ଜୈନମାନଙ୍କ ଠାରୁ ।

**ପ୍ରଶ୍ନ —** ଜୈନମାନେ ମୂର୍ତ୍ତିପୂଜା କୋଉଠୁ ଆରମ୍ଭ କଲେ ?

**ଉତ୍ତର —** ନିଜ ମୂର୍ଖତାରୁ ଆରମ୍ଭ କଲେ ।

**ପ୍ରଶ୍ନ —** ଜୈନମାନେ କହନ୍ତି କି ଶାନ୍ତ, ଧ୍ୟାନାବସ୍ଥିତ ରୂପେ ଉପବେଶନ କରିଥିବା ମୂର୍ତ୍ତି ଦେଖିଲେ ନିଜ ଆତ୍ମାର ମଧ୍ୟ ସେହିପରି ଶୁଭ ପରିଣାମ ହୋଇଥାଏ ।

**ଉତ୍ତର —** ଜୀବ ଚେତନ; କିନ୍ତୁ ମୂର୍ତ୍ତି ଜଡ଼ । ମୂର୍ତ୍ତି ଦେଖିଲେ ଯଦି ଆତ୍ମାରେ ସ୍ୱାଭାବିକ ପରିଣାମ କଥା ସ୍ୱୀକାର କରାଯାଏ, ତେବେ ମୂର୍ତ୍ତି ଭଳି ଜୀବ ମଧ୍ୟ କ'ଣ ଜଡ଼ ହୋଇଯିବ ? ଏହି ମୂର୍ତ୍ତିପୂଜା କେବଳ ପାଷଣ୍ଡ ମତ । ଜୈନମାନେ ଏହାର ଆରମ୍ଭ କଲେ । ଏଣୁ ଏ ମତର ଖଣ୍ଡନ ଦ୍ୱାଦଶ ସମୁଲ୍ଲାସରେ ବିଶଦ ଭାବରେ କରାଯିବ ।

**ପ୍ରଶ୍ନ — ବୈଷ୍ଣବ** ଆଦି ସମ୍ପ୍ରଦାୟୀମାନେ ମୂର୍ତ୍ତିପୂଜା ଜୈନମାନଙ୍କଠାରୁ ଅନୁକରଣ କରିନାହାନ୍ତି । କାରଣ ବୈଷ୍ଣବାଦିଙ୍କ ମୂର୍ତ୍ତିଗୁଡ଼ିକ ଜୈନମାନଙ୍କ ମୂର୍ତ୍ତି ପରି ନୁହେଁ ।

**ଉତ୍ତର —** ଅବଶ୍ୟ ଏହା ଠିକ୍ ଯେ ବୈଷ୍ଣବାଦିଙ୍କ ମୂର୍ତ୍ତି ଜୈନମାନଙ୍କ ମୂର୍ତ୍ତି ପରି ନୁହେଁ । କାରଣ ଏମାନେ ଯଦି ଜୈନମାନଙ୍କ ମୂର୍ତ୍ତି ଭଳି ନିଜ ମୂର୍ତ୍ତି ତିଆରି କରିଥାନ୍ତେ, ତେବେ ଜୈନମତ ସହ ମିଶି ଯାଇଥାନ୍ତେ । ଏଣୁ ଜୈନମାନଙ୍କ ମୂର୍ତ୍ତିର ବିପରୀତ ଭାବେ ନିଜ ମୂର୍ତ୍ତିଗୁଡ଼ିକୁ ତିଆରି କଲେ; ଯେହେତୁ କି ଜୈନମାନଙ୍କ ବିରୋଧ କରିବା

ଏମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଓ ଏମାନଙ୍କୁ ବିରୋଧ କରିବା ଜୈନମାନଙ୍କ ମୁଖ୍ୟ କାମ ଥିଲା । ଯଥା — ଜୈନମାନେ ସେମାନଙ୍କ ମୂର୍ତ୍ତିଗୁଡ଼ିକୁ ଉଲଗ୍ନ, ଧ୍ୟାନାବସ୍ଥିତ ଓ ବୈରାଗ୍ୟବାନ୍ ବ୍ୟକ୍ତିଙ୍କ ଭଳି ତିଆର କରିଛନ୍ତି । ତା'ର ବିପରୀତରେ ବୈଷ୍ଣବବାଦିମାନେ ଖୁବ୍ ଶୃଙ୍ଗାରିତ, ସ୍ତ୍ରୀ ସହ, ରଙ୍ଗ-ରାଗ-ଭୋଗ-ବିଷୟାସକ୍ତି-ସହିତାକାର ଠିଆ ହୋଇଥିବା ଓ ବସିଥିବା ମୂର୍ତ୍ତିଗୁଡ଼ିକ ନିର୍ମାଣ କଲେ । ଜୈନମାନେ ପୂଜା ସମୟରେ ଶଙ୍ଖ, ଘଣ୍ଟ-ଘଣ୍ଟା ଆଦି ବିଶେଷ ବଜାନ୍ତି ନାହିଁ । କିନ୍ତୁ ଏମାନେ ବିବିଧ ପ୍ରକାର ବାଦ୍ୟ ବଜାଇ ବହୁତ କୋଳାହଳ କରନ୍ତି । ଏସବୁ ଲୀଳା ରଚିବାରୁ ହିଁ ତ ବୈଷ୍ଣବବାଦି ସମ୍ପ୍ରଦାୟୀ ପୋପ୍‌ମାନେ ନିଜ ଚେଲାମାନଙ୍କୁ ଜୈନମାନଙ୍କ ଜାଲରୁ ରକ୍ଷା କରି ନିଜ ଲୀଳାରେ ଭୁଲାଇ ରଖିପାରିଲେ । ଏ ପୋପ୍‌ମାନେ ବ୍ୟାସାଦି ମହର୍ଷିଙ୍କ ନାମରେ ଯାହା ମନକୁ ଆସିଲା ସେଭଳି ଅସମ୍ଭବ କଥା-କାହାଣୀ ଯୁକ୍ତ ପୁସ୍ତକ ରଚନା କଲେ । ସେସବୁକୁ ବିଭିନ୍ନ **ପୁରାଣ** ନାମ ଦେଇ ସେସବୁର କଥା ଶୁଣାଇବାକୁ ଲାଗିଲେ । ଖାଲି ସେତିକି ନୁହେଁ, ଆହୁରି ବିଚିତ୍ର ମାୟାଜାଲ ସବୁ ବିଛେଇବାକୁ ଲାଗିଲେ — ପାଷାଣାଦିର ମୂର୍ତ୍ତି ସବୁ ତିଆରି କରି ସେସବୁକୁ ଗୋପନରେ କୌଣସି ପର୍ବତ ଗୁମ୍ଫାରେ, ଅରଣ୍ୟରେ ରଖିଦେଲେ କିମ୍ବା ମାଟିତଳେ ପୋତିଦେଲେ । ତା'ପରେ ନିଜ ଚେଲାମାନଙ୍କ ମଧ୍ୟରେ ପ୍ରଚାର କଲେ କି — "ରାତିରେ ସ୍ୱପ୍ନରେ ମୋତେ ମହାଦେବ, ପାର୍ବତୀ, ରାଧା, କୃଷ୍ଣ, ସୀତା, ରାମ, ଲକ୍ଷ୍ମୀ, ନାରାୟଣ, ଭୈରବ, ହନୁମାନ ଆଦି ଅମୁକ ଦେବତା କହିଲେ ଯେ ମୁଁ ଅମୁକ ସ୍ଥାନରେ ଅଛି । ମୋତେ ସେଠାରୁ ଆଣି ମନ୍ଦିରରେ ସ୍ଥାପନ କର । ତୁ ହିଁ ପୂଜାରୀ ହୋଇ ମୋର ପୂଜା କଲେ ମୁଁ ସମସ୍ତଙ୍କୁ ମନୋବାଞ୍ଛିତ ଫଳ ପ୍ରଦାନ କରିବି ।"

ଯେତେବେଳେ ବୁଦ୍ଧିହୀନ ଅଥଚ ଧନସମ୍ପନ୍ନ ଲୋକେ ପୋପଙ୍କ ବାକ୍‌ଚାତୁର୍ଯ୍ୟପୂର୍ଣ୍ଣ ଲୀଳା ଶୁଣିଲେ, ତାକୁ ପୂରା ସତ୍ୟ ମନେକଲେ ଏବଂ ତାଙ୍କୁ ପଚାରିଲେ ଯେ, 'ଏଇ ମୂର୍ତ୍ତି କେଉଁଠି ବିରାଜମାନ କରିଛନ୍ତି ?' ସେତେବେଳେ ପୋପ୍ ମହାଶୟ କହିଲେ ଯେ, 'ଅମୁକ ପାହାଡ଼ ବା ଜଙ୍ଗଲରେ ଅଛି, ଚାଲ ମୋ ସାଙ୍ଗରେ, ଦେଖାଇବି ।' ସେତେବେଳେ ସେ ବୁଦ୍ଧିହୀନ ଲୋକେ ସେ ଧୂର୍ତ୍ତ ସାଙ୍ଗରେ ଯାଇ ସେଠାରେ ପହଞ୍ଚି ସତକୁ ସତ ତାହା ଦେଖିଲେ । ଆଶ୍ଚର୍ଯ୍ୟଚକିତ ହୋଇ ସେ ପୋପ୍‌ଙ୍କ ପାଦତଳେ ପଡ଼ି କହିଲେ — 'ଆପଣଙ୍କ ଉପରେ ଏହି ଦେବତାଙ୍କର ଅଶେଷ କୃପା ଅଛି । ବର୍ତ୍ତମାନ ଆପଣ ଏହାକୁ ଏଠାରୁ ନେଇ ଚାଲନ୍ତୁ, ଆମେ ମନ୍ଦିର ତିଆରିର ବ୍ୟବସ୍ଥା କରିବୁ । ସେଥିରେ ଦେବତାଙ୍କୁ ସ୍ଥାପନା କରି ଆପଣ ହିଁ ପୂଜା-ଆରାଧନା କରିବେ । ଆମେମାନେ ମଧ୍ୟ ଏହି ପ୍ରତ୍ୟକ୍ଷ ଦେବତାଙ୍କୁ ଦର୍ଶନ-ସ୍ପର୍ଶନ କରି ଆମ ମନସ୍କାମନା ପୂର୍ଣ୍ଣ କରିବୁ ।' ଏହିଭଳି ଭାବେ ଲୀଳା ରଚନା କରି ଯେତେବେଳେ ଜଣେ ସଫଳକାମ ହୋଇଗଲା, ତାକୁ ଦେଖି ସବୁ ପୋପ୍‌ମାନେ ନିଜ-ନିଜ ଜୀବିକାର୍ଜନ ପାଇଁ ନାନାପ୍ରକାର ଛଳ-କପଟ କରି ବିଭିନ୍ନ ପ୍ରକାର ମୂର୍ତ୍ତି ସ୍ଥାପନ କରିବାକୁ ଲାଗିଲେ ।

ଭାଷାନ୍ତର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**କ୍ରମଶଃ...**

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ – **'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି। ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୪୭୫ | ୨୮୨ | ୭୫୭ | ୧୭. | ବୌଦ୍ଧ | ୨୨ | ୩୬ | ୫୮ |
| ୦୨. | ଖୋର୍ଦ୍ଧା | ୩୦୭ | ୯୯ | ୪୦୬ | ୧୮. | ଭଦ୍ରକ | ୨୨ | ୦୯ | ୩୧ |
| ୦୩. | କଟକ | ୨୬୨ | ୨୨୧ | ୪୮୩ | ୧୯. | ନୟାଗଡ଼ | ୨୧ | ୧୯ | ୪୦ |
| ୦୪. | ସୁନ୍ଦରଗଡ଼ | ୨୩୨ | ୨୮୮ | ୫୨୦ | ୨୦. | ଜଗତସିଂହପୁର | ୨୧ | ୧୩ | ୩୪ |
| ୦୫. | ବରଗଡ଼ | ୧୯୮ | ୨୧୧ | ୪୦୯ | ୨୧. | ଝାରସୁଗୁଡ଼ା | ୧୭ | ୦୨ | ୧୯ |
| ୦୬. | କୋରାପୁଟ | ୮୯ | ୩୩ | ୧୨୨ | ୨୨. | କଳାହାଣ୍ଡି | ୧୫ | ୦୩ | ୧୮ |
| ୦୭. | ବଲାଙ୍ଗିର | ୮୫ | ୧୦୬ | ୧୯୧ | ୨୩. | କେନ୍ଦୁଝର | ୧୫ | ୦୧ | ୧୬ |
| ୦୮. | ସୁବର୍ଣ୍ଣପୁର | ୭୦ | ୯୫ | ୧୬୫ | ୨୪. | ଢେଙ୍କାନାଳ | ୧୨ | ୪୦ | ୫୨ |
| ୦୯. | ରାୟଗଡ଼ା | ୫୭ | ୩୫ | ୯୨ | ୨୫. | ଯାଜପୁର | ୦୮ | ୧୧ | ୧୯ |
| ୧୦. | ସମ୍ବଲପୁର | ୫୩ | ୭୨ | ୧୨୫ | ୨୬. | କେନ୍ଦ୍ରାପଡ଼ା | ୦୬ | ୧୦ | ୧୬ |
| ୧୧. | ଅନୁଗୁଳ | ୫୧ | ୩୦ | ୮୧ | ୨୭. | ଗଜପତି | ୦୭ | ୦୮ | ୧୫ |
| ୧୨. | ମୟୂରଭଞ୍ଜ | ୪୯ | ୨୫ | ୭୪ | ୨୮. | ଦେବଗଡ଼ | ୦୫ | ୦୧ | ୦୬ |
| ୧୩. | ବାଲେଶ୍ୱର | ୪୨ | ୦୭ | ୪୯ | ୨୯. | ନୂଆପଡ଼ା | ୦୨ | ୦୬ | ୦୮ |
| ୧୪. | ପୁରୀ | ୩୯ | ୦୪ | ୪୩ | ୩୦. | ନବରଙ୍ଗପୁର | ୦୧ | ୦୩ | ୦୪ |
| ୧୫. | କନ୍ଧମାଳ | ୩୫ | ୯୩ | ୧୨୮ | ୩୧. | ଅନ୍ୟାନ୍ୟ | ୫୪ | ୩୮ | ୯୨ |
| ୧୬. | ମାଲକାନଗିରି | ୩୦ | ୮୧ | ୧୧୧ | | **ମୋଟ** | **୨୩୦୨** | **୧୮୮୨** | **୪୧୮୪** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି। ବର୍ତ୍ତମାନ

ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୧୦୮ | ୬୯ |
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୭୬ | ୦୭ |
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୬୬ | ୧୦ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୫୫ | ୩୧ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୫୪ | ୩୮ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୩୬ | ୨୬ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୩୬ | ୨୫ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୩୫ | ୭୨ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୩୩ | ୦୩ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୩୨ | ୮୭ |
| ଶ୍ରୀମତୀ ରାସେଶ୍ୱରୀ ଦେଈ | ସୁନ୍ଦରଗଡ଼ | ୩୧ | ୦୩ |
| ଶ୍ରୀମତୀ ପ୍ରଣତି ରାୟ | କଟକ | ୩୦ | ୧୦ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୨୯ | ୦୫ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୁବର୍ଣ୍ଣପୁର | ୨୭ | ୦୯ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୨୪ | ୦୦ |
| ଶ୍ରୀମାନ୍ ଶ୍ରୀବତ୍ସ ପାଣିଗ୍ରାହୀ | କଟକ | ୨୪ | ୫୩ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୨୩ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୨୧ | ୬୩ |
| ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୨୧ | ୩୬ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୨୧ | ୦୭ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୨୦ | ୦୨ |
| ଶ୍ରୀମାନ୍ ମୁରଲୀଧର ମିଶ୍ର | ସୁନ୍ଦରଗଡ଼ | ୧୯ | ୧୫ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୧୯ | ୦୭ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୧୮ | ୦୦ |
| ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୧୮ | ୦୫ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୧୬ | ୦୦ |
| ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୧୫ | ୧୦ |
| ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୧୫ | ୦୪ |
| ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୧୫ | ୦୨ |
| ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୧୪ | ୨୪ |
| ଇଂ. କାଳୁଚରଣ ବେହେରା | କଟକ | ୧୪ | ୦୫ |
| ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୧୪ | ୦୩ |
| ଡକ୍ଟର ଲଳିତ ମଞ୍ଜରୀ ସାହୁ | ଖୋର୍ଦ୍ଧା | ୧୪ | ୦୧ |
| ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୧୪ | ୦୦ |
| ଶ୍ରୀମାନ୍ ଖଗେଶ୍ୱର ଗୌଡ଼ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ଗୋଲାପ ଚନ୍ଦ୍ର ପଟେଲ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୩ | ୨୮ |
| ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୩ | ୦୫ |
| ବେଦ ପ୍ରଚାର ସମିତି, କଟକ | | ୧୨ | ୧୧ |
| ଇଂ. ଅଭିମନ୍ୟୁ ମହାରଣା | କୋରାପୁଟ | ୧୨ | ୦୮ |
| ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ସମ୍ବଲପୁର | ୧୨ | ୦୫ |
| ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୨ | ୦୪ |
| ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୧୨ | ୦୦ |
| ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୨ | ୦୦ |
| ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡାଳ | ରାୟଗଡ଼ା | ୧୨ | ୦୦ |
| ଶ୍ରୀମାନ୍ ସରୋଜ କୁମାର ମିଶ୍ର | ସୁବର୍ଣ୍ଣପୁର | ୧୧ | ୪୩ |
| ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | କନ୍ଧମାଳ | ୧୧ | ୨୧ |
| ଶ୍ରୀମାନ୍ ମହେଶ ପ୍ରସାଦ ମହାପାତ୍ର | କଟକ | ୧୧ | ୦୬ |
| ଶ୍ରୀମତୀ ମମତା ମଞ୍ଜରୀ ମହାରଣା | କୋରାପୁଟ | ୧୧ | ୦୨ |
| ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୧୧ | ୦୨ |
| ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, | ଛତ୍ରପୁର | ୧୧ | ୦୧ |
| ଶ୍ରୀମାନ୍ ଶିବ ପ୍ରସାଦ ପରିଡ଼ା | ଝାରସୁଗୁଡ଼ା | ୧୧ | ୦୦ |
| ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୧ | ୦୦ |
| ଶ୍ରୀମତୀ ସୁରଭୀ ସାହୁ | ସମ୍ବଲପୁର | ୧୦ | ୧୭ |
| ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୧୦ | ୧୧ |
| ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୧୦ | ୦୭ |
| ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୧୦ | ୦୪ |
| ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୦ |
| ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |
| ଆର୍ଯ୍ୟସମାଜ, ସିମିଳିଗୁଡ଼ା | | ୧୦ | ୦୦ |
| ଇଂ. ପ୍ରଦୀପ କୁମାର ତ୍ରିପାଠୀ | ଗଞ୍ଜାମ | ୦୯ | ୧୭ |
| ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୦୯ | ୧୫ |
| ଶ୍ରୀମତୀ ମମତା ମହାପାତ୍ର | କଟକ | ୦୯ | ୦୫ |

| | | | |
|---|---|---|---|
| ଶ୍ରୀମତୀ ସୁକାନ୍ତି ସ୍ୱାଇଁ | କଟକ | ୦୯ | ୦୩ |
| ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୯ | ୦୦ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ | ସମ୍ବଲପୁର | ୦୮ | ୨୭ |
| ଶ୍ରୀମାନ୍ ଦିବାକର ବାରିକ | ସୁନ୍ଦରଗଡ଼ | ୦୮ | ୨୩ |
| ଶ୍ରୀମତୀ ନର୍ମଦା ପାତ୍ର | ଖୋର୍ଦ୍ଧା | ୦୮ | ୧୫ |
| ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ | ଖୋର୍ଦ୍ଧା | ୦୮ | ୦୭ |
| ଶ୍ରୀମତୀ ସରିତା ବେହେରା | ସମ୍ବଲପୁର | ୦୮ | ୦୬ |
| ବେଦ ପ୍ରଚାର ସମିତି, ଜୟପୁର | | ୦୮ | ୦୩ |
| ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର | ସୁବର୍ଣ୍ଣପୁର | ୦୮ | ୦୧ |
| ଶ୍ରୀମାନ୍ ଅରୁଣ କୁମାର ସେଠୀ | ଖୋର୍ଦ୍ଧା | ୦୮ | ୦୧ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୮ | ୦୦ |
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି | ଗଞ୍ଜାମ | ୦୮ | ୦୦ |
| ଇଂ. ବିଜୟ କୁମାର ସାହୁ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ | ପୁରୀ | ୦୮ | ୦୦ |
| ଶ୍ରୀମାନ୍ ଦିଲ୍ଲୀପ କୁମାର ପଟ୍ଟନାୟକ | ସୁନ୍ଦରଗଡ଼ | ୦୮ | ୦୦ |
| ଶ୍ରୀମାନ୍ ଲେନିନ୍ ପଟ୍ଟନାୟକ | କଟକ | ୦୮ | ୦୦ |
| ଡକ୍ଟର ପ୍ରମୋଦ କୁମାର ମହାନ୍ତ | ମୟୂରଭଞ୍ଜ | ୦୮ | ୦୦ |
| ଶ୍ରୀମାନ୍ କୁଞ୍ଜବିହାରୀ ମହାନ୍ତ | ମୟୂରଭଞ୍ଜ | ୦୮ | ୦୦ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୭ | ୨୧ |
| ଡାକ୍ତର ଆଦିତ୍ୟ କୁମାର ପଣ୍ଡା | ମୟୂରଭଞ୍ଜ | ୦୭ | ୧୨ |
| ଶ୍ରୀମାନ୍ ଅଜିତ୍ କୁମାର ପଣ୍ଡା | ଗଞ୍ଜାମ | ୦୭ | ୦୨ |
| ଶ୍ରୀମାନ୍ ଲୋକନାଥ ପ୍ରଧାନ | ସୁନ୍ଦରଗଡ଼ | ୦୭ | ୦୦ |
| ଡକ୍ଟର ଉଷା ପାଢ଼ୀ | ଗଞ୍ଜାମ | ୦୭ | ୦୦ |
| ଶ୍ରୀମାନ୍ କଂଗ୍ରେସ ସାହୁ | ବରଗଡ଼ | ୦୭ | ୦୦ |
| ଶ୍ରୀମାନ୍ ଗଣେଶ ବାରିକ | ସୁନ୍ଦରଗଡ଼ | ୦୬ | ୪୪ |
| ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | କନ୍ଧମାଳ | ୦୬ | ୪୧ |
| ଶ୍ରୀମାନ୍ ଅରୁଣ ନାୟକ | ସୁନ୍ଦରଗଡ଼ | ୦୬ | ୧୯ |
| ଶ୍ରୀମାନ୍ ବିରଞ୍ଚି କୁମାର ମେହେର | ବଲାଙ୍ଗିର | ୦୬ | ୧୮ |
| ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୬ | ୧୪ |
| ସୁଶ୍ରୀ ରାଜଲକ୍ଷ୍ମୀ ସାହୁ | ଗଞ୍ଜାମ | ୦୬ | ୦୫ |
| ଶ୍ରୀମାନ୍ କ୍ଷୀରୋଦ କୁମାର ନାଥ | ବରଗଡ଼ | ୦୬ | ୦୫ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୬ | ୦୫ |
| ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୦୬ | ୦୫ |

| | | | |
|---|---|---|---|
| ଶ୍ରୀମାନ୍ ଶିବପ୍ରସାଦ ଭୋଇ | ବରଗଡ଼ | ୦୬ | ୦୫ |
| ପ୍ରଫେସର ଶରତ ଚନ୍ଦ୍ର ସେନାପତି | କଟକ | ୦୬ | ୦୨ |
| ଶ୍ରୀମତୀ ସୁଜାତା ମହାପାତ୍ର | ବରଗଡ଼ | ୦୬ | ୦୧ |
| ଡଃ. ନନ୍ଦକିଶୋର ମହାକୁଡ଼ | ଅନୁଗୁଳ | ୦୬ | ୦୦ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୬ | ୦୦ |
| ଡକ୍ଟର ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ କଳ୍ପନା ବେହେରା | ବରଗଡ଼ | ୦୬ | ୦୦ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ ପ୍ରତିମା ପଟ୍ଟନାୟକ | ସୁନ୍ଦରଗଡ଼ | ୦୬ | ୦୦ |
| ଶ୍ରୀମାନ୍ ମହେନ୍ଦ୍ର ଦାସ | ଅହମ୍ମଦାବାଦ୍ | ୦୬ | ୦୦ |
| ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଖୋର୍ଦ୍ଧା | ୦୬ | ୦୦ |
| ଶ୍ରୀମାନ୍ ଏ. ସୀମାଞ୍ଚଳ ପାତ୍ର | ଗଞ୍ଜାମ | ୦୫ | ୧୨ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ | କଟକ | ୦୫ | ୧୧ |
| ଶ୍ରୀମାନ୍ ବୈଦ୍ୟନାଥ ଜାଲ | ବୌଦ୍ଧ | ୦୫ | ୧୧ |
| ଶ୍ରୀମାନ୍ ଅମୂଲ୍ୟ ଦୋରା | ଗଞ୍ଜାମ | ୦୫ | ୧୦ |
| ଶ୍ରୀମାନ୍ ଅରୂପାନନ୍ଦ ପାଣିଗ୍ରାହୀ | ଗଞ୍ଜାମ | ୦୫ | ୦୬ |
| ଶ୍ରୀମତୀ ମମତା ଦାସ | ଗଞ୍ଜାମ | ୦୫ | ୦୪ |
| ଶ୍ରୀମାନ୍ ନୃସିଂହ ଚରଣ ମହାପାତ୍ର | ଗଞ୍ଜାମ | ୦୫ | ୦୩ |
| ଶ୍ରୀମାନ୍ ଶ୍ରୀକାନ୍ତ କୁମାର ପାଣି | ଅନୁଗୁଳ | ୦୫ | ୦୨ |
| ଶ୍ରୀମତୀ ମମତା ଶତପଥି | ଗଞ୍ଜାମ | ୦୫ | ୦୧ |
| ଶ୍ରୀମାନ୍ ସଙ୍କର୍ଷଣ ସାହୁ | ରାୟଗଡ଼ା | ୦୫ | ୦୧ |
| ଶ୍ରୀମତୀ ଆରତୀବାଳା ପ୍ରଧାନ | ଗଞ୍ଜାମ | ୦୫ | ୦୧ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ମହାରଣା | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ଅଶୋକ କୁମାର ମେହେର | ବରଗଡ଼ | ୦୫ | ୦୦ |
| ଶ୍ରୀମାନ୍ ଦୁଷ୍ମନ୍ତ କୁମାର ସାହୁ | ବଲାଙ୍ଗିର | ୦୫ | ୦୦ |
| ଇଂ. ସନ୍ତୋଷ କୁମାର ଗୌଡ଼ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମତୀ ଲକ୍ଷ୍ମୀ ପଣ୍ଡା | ଖୋର୍ଦ୍ଧା | ୦୫ | ୦୦ |
| ଇଂ. ବିପିନ ବିହାରୀ ଦୀକ୍ଷିତ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ନିରଞ୍ଜନ ମଲ୍ଲିକ | ଝାରସୁଗୁଡ଼ା | ୦୫ | ୦୦ |
| ଶ୍ରୀମାନ୍ ବିଭୂତି ଭୂଷଣ ସାହୁ | ଅନୁଗୁଳ | ୦୫ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର ମୋହନ ମିଶ୍ର | କଟକ | ୦୫ | ୦୦ |
| ଶ୍ରୀମତୀ ମିନତି ସାମନ୍ତରାୟ | କୋରାପୁଟ | ୦୫ | ୦୦ |
| ଶ୍ରୀମତୀ ସାରଦା ବିଷୋୟୀ | ଗଞ୍ଜାମ | ୦୫ | ୦୦ |
| ବେଦ ପ୍ରଚାର ସମିତି, ଟିଟିଲାଗଡ଼ | | ୦୪ | ୫୬ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ଢେଙ୍କାନାଳ | ୦୪ | ୩୯ |
| ଇଂ. ଶଶିଭୂଷଣ ନନ୍ଦ | କଟକ | ୦୪ | ୩୩ |

| | | | |
|---|---|---|---|
| ଆର୍ଯ୍ୟ ସମାଜ ରାୟଗଡ଼ା | | ୦୪ | ୧୮ |
| ଶ୍ରୀମତୀ ପ୍ରଜ୍ଞା ମେହେର | ସୁବର୍ଣ୍ଣପୁର | ୦୪ | ୦୯ |
| ଶ୍ରୀମାନ୍ ସନକ ଭୋଇ | ବରଗଡ଼ | ୦୪ | ୦୮ |
| ବେଦ ପ୍ରଚାର ସମିତି, ବରଗଡ଼ | | ୦୪ | ୦୭ |
| ଶ୍ରୀମାନ୍ ଗଗନ ବିହାରୀ ଜେନା | ଖୋର୍ଦ୍ଧା | ୦୪ | ୦୫ |
| ଶ୍ରୀମାନ୍ ସୁଧାକର ବେହେରା | ଜଗତସିଂହପୁର | ୦୪ | ୦୪ |
| ଶ୍ରୀମତୀ ଦୀପ୍ତିରାଣୀ ମହାନ୍ତି | ଗଞ୍ଜାମ | ୦୪ | ୦୨ |
| ବେଦ ପ୍ରଚାର ସମିତି, ଚିକିଟି | | ୦୪ | ୦୦ |
| ଡାକ୍ତର ସୁବଳ କୁମାର ନାୟକ | ସମ୍ବଲପୁର | ୦୪ | ୦୦ |
| ବେଦ ପ୍ରଚାର ସମିତି, ସୁବର୍ଣ୍ଣପୁର | | ୦୪ | ୦୦ |
| ଶ୍ରୀମାନ୍ ପ୍ରତାପ କୁମାର ବେହେରା | ବଲାଙ୍ଗିର | ୦୪ | ୦୦ |
| ଇଂ. ନିରଞ୍ଜନ ପଣ୍ଡା | କୋରାପୁଟ | ୦୪ | ୦୦ |
| ଇଂ. ସୁଧାକର ପତ୍ରୀ | ଖୋର୍ଦ୍ଧା | ୦୪ | ୦୦ |
| ଡକ୍ଟର ନୃପରାଜ ସାହୁ | ଖୋର୍ଦ୍ଧା | ୦୪ | ୦୦ |
| ଶ୍ରୀମାନ୍ ନବୀନ କୁମାର ପଟେଲ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମତୀ ଟି. ବବିତା | ବ୍ରହ୍ମପୁର | ୦୪ | ୦୦ |
| ଇଂ. ସୁଶୀଲ କୁମାର ମହାପାତ୍ର | କଟକ | ୦୪ | ୦୦ |
| ଶ୍ରୀମାନ୍ ବିଜୟ କୁମାର ପରିଡ଼ା | ସୁନ୍ଦରଗଡ଼ | ୦୪ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ | ମୟୂରଭଞ୍ଜ | ୦୪ | ୦୦ |
| ଶ୍ରୀମତୀ ବବିତା ବାରିକ | ସୁନ୍ଦରଗଡ଼ | ୦୪ | ୦୦ |
| ଶ୍ରୀମାନ୍ କ୍ଷୀରୋଦ ଚନ୍ଦ୍ର ମିଶ୍ର | କଟକ | ୦୪ | ୦୦ |
| ଶ୍ରୀମତୀ ରେଖାରାଣୀ ସ୍ୱାଇଁ | କଟକ | ୦୩ | ୧୯ |
| ଶ୍ରୀମାନ୍ ବିରଞ୍ଚି ନାରାୟଣ ଆର୍ଯ୍ୟ | ସୁବର୍ଣ୍ଣପୁର | ୦୩ | ୧୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବେହେରା | ଖୋର୍ଦ୍ଧା | ୦୩ | ୧୨ |
| ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ସୁନ୍ଦରଗଡ଼ | ୦୩ | ୦୯ |
| ଶ୍ରୀମାନ୍ ପଦ୍ମଲୋଚନ ତାଣ୍ଡି | ବଲାଙ୍ଗିର | ୦୩ | ୦୬ |
| ଶ୍ରୀମାନ୍ ହେମନ୍ତ କୁମାର ଜେନା | ସୁନ୍ଦରଗଡ଼ | ୦୩ | ୦୪ |
| ଶ୍ରୀମାନ୍ ଅଭୟ କୁମାର ରଣା | କଟକ | ୦୩ | ୦୩ |
| ଶ୍ରୀମାନ୍ ଜି. କାଶୀନାଥ | ଗଞ୍ଜାମ | ୦୩ | ୦୩ |
| ଶ୍ରୀମତୀ ସାୟନ୍ତନୀ ତ୍ରିପାଠୀ | ବଲାଙ୍ଗୀର | ୦୩ | ୦୨ |
| ଶ୍ରୀମାନ୍ ନାରାୟଣ ଲୁହା | ବଲାଙ୍ଗିର | ୦୩ | ୦୨ |
| ଶ୍ରୀମାନ୍ ଲକ୍ଷ୍ମଣ ମହାନ୍ତି | କୋରାପୁଟ | ୦୩ | ୦୦ |
| ଶ୍ରୀମତୀ କାବେରୀ ଭୂୟାଁ | କଟକ | ୦୩ | ୦୦ |
| ଶ୍ରୀମତୀ କସ୍ତୁରୀ ଭୂୟାଁ | କଟକ | ୦୩ | ୦୦ |
| ଶ୍ରୀମାନ୍ ପ୍ରଶାନ୍ତ କୁମାର ନାୟକ | ବରଗଡ଼ | ୦୩ | ୦୦ |
| ଶ୍ରୀମାନ୍ ଅମୂଲ୍ୟ କୁମାର ମଲ୍ଲିକ | ଯାଜପୁର | ୦୩ | ୦୦ |
| ଶ୍ରୀମାନ୍ କେ.ଉମେଶରାଓ ପାତ୍ର | ବଲାଙ୍ଗିର | ୦୩ | ୦୦ |

| | | | |
|---|---|---|---|
| ଇଂ. ଅଭୟ କୁମାର ବିଶ୍ୱାଳ | ଖୋର୍ଦ୍ଧା | ୦୩ | ୦୦ |
| ଶ୍ରୀମାନ୍ ରବିନାରାୟଣ ଲେଙ୍କା | ଭଦ୍ରକ | ୦୩ | ୦୦ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ମୟୂରଭଞ୍ଜ | ୦୩ | ୦୦ |
| ଶ୍ରୀମାନ୍ ସୁରେଶ ଚନ୍ଦ୍ର ପାଣିଗ୍ରାହୀ | ଗଞ୍ଜାମ | ୦୩ | ୦୦ |
| ଶ୍ରୀମାନ୍ ଶରତ କୁମାର ହରିଚନ୍ଦନ | ଖୋର୍ଦ୍ଧା | ୦୩ | ୦୦ |
| ଶ୍ରୀମତୀ ଗାୟତ୍ରୀ ନନ୍ଦ | ଅନୁଗୁଳ | ୦୩ | ୦୦ |
| ଶ୍ରୀମାନ୍ ବାସୁଦେବ ହୋତା | ରାୟଗଡ଼ା | ୦୩ | ୦୦ |
| ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ସୁନ୍ଦରଗଡ଼ | ୦୨ | ୨୪ |
| ଶ୍ରୀମାନ୍ ଗୌରଚନ୍ଦ୍ର ପାତ୍ର | ଗଞ୍ଜାମ | ୦୨ | ୨୪ |
| ଶ୍ରୀମାନ୍ ସଂଜୟ କୁମାର ମଣ୍ଡଳ | ଖୋର୍ଦ୍ଧା | ୦୨ | ୧୭ |
| ଶ୍ରୀମାନ୍ ଶିବ ସେଠୀ | ଖୋର୍ଦ୍ଧା | ୦୨ | ୦୯ |
| ଶ୍ରୀମତୀ ଜ୍ୟୋତ୍ସ୍ନା ମେହେର | ବରଗଡ଼ | ୦୨ | ୦୮ |
| ଶ୍ରୀମାନ୍ ନୀଳକଣ୍ଠ ବାରିକ | ଭଦ୍ରକ | ୦୨ | ୦୮ |
| ଶ୍ରୀମତୀ ସବିତା ସାହୁ | ସମ୍ବଲପୁର | ୦୨ | ୦୫ |
| କୁମାରୀ କବିତା ବିଶ୍ୱାଳ | ମାଲକାନଗିରି | ୦୨ | ୦୩ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ପାତ୍ର | ସୁନ୍ଦରଗଡ଼ | ୦୨ | ୦୩ |
| ଶ୍ରୀମାନ୍ ସଚ୍ଚିଦାନନ୍ଦ ବେହେରା | କଟକ | ୦୨ | ୦୨ |
| ଶ୍ରୀମାନ୍ ଜୀବର୍ଦ୍ଧନ ସାହୁ | ବରଗଡ଼ | ୦୨ | ୦୧ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ଜେନା | ସୁନ୍ଦରଗଡ଼ | ୦୨ | ୦୧ |
| ଶ୍ରୀମତୀ ସୁଜାତା ପଟ୍ଟନାୟକ | ଖୋର୍ଦ୍ଧା | ୦୨ | ୦୧ |
| ଶ୍ରୀମାନ୍ ବିଶ୍ୱନାଥ ଦାସ | ଗଞ୍ଜାମ | ୦୨ | ୦୧ |
| ଶ୍ରୀମାନ୍ ଯାଜ୍ଞବଲକ୍ୟ ମିଶ୍ର | ସୁନ୍ଦରଗଡ଼ | ୦୨ | ୦୦ |
| ଶ୍ରୀମାନ୍ ବ୍ରଜକିଶୋର ପଟ୍ଟନାୟକ | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ସାହୁ | ସୁନ୍ଦରଗଡ଼ | ୦୨ | ୦୦ |
| ଇଂ. ଅଜୟ କୁମାର ମିଶ୍ର | କଟକ | ୦୨ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର ନାଥ ମହାରଣା | ସମ୍ବଲପୁର | ୦୨ | ୦୦ |
| କୁମାରୀ ସଂଗୀତା ପ୍ରଧାନ | ସମ୍ବଲପୁର | ୦୨ | ୦୦ |
| ଶ୍ରୀମାନ୍ ନିର୍ମଳ କୁମାର ବିଶ୍ୱାଳ | ବଲାଙ୍ଗୀର | ୦୨ | ୦୦ |
| ଶ୍ରୀମତୀ ଗାୟତ୍ରୀ ପଟ୍ଟନାୟକ | କଟକ | ୦୨ | ୦୦ |
| ଶ୍ରୀମାନ୍ ବ୍ରଜକିଶୋର ମଲ୍ଲିକ | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମାନ୍ ଅଜୟ କିଶୋର ମହାପାତ୍ର | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମତୀ ଶାନ୍ତିଲତା ମିଶ୍ର | ଗଞ୍ଜାମ | ୦୨ | ୦୦ |
| ଶ୍ରୀମତୀ କାନନବାଳା ନାୟକ | ବାଲେଶ୍ୱର | ୦୨ | ୦୦ |
| ଶ୍ରୀମତୀ ମଞ୍ଜୁକ୍ତା ପଟ୍ଟନାୟକ | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମାନ୍ ଭାଗ୍ୟରଥି ସାହୁ | ଦେବଗଡ଼ | ୦୨ | ୦୦ |
| ଶ୍ରୀମାନ୍ ଶିବପ୍ରସାଦ ସାହୁ | ରାୟଗଡ଼ା | ୦୨ | ୦୦ |
| ଶ୍ରୀମାନ୍ ମାନଗୋବିନ୍ଦ ପଲାଇ | ଖୋର୍ଦ୍ଧା | ୦୨ | ୦୦ |

**କ୍ରମଶଃ...**




ମଞ୍ଚାସୀନ ନ୍ୟାସର କୋଷାଧକ୍ଷ ଓ ସ୍ୱାମୀଜୀ



କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଭଜନ ପରିବେଷଣ





ଶ୍ରୁତିନ୍ୟାସ ପକ୍ଷରୁ ଭାରତୀୟ ସୌର ନବବର୍ଷ ଉପଲକ୍ଷେ ବନ୍ଧୁମିଳନ





ବାଦାମତଳିଆ (ରାଇରଙ୍ଗପୁର) ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କୁ ସ୍ୱାମୀଜୀଙ୍କ ମାର୍ଗଦର୍ଶନ






ରାଇରଙ୍ଗପୁର ଲିଟିଲ୍ ଫ୍ଲାୱାର ସ୍କୁଲର ମାତୃସମ୍ମିଳନୀ





ଉପସ୍ଥିତ ମାତୃମଣ୍ଡଳୀ

**RNI Regn. No. : ODIODI/2015/65938**

₹ 20/- Shruti Sourabha Vol. 3 Issue 3 March-April 2018



ଅତିଥିଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଘାଟନ



ଡଃ ପ୍ରମୋଦ କୁମାର ମହାନ୍ତଙ୍କ ଦ୍ୱାରା ସଂଯୋଜନା





ବେଦ ପ୍ରଚାର ସମିତି ରାଇରଙ୍ଗପୁର ପକ୍ଷରୁ ସ୍ଥାନୀୟ ଟାଉନ୍‌ହଲ୍‌ଠାରେ ବେଦ ପ୍ରବଚନ





ରାଇରଙ୍ଗପୁର ମହାବିଦ୍ୟାଳୟର ଜିଜ୍ଞାସୁ ବିଦ୍ୟାର୍ଥୀଙ୍କ ସତ୍‌ସଙ୍ଗ ଓ ଶଙ୍କା ସମାଧାନ

**Shruti Sourabha**

**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**